# ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୪-୨୫

## ମୁଖ୍ୟାଂଶ ଓ କାର୍ଯ୍ୟକାରୀ ସାରାଂଶ



ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ,
ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାର

# ଓଡ଼ିଶା ଅର୍ଥନୈତିକ ସର୍ଭେ

## ୨୦୨୫-୨୬

ମୁଖ୍ୟାଂଶ ଓ କାର୍ଯ୍ୟକାରୀ ସାରାଂଶ

ଫେବୃଆରୀ-୨୦୨୬

ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର



* ମାନଚିତ୍ରଟି ସଠିକ୍ ମାପ ଅନୁସାରେ ନୁହେଁ

# ଓଡ଼ିଶା ଅର୍ଥନୈତିକ ସର୍ଭେ

## ୨୦୨୫-୨୬

### ମୁଖ୍ୟାଂଶ ଓ କାର୍ଯ୍ୟକାରୀ ସାରାଂଶ

ଫେବୃଆରୀ-୨୦୨୬

ଓଡ଼ିଶା ଅର୍ଥନୈତିକ ସର୍ଭେ, ୨୦୨୫-୨୬ ସମ୍ପୂର୍ଣ୍ଣ ଇଂରାଜୀ ସଂସ୍କରଣକୁ ମାନ୍ୟବର ବିଧାୟକ ସଦସ୍ୟଙ୍କ ମଧ୍ୟରେ ପ୍ରସାରଣ ନିମନ୍ତେ https://odisha.neva.gov.in
୧୯ ଫେବୃଆରୀ, ୨୦୨୬ରେ ଅପ୍‌ଲୋଡ୍ କରାଯାଇଛି ।
ଏହା ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ୱେବ୍‌ସାଇଟ୍ ଯଥା
https://pc.odisha.gov.in/publication/economic-survey-report,
https://des.odisha.gov.in
ଏବଂ ଓଡ଼ିଶା ବଜେଟ୍ ୱେବ୍‌ସାଇଟ୍ https://budget.odisha.gov.in ରେ ଉପଲବ୍ଧ

ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର

© ଗ୍ରନ୍ଥସ୍ୱତ୍ୱ ୨୦୨୬
ଓଡ଼ିଶା ସରକାର

**ପ୍ରକାଶକ:**
ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର

ଓଡିଶା ଅର୍ଥନୈତିକ ସର୍ଭେରେ ବ୍ୟବହୃତ ମାନଚିତ୍ରଗୁଡ଼ିକ କେବଳ ଚିତ୍ରାତ୍ମକ ପ୍ରଦର୍ଶନ ପାଇଁ ଅଟେ ଏବଂ କୌଣସି ପ୍ରଶାସନିକ ସୀମା ନିର୍ଦ୍ଧାରଣର ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ନୁହେଁ।

ସମସ୍ତ ଅଧିକାର ସଂରକ୍ଷିତ ରହିଛି। ଏହି ପ୍ରକାଶନର କୌଣସି ଅଂଶ ଓଡ଼ିଶା ସରକାରଙ୍କ ବିନା ଅନୁମତିରେ ଯେକୌଣସି ରୂପରେ ପୁନଃପ୍ରକାଶିତ, ସଂରକ୍ଷିତ କିମ୍ବା ପ୍ରସାରଣ ହୋଇପାରିବ ନାହିଁ।

**ପ୍ରସ୍ତୁତକର୍ତ୍ତା:**
ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ
ଯୋଜନା ଓ ସଂଯୋଜନ ବିଭାଗ
ଓଡ଼ିଶା ସରକାର, ଭୁବନେଶ୍ୱର

**ରୂପରେଖ:**
ଆର୍ଡି ଆଇ କମ୍ୟୁନିକେସନସ୍, ଭୁବନେଶ୍ୱର

**ମୁଦ୍ରଣ:**
ଓଡ଼ିଶା ସରକାରୀ ପ୍ରେସ୍, ମଧୁପାଟଣା, କଟକ

# ସ୍ଥୁଳ ସମୀକ୍ଷା

## ଚିତ୍ର-୧: ବର୍ତ୍ତମାନର ମୂଲ୍ୟରେ ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ଲକ୍ଷ କୋଟି ଟଙ୍କାରେ

ଓଡ଼ିଶାର ଜିଏସଡିପି ୯.୮୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି - ୨୦୦୫-୦୬ ରୁ ୨୦୨୫-୨୬, ଦୁଇ ଦଶନ୍ଧି ମଧ୍ୟରେ ୧୦ ଗୁଣ ବୃଦ୍ଧି

ସାମଗ୍ରିକ ଭାବରେ ୨୦୦୫-୦୬ରୁ ୨୦୨୫-୨୬ ମଧ୍ୟରେ ସିଏଜିଆର ୧୨.୪ ପ୍ରତିଶତ




*ଟିପ୍ପଣୀ; ଏ.ଇ(ଅଗ୍ରୀମ ଆକଳନ)*

*ଉତ୍ସ : ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

## ଚିତ୍ର-୨: ୨୦୨୫-୨୬ ରେ ବର୍ତ୍ତମାନର ମୂଲ୍ୟରେ ମୋଟ ରାଜ୍ୟ ସଂଯୋଗିତ ମୂଲ୍ୟ (ଜିଏସଭିଏ) ସଂରଚନା (ଅଗ୍ରୀମ ଆକଳନ)




*ଉତ୍ସ : ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

## ଚିତ୍ର-୩: ଓଡ଼ିଶା ଓ ଭାରତର ସ୍ଥିର ମୂଲ୍ୟରେ ଜି(ଏସ୍)ଡିପି ଅଭିବୃଦ୍ଧି ହାର

ଓଡ଼ିଶାର ଅଭିବୃଦ୍ଧି ଦ୍ରୁତ ଗତିରେ ଜାରି ରହିଛି।




*ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର, ଏମଓଏସପିଆଇ, ଭାରତ ସରକାର*

## ଚିତ୍ର-୪ : ସ୍ଥିର ମୂଲ୍ୟରେ କ୍ଷେତ୍ରୀୟ ଜି. ଏସ୍. ଭି. ଏ. ଅଭିବୃଦ୍ଧି ହାର

ସେବା ଏବଂ ଶିଳ୍ପର ଉଚ୍ଚ ଅଭିବୃଦ୍ଧି ସହିତ ଏକ ଦ୍ରୁତ ଗଠନମୂଳକ ପରିବର୍ତ୍ତନ ଆଡକୁ ଗତି କରିଛନ୍ତି





| | ଅଭିବୃଦ୍ଧି ହାର ୨୦୨୫-୨୬(ଅଗ୍ରୀମ ଆକଳନ) | ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର (ସି. ଏ. ଜି. ଆର୍.) (୨୦୧୪-୧୫ ରୁ ୨୦୨୪-୨୫) | ଅଭିବୃଦ୍ଧି ହାର ୨୦୨୫-୨୬ (ଅଗ୍ରୀମ ଆକଳନ) | ଚକ୍ରବୃଦ୍ଧି ବାର୍ଷିକ ଅଭିବୃଦ୍ଧି ହାର (ସି. ଏ. ଜି. ଆର୍. ) (୨୦୧୪-୧୫ ରୁ ୨୦୨୪-୨୫) |
|---|---|---|---|---|
| ସେବା | ୯.୩ % | ୫.୫ % | ୯.୧% | ୬.୪% |
| ଶିଳ୍ପ | ୬.୪ % | ୮.୧ % | ୬.୨% | ୫.୭% |
| କୃଷି | ୫.୩ % | ୪.୫ % | ୩.୧% | ୪.୪% |

*ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର, ଜାତୀୟ ଆକାଉଣ୍ଟସ୍ ଡିଭିଜନ, ଏମଓଏସପିଆଇ, ଭାରତ ସରକାର*

## ଚିତ୍ର-୫ : ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ




ମୁଣ୍ଡପିଛା ଆୟରେ ବୃଦ୍ଧି : ୧୦ ବର୍ଷର ସିଏଜିଆର (୨୦୧୫-୧୬ ଏବଂ ୨୦୨୫-୨୬)



୧୧.୨%



୮.୮%

## ଚିତ୍ର-୬ : ବର୍ତ୍ତମାନର ମୂଲ୍ୟରେ ପ୍ରମୁଖ ରାଜ୍ୟଗୁଡ଼ିକର ମୁଣ୍ଡପିଛା ଆୟ, ୨୦୨୩-୨୪ (ଟଙ୍କାରେ)




*ଉସ : ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ; ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

## ଚିତ୍ର -୭: ଶ୍ରମଶକ୍ତିର ଅଂଶଗ୍ରହଣ ହାର, ୧୫ ବର୍ଷ+ (ପ୍ରତିଶତରେ)




## ଚିତ୍ର-୮ : ବିଭିନ୍ନ କ୍ଷେତ୍ର ଅନୁଯାୟୀ ଶ୍ରମିକଙ୍କ ବଣ୍ଟନ ୧୫ ବର୍ଷ+(୨୦୨୪)




*ଉସ: ପର୍ଯ୍ୟାୟ ଶ୍ରମ ଶକ୍ତି ସର୍ବେକ୍ଷଣ ୨୦୨୨ ଏବଂ ୨୦୨୪, ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

## ଚିତ୍ର -୯: ମହିଳା ଶ୍ରମ ଶକ୍ତି ଅଂଶଗ୍ରହଣ ହାର (ଏଫଏଲଏଫପିଆର), ୧୫ ବର୍ଷ+ (ପ୍ରତିଶତରେ)




## ଚିତ୍ର-୧୦: ୨୦୨୪ରେ ବିଭିନ୍ନ କ୍ଷେତ୍ରରେ ମହିଳା ଶ୍ରମିକଙ୍କ ବଣ୍ଟନ




*ଉତ୍ସ: ପର୍ଯ୍ୟାୟ ଶ୍ରମ ଶକ୍ତି ସର୍ବେକ୍ଷଣ ୨୦୨୨ ଏବଂ ୨୦୨୪, ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

## ଚିତ୍ର-୧୧: ଓଡ଼ିଶାରେ ନିୟମିତ ବେତନଭୋଗୀ କର୍ମଚାରୀମାନଙ୍କର ହାରାହାରି ମାସିକ ଆୟ (ଟଙ୍କାରେ) ୨୦୨୪




*ଟିପ୍ପଣୀ: ଟିପ୍ପଣୀ: ଶିକ୍ଷା ସ୍ତର; ଶିକ୍ଷା ବର୍ଗ: ନିମ୍ନ ଶିକ୍ଷା (ଶିକ୍ଷିତ ନୁହେଁ, ସାକ୍ଷର ଆନୁଷ୍ଠାନିକ ବିଦ୍ୟାଳୟ, ପ୍ରାଥମିକ ଶିକ୍ଷା ଏବଂ ପ୍ରାଥମିକ ଶିକ୍ଷା); ମାଧ୍ୟମିକ ଶିକ୍ଷା (ମଧ୍ୟମ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଏବଂ ଡିପ୍ଲୋମା/ସାର୍ଟିଫିକେଟ୍ ପାଠ୍ୟକ୍ରମ ସାଧାରଣ ଶିକ୍ଷା ବିନା କୌଣସି ବୈଷୟିକ ଶିକ୍ଷା); ଉଚ୍ଚଶିକ୍ଷା ସାଧାରଣ (କୌଣସି ବୈଷୟିକ ଶିକ୍ଷା ସହିତ ସ୍ନାତକ ଏବଂ ତା'ଠାରୁ ଅଧିକ ସାଧାରଣ ଶିକ୍ଷା); ଉଚ୍ଚ ଶିକ୍ଷା ବୈଷୟିକ (ଡିପ୍ଲୋମା / ସାର୍ଟିଫିକେଟ୍ ପାଠ୍ୟକ୍ରମ କିମ୍ବା ସ୍ନାତକ ଏବଂ ବୈଷୟିକ ଶିକ୍ଷା ସହିତ ସାଧାରଣ ଶିକ୍ଷା); ତାଲିମ ବର୍ଗ: ତାଲିମ (ଯେକୌଣସି ପ୍ରକାରର ତାଲିମ); କୌଣସି ତାଲିମ୍ ନାହିଁ (କୌଣସି ତାଲିମ୍ ପ୍ରାପ୍ତ କରିନାହିଁ)।*
*ଉତ୍ସ : ପର୍ଯ୍ୟାୟ ଶ୍ରମ ଶକ୍ତି ସର୍ବେକ୍ଷଣ, ୨୦୨୪*

## ଚିତ୍ର-୧୨ : ଓଡ଼ିଶା ଓ ସର୍ବଭାରତୀୟ ସ୍ତରରେ ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟ (ଏମ୍. ପି. ସି. ଇ. ) ଟଙ୍କାରେ

ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସର୍ବଭାରତୀୟ ସ୍ତର ଅପେକ୍ଷା ଓଡ଼ିଶାରେ ଏମପିସିଇ ଅଧିକ ହାରରେ ବୃଦ୍ଧି ପାଇଛି




## ଚିତ୍ର-୧୩: ଓଡ଼ିଶା ଘରୋଇ ମାସିକ ମୁଣ୍ଡପିଛା ଉପଭୋକ୍ତା ବ୍ୟୟର ଗଠନ - ଖାଦ୍ୟ ଏବଂ ଅଣଖାଦ୍ୟ ଖର୍ଚ୍ଚର ଅଂଶ, (ପ୍ରତିଶତରେ)

ମୋଟ ଏମ.ପି.ସି.ଇ. ଅଣଖାଦ୍ୟ ବ୍ୟୟର ଅଂଶ ବୃଦ୍ଧି ପାଇଥିବା ବେଳେ ଖାଦ୍ୟ ବ୍ୟୟର ଅଂଶ ହ୍ରାସ ପାଇଛି, ଯାହା ଉନ୍ନତମାନର ଜୀବନ ଧାରଣକୁ ସୂଚାଉ ଅଛି




*ଉତ୍ସ : ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ (ଏଚ୍ ସିଇଏସ୍), ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

## ଚିତ୍ର-୧୪ : ଓଡ଼ିଶାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମ୍ପତ୍ତିର ମାଲିକାନା

ଦୁଇ ଚକିଆ ଯାନର ମାଲିକାନା (ଶତକଡ଼ା)




କାର୍ ମାଲିକାନା (ଶତକଡ଼ା)




*ଉତ୍ସ : ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ (ଏଚ୍ ସିଇଏସ୍), ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ,*

## ଚିତ୍ର-୧୪: ଓଡ଼ିଶାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସମ୍ପତ୍ତିର ମାଲିକାନା







*ଉତ୍ସ : ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ (ଏଚ୍ ସିଇଏସ୍), ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ,*







*ଉତ୍ସ : ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ (ଏଚ୍ ସିଇଏସ୍), ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ,*

## ଚିତ୍ର-୧୫: ଓଡ଼ିଶା ଓ ଭାରତରେ ଶତକଡ଼ା ମୁଦ୍ରାସ୍ଫୀତି (ମିଶ୍ରିତ ସିପିଆଇ), ପ୍ରତିଶତରେ

ମୁଖ୍ୟତଃ ଖାଦ୍ୟ ମୂଲ୍ୟ ହ୍ରାସ ହେତୁ ମୁଦ୍ରାସ୍ଫୀତି ସମୟ କ୍ରମେ ହ୍ରାସ ପାଇଛି




## ଚିତ୍ର-୧୬ : ମିଶ୍ରିତ ସିପିଆଇରେ ଓଡ଼ିଶାରେ ଦ୍ରବ୍ୟ ଦ୍ୱାରା ମୁଦ୍ରାସ୍ଫୀତି ପ୍ରତିଶତ - ୨୦୨୫-୨୬ (ଏପ୍ରିଲ-ଡିସେମ୍ବର ୨୦୨୫)

| ବର୍ଗ | ମିଶ୍ରିତ ସିପିଆଇ |
|---|---|
| ପନିପରିବା | -୧୯.୪ |
| ଡାଲି ଜାତୀୟ ଉତ୍ପାଦନ | -୧୬.୦ |
| ମାଛ- ମାଂସ | ୦.୬ |
| ଅଣ୍ଡା | ୧.୪ |
| ପୋଷାକ ଏବଂ ଜୋତା | ୧.୯ |
| ଇନ୍ଧନ ଏବଂ ବିଦ୍ୟୁତ୍ | ୨.୦ |
| ପରିବହନ ଓ ଯୋଗାଯୋଗ | ୨.୩ |
| ମନୋରଞ୍ଜନ | ୨.୩ |
| କ୍ଷୀର ଜାତୀୟ ଉତ୍ପାଦ | ୨.୬ |
| ଶସ୍ୟ ଜାତୀୟ ଉତ୍ପାଦ | ୩.୪ |
| ସ୍ୱାସ୍ଥ୍ୟ | ୫.୨ |
| ଶିକ୍ଷା | ୮.୦ |
| ଫଳ ସାମଗ୍ରୀ | ୮.୫ |
| ତେଲ ଓ ଚର୍ବି ଜାତୀୟ | ୧୯.୪ |

*ଉତ୍ସ : ଖାଉଟି ମୂଲ୍ୟ ସୂଚକାଙ୍କ, ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ , ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ।*



# ବିତ୍ତୀୟ ବିକାଶ

## ଚିତ୍ର-୧୭: ଓଡ଼ିଶାରେ ଉନ୍ନୟନ ବ୍ୟୟ (କୋଟି ଟଙ୍କାରେ)




*ଉତ୍ସ: ବାର୍ଷିକ ବଜେଟ୍ ଦସ୍ତାବିଜ, ଅର୍ଥ ବିଭାଗ, ଓଡ଼ିଶା ସରକାର ଏବଂ ଅର୍ଥ ଆକାଉଣ୍ଟସ୍ ୨୦୨୪-୨୫, ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ), ଓଡ଼ିଶା*

## ଚିତ୍ର-୧୮ : ଓଡ଼ିଶାରେ ପୁଞ୍ଜି ବ୍ୟୟବରାଦ (କୋଟି ଟଙ୍କାରେ)




*ଟିପ୍ପଣୀ : ଉତ୍ପାଦନ ଉପରେ ସାତ ବର୍ଷ ମଧ୍ୟରେ ସମୁଦାୟ ଖର୍ଚ୍ଚ ୪.୮ ଗୁଣା ବୃଦ୍ଧି ହୋଇଛି*

*ଉତ୍ସ : ବାର୍ଷିକ ବଜେଟ୍ ଦସ୍ତାବିଜ, ଅର୍ଥ ବିଭାଗ, ଓଡ଼ିଶା ସରକାର ଏବଂ ଫାଇନାନ୍ସ ଆକାଉଣ୍ଟସ୍ ୨୦୨୪-୨୫, ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ), ଓଡ଼ିଶା*

## ଚିତ୍ର-୧୯: ଓଡ଼ିଶାରେ ସାମାଜିକ କ୍ଷେତ୍ରରେ ବ୍ୟୟ (କୋଟି ଟଙ୍କାରେ ଏବଂ ପ୍ରତିଶତରେ)




*ଉତ୍ସ : ବାର୍ଷିକ ବଜେଟ୍ ଦସ୍ତାବିଜ, ଅର୍ଥ ବିଭାଗ, ଓଡ଼ିଶା ସରକାର ଏବଂ ଅର୍ଥ ଆକାଉଣ୍ଟସ୍ ୨୦୨୪-୨୫, ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ), ଓଡ଼ିଶା*

## ଚିତ୍ର-୨୦: ଓଡ଼ିଶାରେ ଋଣ ଭାର (ଜି.ଏସ.ଡି.ପି. ର % ହିସାବରେ)




*ଉତ୍ସ : ବାର୍ଷିକ ବଜେଟ୍ ଦସ୍ତାବିଜ, ଅର୍ଥ ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୨୧ : ରାଜ୍ୟୱାରି ସୁଧ ପରିଶୋଧ (ରାଜସ୍ୱ ପ୍ରାପ୍ତିର % ହିସାବରେ), ୨୦୨୫-୨୬ ବଜେଟ୍ ଆକଳନ (ପ୍ରମୁଖ ରାଜ୍ୟମାନଙ୍କ ମାନ୍ୟତା କ୍ରମରେ)




ଓଡ଼ିଶାର ଋଣ ସେବା ବୋଝ ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ସର୍ବନିମ୍ନ ।

*ଉତ୍ସ : ରାଜ୍ୟ ଅର୍ଥ: ୨୦୨୫-୨୬ ବଜେଟର ଏକ ଅଧ୍ୟୟନ, ଭାରତୀୟ ରିଜର୍ଭ ବ୍ୟାଙ୍କ*

## ଚିତ୍ର-୨୨ : ବିତ୍ତୀୟ ନିଅଣ୍ଟ (ଜି.ଏସ.ଡି.ପି. ର % ହିସାବରେ) - ଓଡ଼ିଶା




*ଉତ୍ସ : ବାର୍ଷିକ ବଜେଟ୍ ଦସ୍ତାବିଜ, ଅର୍ଥ ବିଭାଗ, ଓଡ଼ିଶା ସରକାର ଏବଂ ଫାଇନାନ୍ସ ଆକାଉଣ୍ଟସ୍ ୨୦୨୪-୨୫, ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ), ଓଡ଼ିଶା*

## ଚିତ୍ର-୨୩: ରାଜସ୍ୱ ବଳକା (ଜି.ଏସ.ଡି.ପି. ର % ହିସାବରେ) - ଓଡ଼ିଶା




*ଉତ୍ସ : ବାର୍ଷିକ ବଜେଟ୍ ଦସ୍ତାବିଜ, ଅର୍ଥ ବିଭାଗ, ଓଡ଼ିଶା ସରକାର ଏବଂ ଫାଇନାନ୍ସ ଆକାଉଣ୍ଟସ୍ ୨୦୨୪-୨୫, ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏ ଆଣ୍ଡ ଇ), ଓଡ଼ିଶା*

# କୃଷି, ପ୍ରାଣୀସମ୍ପଦ ଓ ମତ୍ସ୍ୟଚାଷ

## ଚିତ୍ର-୨୪: କୃଷି ଜିଏସଭିଏ ରେ ବିଭିନ୍ନ ଉପକ୍ଷେତ୍ରର ପ୍ରତିଶତରେ ଭାଗିଦାରୀ – (୨୦୨୫-୨୬), ଅଗ୍ରୀମ ଆକଳନ




ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

## ଚିତ୍ର-୨୫: ସ୍ଥିର ମୂଲ୍ୟରେ କୃଷିର ବିଭିନ୍ନ ଉପ-କ୍ଷେତ୍ରର ହାରାହାରି ଅଭିବୃଦ୍ଧି ହାର - (୨୦୨୫-୨୬), ଅଗ୍ରୀମ ଆକଳନ




ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର

## ଚିତ୍ର-୨୬: ସ୍ଥିର ମୂଲ୍ୟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ହାରାହାରି ବୃଦ୍ଧି




କ୍ରମାଗତ ଭାବରେ କୃଷି କ୍ଷେତ୍ରରେ ଓଡିଶା ଭାରତଠାରୁ ଅଧିକ ହାରରେ ବଢୁଛି

ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର, ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ

## ଚିତ୍ର-୨୭: ୨୦୨୪-୨୫ରେ ବିଭିନ୍ନ ଫସଲ ଅଧିନସ୍ଥ କ୍ଷେତ୍ରଫଳ (% ଜିସିଏ ହିସାବରେ)

## ଚିତ୍ର-୨୮: ପ୍ରମୁଖ ଫସଲ ଅଧୀନରେ ଥିବା କ୍ଷେତ୍ର (ଲକ୍ଷ ହେକ୍ଟରରେ)

### ରାଜ୍ୟରେ ଫସଲ ପ୍ରକାରରେ ବିଭିନ୍ନତା ବଢ଼ିଛି







*ଉତ୍ସ : କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୨୯ : ଓଡ଼ିଶାରେ ଧାନ ସଂଗ୍ରହ

## ଚିତ୍ର-୩୦ : ମାଣ୍ଡିଆ ସଂଗ୍ରହ

### ଧାନ ଓ ମାଣ୍ଡିଆ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି ରେକର୍ଡ









**୨୦୨୪-୨୫ରେ ୧୯.୭୩ କୃଷକମାନେ ଉପକୃତ ହୋଇଛନ୍ତି (ଲକ୍ଷରେ)**



**୭.୪୧ ୨୦୨୪-୨୫ ରେ ପ୍ରଦାନ କରାଯାଇଥିବା ଇନପୁଟ୍ ସହାୟତା (ହଜାର କୋଟି ଟଙ୍କାରେ)**



**୨୦୨୪-୨୫ରେ ୭୩.୩ କୃଷକମାନେ ଉପକୃତ ହୋଇଛନ୍ତି (ହଜାରରେ)**

*ଉତ୍ସ : ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର*

*ଉତ୍ସ : ଟ୍ରାଇବାଲ୍ ଡେଭଲପମେଣ୍ଟ କୋ-ଅପରେଟିଭ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, ଓଡ଼ିଶା ସରକାର*

## ଚିତ୍ର-୩୧ : ଖରିଫ ଋତୁରେ ସୃଷ୍ଟି ହୋଇଥିବା ଜଳସେଚନ କ୍ଷମତା (ଲକ୍ଷ ହେକ୍ଟରରେ)

## ଚିତ୍ର-୩୨: ରବି ଋତୁରେ ସୃଷ୍ଟି ହୋଇଥିବା ଜଳସେଚନ କ୍ଷମତା (ଲକ୍ଷ ହେକ୍ଟରରେ)

୨୦୨୦-୨୧ ଏବଂ ୨୦୨୪-୨୫ ମଧ୍ୟରେ ଖରିଫ ଋତୁରେ ପ୍ରାୟ ୭ ଲକ୍ଷ ହେକ୍ଟର ଜମିରେ ଜଳସେଚନ କ୍ଷମତା ସୃଷ୍ଟି କରାଯାଇଛି







*ଉତ୍ସ : ଜଳ ସମ୍ପଦ ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୩୩: ଓଡ଼ିଶାରେ ଫସଲର ତୀବ୍ରତା (ପ୍ରତିଶତରେ)




ଓଡିଶାରେ ଜଳସେଚନ କ୍ଷମତା ବଢିବା ଓ ଧାନ ଅମଳ ପରେ ଖାଲି ପଡିଥିବା ଜମିକୁ ଚାଷରେ ବ୍ୟବହାର କରାଯାଇଥିବାରୁ ଫସଲର ତୀବ୍ରତାରେ ବୃଦ୍ଧି ଘଟିଛି

*ଉତ୍ସ : କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୩୪: ଓଡ଼ିଶାରେ ଦୁଗ୍ଧ ଉତ୍ପାଦନ (ଲକ୍ଷ ମେଟ୍ରିକ୍ ଟନରେ)

୨୦୨୦-୨୧ ରୁ ୨୦୨୪-୨୫ ମଧ୍ୟରେ ଓଡ଼ିଶାର ଦୁଗ୍ଧ ଉତ୍ପାଦନ ୩.୪ ପ୍ରତିଶତ ସିଏଜିଆରରେ ବୃଦ୍ଧିପାଇଛି




## ଚିତ୍ର-୩୫: ଓଡ଼ିଶାରେ ଦୁଗ୍ଧର ମୁଣ୍ଡପିଛା ଉପଲବ୍ଧି (ଗ୍ରାମ/ଦିନରେ)

ମୁଣ୍ଡପିଛା ଦୁଗ୍ଧ ଉପଲବ୍ଧିରେ ବୃଦ୍ଧି ଘଟିଛି ମାତ୍ର ଏହା ଜାତୀୟ ହାର ଠାରୁ କମ ଅଟେ




*ଉତ୍ସ : ଓଡ଼ିଶା ସରକାରଙ୍କ ପଶୁପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟ*

## ଚିତ୍ର-୩୬: ଓଡ଼ିଶାରେ ଅଣ୍ଡା ଉତ୍ପାଦନ (କୋଟି ସଂଖ୍ୟାରେ)




## ଚିତ୍ର-୩୭: ଓଡ଼ିଶାରେ ମୁଣ୍ଡପିଛା ଅଣ୍ଡା ଉପଲବ୍ଧି (ସଂଖ୍ୟାରେ /ବର୍ଷପ୍ରତି)




*ଉତ୍ସ : ଓଡ଼ିଶା ସରକାରଙ୍କ ପଶୁପାଳନ ଓ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟ*

## ଚିତ୍ର-୩୮ : ଓଡ଼ିଶାରେ ମୋଟ ମାଛ ଉତ୍ପାଦନ (ଲକ୍ଷ ମେଟ୍ରିକ ଟନ୍ ରେ)

## ଚିତ୍ର-୩୯ : ଓଡ଼ିଶାରୁ ସାମୁଦ୍ରିକ ରପ୍ତାନିର ମୂଲ୍ୟ (କୋଟି ଟଙ୍କାରେ)

ମତ୍ସ୍ୟ ଉତ୍ପାଦନ ଏବଂ ରପ୍ତାନି ବୃଦ୍ଧି କରୁଥିବାବେଳେ ଆମଦାନୀ ହ୍ରାସ ପାଇଛି







*ଉତ୍ସ : ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ, ଓଡ଼ିଶା ସରକାର*

*ଉତ୍ସ : ସାମୁଦ୍ରିକ ପ୍ରୋତ୍ସାହନ ଏବଂ ରପ୍ତାନି ବିକାଶ ଏଜେନ୍ସି (ଏମପିଇଡିଏ), ଭାରତ ସରକାର:*

## ଚିତ୍ର-୪୦ : ମଧୁର ଜଳ ମାଛର ଆନ୍ତଃରାଜ୍ୟ ରପ୍ତାନି ଏବଂ ଆମଦାନୀ (ହଜାର ମେଟ୍ରିକ୍ ଟନ୍ ରେ)

## ଚିତ୍ର-୪୧ : ୨୦୨୪-୨୫ରେ ରାଜ୍ୟଓ୍ୱାରୀ ସାମୁଦ୍ରିକ ରପ୍ତାନି (କୋଟି ଟଙ୍କାରେ)







*ଉତ୍ସ : ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର*

*ଉତ୍ସ : ବାଣିଜ୍ୟ ମନ୍ତ୍ରଣାଳୟ, ଭାରତ ସରକାର*

# ଶିଳ୍ପ କ୍ଷେତ୍ର

**ଚିତ୍ର-୪୨ : ଓଡ଼ିଶା ଏବଂ ସର୍ବଭାରତୀୟ ସ୍ତରରେ ୨୦୨୫-୨୬ ପାଇଁ ଶିଳ୍ପ କ୍ଷେତ୍ରର ଜିଭିଏ ଅଭିବୃଦ୍ଧି (ସ୍ଥିର ମୂଲ୍ୟରେ) ଅଗ୍ରୀମ ଆକଳନ**




*ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର ଓ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟଣ ମନ୍ତ୍ରଣାଳୟ, ଭାରତ ସରକାର*

**ଚିତ୍ର-୪୩ : ୨୦୨୫-୨୬ ରେ ଚଳନ୍ତି ମୂଲ୍ୟରେ ଓଡ଼ିଶାରେ ବିଭିନ୍ନ ଶିଳ୍ପ ଉପ-କ୍ଷେତ୍ର ଯୋଗୁଁ ମୋଟ ସଂଯୋଗିତ ମୂଲ୍ୟରେ ଅଂଶ (ପ୍ରତିଶତରେ)ଅଗ୍ରୀମ ଆକଳନ**




*ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର ଓ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟଣ ମନ୍ତ୍ରଣାଳୟ, ଭାରତ ସରକାର*

**ଚିତ୍ର-୪୪ : ୨୦୨୫-୨୬ ଓଡ଼ିଶା ଏବଂ ଭାରତରେ ଶିଳ୍ପ ଉପ-କ୍ଷେତ୍ରର ମୋଟ ସଂଯୋଗିତ ମୂଲ୍ୟରେ ଅଭିବୃଦ୍ଧି (ସ୍ଥିର ମୂଲ୍ୟରେ), ଅଗ୍ରୀମ ଆକଳନ**




*ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର ଓ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟଣ ମନ୍ତ୍ରଣାଳୟ, ଭାରତ ସରକାର*

## ଚିତ୍ର-୪୫ : ଶିଳ୍ପ କ୍ଷେତ୍ର ଭିଜନ, ଓଡ଼ିଶା

୧ — ୨୦୪୭ ସୁଦ୍ଧା ଓଡ଼ିଶା ଶ୍ରେଷ୍ଠ ୫ଟି ଉତ୍ପାଦନକାରୀ ରାଜ୍ୟ ମଧ୍ୟରୁ ଗୋଟିଏ ହେବା ଏବଂ ଅତି କମରେ ଦୁଇଟି ପ୍ରମୁଖ ସବୁଜ ଶିଳ୍ପ ମୁଖ୍ୟ କେନ୍ଦ୍ର ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି ।

୨ — ଉତ୍ପାଦନ କ୍ଷେତ୍ରରେ ନିଯୁକ୍ତି ଦୁଇଗୁଣ କରିବା ଏବଂ ଶ୍ରମ କଲ୍ୟାଣ ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ସହିତ ଆସନ୍ତା ୧୫-୨୦ ବର୍ଷ ମଧ୍ୟରେ ୩୦ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବାକୁ ଓଡିଶା ଲକ୍ଷ୍ୟ ରଖିଛି ।



୫ — ୨୦୪୭ ସୁଦ୍ଧା ଭାରତର ମୋଟ ରପ୍ତାନିରେ ୭.୫% ଅଂଶଧନ ହାସଲ କରିବାକୁ ଓଡିଶାର ଲକ୍ଷ୍ୟ ରଖାଯାଇଛି । ୨୦୩୬ ସୁଦ୍ଧା ମଧ୍ୟବର୍ତ୍ତୀକାଳୀନ ଓଡିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଗୁଡ଼ିକରେ ବର୍ତ୍ତମାନ ୩% ରୁ ବୃଦ୍ଧି ହୋଇ ୫% କୁ ବୃଦ୍ଧି ହେବାର ଲକ୍ଷ୍ୟ ରଖାଯାଇଛି ।

୩ — ରାଜ୍ୟ ମଧ୍ୟରେ ପ୍ରତିବର୍ଷ ନିଯୁକ୍ତି ସୃଷ୍ଟି ଉପରେ ଧ୍ୟାନ ଦେଇ ବୟନ ଏବଂ ପୋଷାକ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ ତଥା ଏମଏସଏମଇ ସମେତ ନିଯୁକ୍ତି ପ୍ରଧାନ କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ ।

୪ — ୨୦୩୬ ସୁଦ୍ଧା ବ୍ୟବସାୟ ପରିଚାଳନାର ସହଜତାରେ ଶୀର୍ଷ ତୃତୀୟ ସ୍ଥାନ ହାସଲ କରିବାକୁ ଓଡିଶା ଲକ୍ଷ୍ୟ ରଖିଛି ।

*ଉତ୍ସ : ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟ ୨୦୩୬ ଏବଂ ୨୦୪୭, ଓଡ଼ିଶା ସରକାର*

## ଚିତ୍ର-୪୬ : ଓଡ଼ିଶାରେ ଉତ୍ପାଦନ କ୍ଷେତ୍ର ସମ୍ବନ୍ଧୀୟ ସାରାଂଶ, ୨୦୨୩-୨୪

| | ଉଦ୍ୟୋଗ ସଂଖ୍ୟା | ସମୁଦାୟ ଆଉଟପୁଟ୍ | ନିଯୁକ୍ତି |
|---|---|---|---|
| ସମୁଦାୟ | ୮.୦୮ ଲକ୍ଷ ଉଦ୍ୟୋଗ | ୫.୪ ଲକ୍ଷ କୋଟି ଟଙ୍କା | ୧୬.୯ ଲକ୍ଷ ଶ୍ରମିକ |
| ସଂଗଠିତ କ୍ଷେତ୍ରର ଉଦ୍ୟୋଗ | ୩୨୮୧ ଉଦ୍ୟୋଗ | ୫.୨ ଲକ୍ଷ କୋଟି ଟଙ୍କା | ୩.୭ ଲକ୍ଷ ଶ୍ରମିକ |
| ଅସଂଗଠିତ କ୍ଷେତ୍ରର ଉଦ୍ୟୋଗ | ୮.୦୫ ଲକ୍ଷ ଉଦ୍ୟୋଗ | ୦.୨ ଲକ୍ଷ କୋଟି ଟଙ୍କା | ୧୩.୨ ଲକ୍ଷ ଶ୍ରମିକ |

*ଉତ୍ସ : ଶିଳ୍ପଗୁଡ଼ିକର ବାର୍ଷିକ ସର୍ବେକ୍ଷଣ (ଏଏସଆଇ) ଏବଂ ଅସଂଗଠିତ କ୍ଷେତ୍ର ଉଦ୍ୟୋଗର ବାର୍ଷିକ ସର୍ବେକ୍ଷଣ, ଏମଓଏସପିଆଇ, ଭାରତ ସରକାର, ୨୦୨୩-୨୪*

## ଚିତ୍ର-୪୭ : ୨୦୨୩-୨୪ ପାଇଁ ଓଡ଼ିଶାରେ ବିଭିନ୍ନ ଅଣଧାତୁ ଉଦ୍ୟୋଗର ନିଯୁକ୍ତି ଏବଂ ଜିଭିଏ




*ଗାର୍ମେଣ୍ଟ ଶିଳ୍ପ ସବୁଠାରୁ ଅଧିକ ଶ୍ରମ ନିବେଶକ ଶିଳ୍ପ। ଏଠାରେ ପ୍ରତି କୋଟି ଟଙ୍କା ପୁଞ୍ଜି ପିଛା ୫୦.୬ ଜଣ ଶ୍ରମିକ ନିଯୁକ୍ତ ହୁଅନ୍ତି। ବୟନଶିଳ୍ପ ଏବଂ ଫ୍ୟାବ୍ରିକେଟେଡ୍ ମେଟାଲ ଶିଳ୍ପରେ ଏହି ହାର କମ୍ , ଯେଉଁଠି ପ୍ରତିକ୍ରମେ ୧୨.୫% ଏବଂ ୯.୩% ଶ୍ରମିକ ନିଯୁକ୍ତିର ସୁଯୋଗ ରହେ। କାଠ, ଔଷଧ, ଖାଦ୍ୟ, ରବର, ଆସବାବପତ୍ର, ଏବଂ ବିଦ୍ୟୁତ ଉପକରଣ ଶିଳ୍ପରେ ମଧ୍ୟମ ମାପର ଶ୍ରମ ନିବେଶକ ବ୍ୟବହାର ଦେଖାଯାଏ। ଏଠାରେ ପ୍ରତି କୋଟି ଟଙ୍କା ପୁଞ୍ଜି ପିଛା ୪ ରୁ ୬ ଜଣ ଶ୍ରମିକ ଦରକାର ହୁଅନ୍ତି।*

*ଉତ୍ସ : ଶିଳ୍ପଗୁଡ଼ିକର ବାର୍ଷିକ ସର୍ବେକ୍ଷଣ (ଏ ଏସ ଆଇ ) ଏବଂ ଅସଂଗଠିତ କ୍ଷେତ୍ର ଉଦ୍ୟୋଗର ବାର୍ଷିକ ସର୍ବେକ୍ଷଣ , ଏମଓଏସପିଆଇ, ଭାରତ ସରକାର, ୨୦୨୩-୨୪*

## ଚିତ୍ର-୪୮ : ରୋଡ୍ ସୋ ଏବଂ ପୁଞ୍ଜି ନିବେଶର ପ୍ରତିଶ୍ରୁତି

| | #ଏମଓୟୁ | ନିବେଶ ପ୍ରତିଶ୍ରୁତିବଦ୍ଧତା (ହଜାର କୋଟି ଟଙ୍କାରେ) | ନିଯୁକ୍ତି ସମ୍ଭାବନା (ହଜାରରେ) |
|---|---|---|---|
| ମେକ୍ ଇନ୍ ଓଡ଼ିଶା ୨୦୨୫ | ୧୪୫ | ୧୨୮୯.୪ | ୮୯୧ |
| ଆଇଓସିଏଲ୍ ଦିଲ୍ଲୀ ଇଭେଣ୍ଟ ୨୦୨୫ | ୧୩ | ୯୫.୨ | ୧୬ |
| ଆଇଓସିଏଲ ଟେକ୍ସ ୨୦୨୫ | ୩୩ | ୭.୮ | ୫୩ |
| ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ | ୪୪ | ୬.୩ | ୩୯ |
| ହାଇଦ୍ରାବାଦ ନିବେଶକ ସମ୍ମିଳନୀ ୨୦୨୫ | ୧୩ | ୨୬.0 | ୧୬ |
| କୋଲକାତା ନିବେଶକ ସମ୍ମିଳନୀ ୨୦୨୫ | ୨୭ | ୮୧.୯ | ୬୩ |

*ଉତ୍ସ : ଇପିକଲ, ଓଡ଼ିଶା ସରକାର*

## ଚିତ୍ର-୪୯: ଶିଳ୍ପରେ ବିବିଧତା

ଶିଳ୍ପରେ ପୁଞ୍ଜିନିବେଶ କରୁଥିବା କ୍ଷେତ୍ରଗୁଡିକରେ ବୃଦ୍ଧି ଘଟିଛି ଯାହାକି ଶିଳ୍ପର ବିବିଧତାରେ ବଢୁଥିବା ବ୍ୟାପକତାକୁ ସୂଚାଇଥାଏ




*ଉତ୍ସ : ଇପିକଲ୍, ଓଡ଼ିଶା ସରକାର*

## ଚିତ୍ର-୫୦: ଡିଜିଟାଲ ଉପକରଣ ବ୍ୟବହାର କରୁଥିବା ଉଦ୍ୟୋଗ ଗୁଡିକ ଅଧିକ ଉତ୍ପାଦକତା ପ୍ରଦର୍ଶନ କରନ୍ତି




*ଟିପ୍ପଣୀ: ଇଣ୍ଟରନେଟର ଶୀର୍ଷ ବ୍ୟବହାର ହେଉଛି ବ୍ୟାଙ୍କିଂ ସେବା, ଦ୍ରବ୍ୟ ଏବଂ ସେବା, ଯୋଗାଯୋଗ, ସରକାରୀ ପାରସ୍ପରିକ କ୍ରିୟା ବିଷୟରେ ସୂଚନା ଖୋଜିବା।*

*ଉତ୍ସ : ଅସଂଗଠିତ ଉଦ୍ୟୋଗଗୁଡ଼ିକର ବାର୍ଷିକ ସର୍ବେକ୍ଷଣ, ଏମଓଏସପିଆଇ, ଭାରତ ସରକାର ୨୦୨୩-୨୪*

## ଚିତ୍ର- ୫୧: ଅସଂଗଠିତ ଉତ୍ପାଦନ କ୍ଷେତ୍ରରେ ମନୋନୀତ ଅଧାତବ ଉତ୍ପାଦର ପ୍ରମୁଖ ଜିଲ୍ଲା, ଓଡ଼ିଶା

କ୍ଲଷ୍ଟର ଭିତ୍ତିକ ଉନ୍ନତି ପାଇଁ ଓଡ଼ିଶା ଶିଳ୍ପ ଭିତ୍ତିଭୂମିରେ ଉନ୍ନତି କରୁଛି




** ମାନଚିତ୍ରଟି ସଠିକ୍ ମାପ ଅନୁସାରେ ନୁହେଁ*

*ଉତ୍ସ : ଅସଂଗଠିତ କ୍ଷେତ୍ର ଉଦ୍ୟୋଗ ଗୁଡିକର ବାର୍ଷିକ ସର୍ବେକ୍ଷଣ, ଏମ୍‌ଓଏସ୍ପିଆଇ, ଭାରତ ସରକାର, ୨୦୨୩-୨୪ ଏବଂ ୨୦୨୦-୨୧ ପାଇଁ ଏଏସ୍ଆଇ ଜିଲ୍ଲା ସ୍ତରୀୟ ତଥ୍ୟ*

## ଚିତ୍ର-୫୨: ଓଡିଶାରେ ଫ୍ଲାଗସିପ୍ ଶିଳ୍ପ ଭିତ୍ତିଭୂମି ପ୍ରକଳ୍ପର ଭୌଗୋଳିକ ବିତରଣ




** ମାନଚିତ୍ରଟି ସଠିକ୍ ମାପ ଅନୁସାରେ ନୁହେଁ*

*ଉତ୍ସ : ଅସଂଗଠିତ କ୍ଷେତ୍ର ଉଦ୍ୟୋଗ ଗୁଡିକର ବାର୍ଷିକ ସର୍ବେକ୍ଷଣ, ଏମ୍‌ଓଏସ୍ପିଆଇ, ଭାରତ ସରକାର, ୨୦୨୩-୨୪ ଏବଂ ୨୦୨୦-୨୧ ପାଇଁ ଏଏସ୍ଆଇ ଜିଲ୍ଲା ସ୍ତରୀୟ ତଥ୍ୟ*

## ଚିତ୍ର-୫୩: ପୁଞ୍ଜି ନିବେଶ ଓ ପ୍ରମୁଖ କ୍ଷେତ୍ରଗୁଡିକର ଉତ୍ପାଦ, ଓଡ଼ିଶା

ବିଭିନ୍ନ ଅଣ ଧାତବ କ୍ଷେତ୍ରରେ ଓଡ଼ିଶା ପୁଞ୍ଜିନିବେଶକୁ ଆକର୍ଷିତ କରୁଛି




*ଉତ୍ସ: ଏଏସଆଇ, ଏମଓଏସପିଆଇ, ଭାରତ ସରକାର, ୨୦୨୩-୨୪*

## ଚିତ୍ର- ୫୪ : ବ୍ୟବସାୟିକ ସରଳିକରଣକୁ ପ୍ରୋତ୍ସାହନ ଦେବା ଲାଗି ସରକାରୀ ପଦକ୍ଷେପ




*ଉତ୍ସ : ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ଏବଂ ନିବେଶ ନିଗମ ଲିମିଟେଡ୍ (ଆଇପିସିଓଏଲ୍)*

## ଚିତ୍ର-୫୫ : ସର୍ବଭାରତୀୟ ଖଣିଜ ଉତ୍ପାଦନରେ ଓଡ଼ିଶାର ଅଂଶ ଏବଂ ମାନ୍ୟତା, ୨୦୨୪-୨୫

ପ୍ରମୁଖ ଖଣିଜ ପଦାର୍ଥ ଉତ୍ପାଦନରେ ଓଡ଼ିଶା ଅଗ୍ରଣୀ ଅଟେ । (ବିଭିନ୍ନ ଖଣିଜ ପଦାର୍ଥରେ ପ୍ରତିଶତ ଭାଗିଦାରୀ)




*ଉତ୍ସ : ଆଇ.ବି.ଏମ୍., ଭାରତ ସରକାର ୨୦୨୪-୨୫*

# ସେବାକ୍ଷେତ୍ର

## ଚିତ୍ର-୫୬: ସ୍ଥିର ମୂଲ୍ୟରେ ଓଡ଼ିଶା ଓ ସର୍ବଭାରତୀୟ ସ୍ତରରେ ସେବା କ୍ଷେତ୍ରର ଜିଭିଏର ଅଭିବୃଦ୍ଧି ହାର

ସେବା କ୍ଷେତ୍ରର ଆର୍ଥିକ ବର୍ଷ ୨୦୧୪-୧୫ ରୁ ୨୦୨୪-୨୫ ମଧ୍ୟରେ ୫.୫% ଅଭିବୃଦ୍ଧି ହାର ଥିଲା କିନ୍ତୁ ଏବେ ଏହା ୯.୩% ବୃଦ୍ଧି ହୋଇ ଭଲ ପ୍ରଗତି ପ୍ରଦର୍ଶନ କରୁଛି




*- ସମସ୍ତ ଆକଳନ ୨୦୨୫-୨୬ ପାଇଁ ଅଗ୍ରୀମ ଆକଳନ ଅଟେ ।*
*ଉତ୍ସ :ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର ଏବଂ ଏମଓଏସପିଆଇ, ଭାରତ ସରକାର*

## ଚିତ୍ର-୫୭: ଓଡ଼ିଶାରେ ସେବା ଉପକ୍ଷେତ୍ରର ଅଭିବୃଦ୍ଧି




*ଉତ୍ସ : ଅର୍ଥନୀତି ଏବଂ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର*

## ଚିତ୍ର- ୫୮ : ଆଇଟି କ୍ଷେତ୍ର ଓ ଏଆଇ ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ପ୍ରମୁଖ ସରକାରୀ ନୀତି

ଓଡ଼ିଶା ଏଆଇ ପଲିସି ୨୦୨୫

**୦୧ ଯୋଗାଯୋଗ କ୍ଷମତା**

ଓଡ଼ିଶାର ଲକ୍ଷ୍ୟ

ରାଜ୍ୟରେ ୨୦୨୯ ସୁଦ୍ଧା ୯୦% ଏବଂ ୨୦୩୬ ସୁଦ୍ଧା ୧୩୦% ଇଣ୍ଟରନେଟ୍ ପ୍ରବେଶ ହେବ।

ତିନି ବର୍ଷ ମଧ୍ୟରେ ଇଣ୍ଟରନେଟ୍ ଗ୍ରାହକଙ୍କ ସଂଖ୍ୟା ପ୍ରତି ୧୦୦ ଜନସଂଖ୍ୟାରେ ୪୮.୮୯ ରୁ ୬୩ କୁ ବୃଦ୍ଧି ପାଇଛି, ୭୮% ପରିବାରରେ ବର୍ତ୍ତମାନ ଇଣ୍ଟରନେଟ୍ ଅଛି ।

ମୋବାଇଲ୍ ବ୍ୟବହାରକାରୀଙ୍କ ମଧ୍ୟରେ ସ୍ମାର୍ଟଫୋନ୍ ମାଲିକାନା ୭୮.୧ % ଅଟେ, ବ୍ୟାପକ ଏଆଇ ପ୍ରବେଶ ପାଇଁ ଆହୁରି ବିସ୍ତାର କରିବାକୁ ଯୋଜନା ରହିଛି ।

**୦୨ ଗଣନା କରିବା**

ଓଡ଼ିଶାର ଲକ୍ଷ୍ୟ :

ଡାଟା ସେଣ୍ଟର ଏବଂ କ୍ଲାଉଡର ଏକ ହାଇବ୍ରିଡ୍ ବ୍ୟବହାର କରି ୨୦୨୯ ସୁଦ୍ଧା ୫ ମେଗାୱାଟରୁ ୧୦ ମେଗାୱାଟ ଏବଂ ୨୦୩୬ ସୁଦ୍ଧା ୪୫ ମେଗାୱାଟକୁ କମ୍ପ୍ୟୁଟେସନାଲ ଶକ୍ତିକୁ ବୃଦ୍ଧି କରିବା ଲକ୍ଷ୍ୟ ।

ପାରମ୍ପାରିକ ପ୍ରୋସେସର ପାଇଁ ସୁଲଭ ମୂଲ୍ୟର ବିକଳ୍ପ ଭାବରେ ଶକ୍ତି-ଦକ୍ଷ ଟିପିୟୁ ଗ୍ରହଣ କରିବା ।

୨୦୨୯ ସୁଦ୍ଧା ଏଆଇ ଭିତ୍ତିଭୂମିରେ ୫୦% ଅକ୍ଷୟ ଶକ୍ତି ବ୍ୟବହାର, ୨୦୩୬ ସୁଦ୍ଧା ୬୫% କୁ ବୃଦ୍ଧି ପାଇବ ।

**୦୪ ଦକ୍ଷତା**

ଓଡ଼ିଶାର ଲକ୍ଷ୍ୟ :

୨୦୩୬ ସୁଦ୍ଧା ୯୦ % ବିଦ୍ୟାଳୟରେ ଏଆଇ ପାଠ୍ୟକ୍ରମ

୨୦୩୬ ସୁଦ୍ଧା ପ୍ରତିବର୍ଷ ଏଆଇରେ ବିଶେଷଜ୍ଞ ଥିବା ୫୫% ଏସଟିଇଏମ ଛାତ୍ର

ଏଆଇ ସମ୍ବନ୍ଧୀୟ ଦକ୍ଷତାରେ ବାର୍ଷିକ ୮,୦୦୦ ନାଗରିକଙ୍କୁ ଦକ୍ଷତା ବିକାଶ ଏବଂ ତାଲିମ ପ୍ରଦାନ କରିବା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଗ୍ରହଣ ଏବଂ ପରିଚାଳନା ପାଇଁ ୨୦୨୯ ସୁଦ୍ଧା ୭୫% ସରକାରୀ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି

**୦୩ ପ୍ରସଙ୍ଗ**

ଓଡ଼ିଶାର ଲକ୍ଷ୍ୟ :

ଇଣ୍ଡିଆଏଆଇ ସହିତ ଏହାର ଡାଟା ପ୍ଲାଟଫର୍ମକୁ ଏକୀକୃତ କରିବା ଏବଂ ୧ ଲକ୍ଷ ଛାତ୍ରଙ୍କ ସହିତ ଓଡ଼ିଆ ନିର୍ଦ୍ଦିଷ୍ଟ ଡାଟାସେଟ୍ ବିକଶିତ କରିବା ।

ସାତୋଟି ଏଆଇ ଇନୋଭେସନ୍ ସେଣ୍ଟରର ବିକାଶ ଯାହା ଓଡ଼ିଆ ଏବଂ ଆଦିବାସୀ ଭାଷା (ସାନ୍ତାଳି, ସଉରା, କୋୟା) ପାଇଁ ପ୍ରମୁଖ କ୍ଷେତ୍ରରେ ମଡେଲ ସୃଷ୍ଟି କରିବା।

ଉଚ୍ଚ ପ୍ରଭାବଶାଳୀ ଏଆଇ ବ୍ୟବହାର ମାମଲା ପାଇଁ ଏକ ଉତ୍ସର୍ଗୀକୃତ ଏଆଇ ସେଲ, ପାଇଲଟ୍ ପ୍ରୋଜେକ୍ଟ ଏବଂ ସ୍କେଲିଂକୁ ସୁଗମ କରିବ, ଗବେଷଣା ଏବଂ ସହଯୋଗ ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଦ୍ୱାରା ସମର୍ଥିତ ।



*ଉତ୍ସ : ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୫୯ :ଓଡ଼ିଶାରେ ଡିଜିଟାଲ ଦକ୍ଷତାରେ ଉନ୍ନତି ଘଟିଛି ।

| ୧୫ + ବୟସର ବ୍ୟକ୍ତିଙ୍କ ଶତକଡ଼ା ଯେଉଁମାନେ କରିପାରିବେ: | ୨୦୨୨-୨୩ | ୨୦୨୫ |
|---|---|---|
| ମୋବାଇଲ୍ କିମ୍ବା କମ୍ପ୍ୟୁଟର୍ ପରି ଡିଭାଇସ୍ ବ୍ୟବହାର କରି ସଂଲଗ୍ନ ଫାଇଲ୍ ଗୁଡ଼ିକ ସହିତ ମେସେଜ୍ (ଉଦାହରଣ ଇମେଲ୍, ମେସେଜିଂ ସର୍ଭିସ୍, ଏସ୍ ଏମ୍ ଏସ୍ ) ପ୍ରେରଣ କରିବା | ୪୩.୯% | ୫୩.୪% |
| ଇଣ୍ଟରନେଟ୍ ବ୍ୟବହାର କରିଛନ୍ତି | ୪୭.୫% | ୬୨.୧% |
| ଅନଲାଇନ୍ ବ୍ୟାଙ୍କିଂ ଟ୍ରାଞ୍ଜାକସନସ୍ କରିବା | ୨୯.୨% | ୪୦% |
| ମୋବାଇଲ୍ ଫୋନ୍ ବ୍ୟବହାର କରିବା | ୭୬.୮% | ୭୮.୧% |
| ଯେଉଁମାନେ ମୋବାଇଲ ଫୋନ ବ୍ୟବହାର କରୁଛନ୍ତି ସେମାନଙ୍କ ମଧ୍ୟରୁ ଶତକଡ଼ା ଲୋକ ସ୍ମାର୍ଟ ଫୋନ ବ୍ୟବହାର କରିଛନ୍ତି | - | ୭୭.୧% |



*ଉତ୍ସ : ସମଗ୍ର ବାର୍ଷିକ ମୋଡୁଲାର ସର୍ଭେ, (୨୦୨୨-୨୩ ), ଟେଲିକମ୍ ସର୍ଭେ (୨୦୨୫ ), ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ*

# ଭିତ୍ତିଭୂମି

## ଚିତ୍ର-୬୦ : ଓଡ଼ିଶାର ବିଦ୍ୟୁତ ଉତ୍ପାଦନ କ୍ଷମତା

## ଚିତ୍ର-୬୧ : ୨୦୨୪-୨୫ ଆର୍ଥିକ ବର୍ଷରେ ଓଡ଼ିଶାରେ ମୋଟ ବିଦ୍ୟୁତ ଉତ୍ପାଦନ କ୍ଷମତାରେ ବିଭିନ୍ନ ଉତ୍ସର ଭାଗିଦାରୀ

ଓଡ଼ିଶାକୁ ଶକ୍ତିଶାଳୀ କରିବା : ବ୍ୟବହାର, କ୍ଷମତା ଏବଂ ଅକ୍ଷୟ ଶକ୍ତିରେ ପରିବର୍ତ୍ତନ







*ଉତ୍ସ : ଗ୍ରିଡକୋ, ଓଡ଼ିଶା ସରକାର*
*ଟିପ୍ପଣୀ: ସ୍ଥାପିତ କ୍ଷମତା ରାଜ୍ୟ ସ୍ଥାପିତ କ୍ଷମତା ସହିତ ଚୁକ୍ତିବଦ୍ଧ କ୍ଷମତାକୁ ବୁଝାଏ ।*

## ଚିତ୍ର-୬୨: ଓଡ଼ିଶାରେ ବିଦ୍ୟୁତ୍ ଉପଲବ୍ଧି ଓ ଚାହିଦା (ମେଗାୱାଟରେ)




*ଉତ୍ସ : ଗ୍ରିଡକୋ, ଓଡ଼ିଶା ସରକାର*

## ଚିତ୍ର-୬୩: ଓଡ଼ିଶା ଓ ସର୍ବଭାରତୀୟ ସ୍ତରରେ ୨୦୨୩-୨୪ରେ ମୁଣ୍ଡପିଛା ବିଦ୍ୟୁତ ବ୍ୟବହାର (କିଲୋୱାଟ ଘଣ୍ଟାରେ)




*ଟିପ୍ପଣୀ: ସ୍ଥାପିତ କ୍ଷମତା ରାଜ୍ୟ ସ୍ଥାପିତ କ୍ଷମତା ସହିତ ଚୁକ୍ତିବଦ୍ଧ କ୍ଷମତାକୁ ବୁଝାଏ ।*

*ଉତ୍ସ : କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ, ଭାରତ ସରକାର*

## ଚିତ୍ର-୬୪: ୨୦୨୪-୨୫ରେ ଓଡ଼ିଶାର ସଡ଼କପଥର ଦୈର୍ଘ୍ୟ (କି.ମି.ରେ)




*ଉତ୍ସ : ସି.ଇ., ଏନଏଚ୍, ସି.ଇ. ଆର ଆଣ୍ଡବି, ପଞ୍ଚାୟତିରାଜ ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୬୫: ଓଡ଼ିଶାରେ ରେଳପଥର ଦୈର୍ଘ୍ୟ (କି.ମି.ରେ)




## ଚିତ୍ର-୬୬: ୨୦୨୧-୨୨ ରୁ ୨୦୨୪-୨୫ ମଧ୍ୟରେ ଓଡ଼ିଶାରୁ ରେଳରେ ଯାତ୍ରା କରିଥିବା ଯାତ୍ରୀଙ୍କ ସଂଖ୍ୟା (କୋଟିରେ)




*ଉତ୍ସ : ଓଡ଼ିଶା ରେଳ ଭିତ୍ତିଭୂମି ବିକାଶ ଲିମିଟେଡ୍ (ଓରିଡ଼ିଲ୍), ଓଡ଼ିଶା ସରକାର*

## ଚିତ୍ର-୬୭: ଓଡ଼ିଶାରେ ସହରୀକରଣର ହାର




## ଚିତ୍ର-୬୮ : ଓଡ଼ିଶାରେ ସହରାଞ୍ଚଳ କ୍ଷେତ୍ରର ପରିକଳ୍ପନା




*ଉତ୍ସ : ଭାରତୀୟ ଜନଗଣନା, ୨୦୧୧; ଭାରତ ଏବଂ ରାଜ୍ୟ ପାଇଁ ଜନସଂଖ୍ୟା ଆକଳନ ୨୦୧୧-୨୦୩୬, ଜାତୀୟ ଜନସଂଖ୍ୟା ଆୟୋଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭, ଓଡ଼ିଶା ସରକାର*

*ଟିପ୍ପଣୀ : ସମ୍ପ୍ରଦାୟ ସ୍ଥାନ: ଖୋଲା ସ୍ଥାନ, ପାର୍କ, ଜିମ୍, ନୀଳ ଏବଂ ସବୁଜ ଜୋନ୍*

## ଚିତ୍ର-୬୯ : ରାଜଧାନୀ ଭୁବନେଶ୍ୱରର ବୃଦ୍ଧି ପାଉଥିବା ପରିସରର ଅର୍ଥନୈତିକ ପଦଚିହ୍ନ (ବିସିପିପିଇଆର)




### ବିସିପିପିଇଆର

| | |
|---|---|
| ଜନସଂଖ୍ୟା ୨୦୨୫ | ୯.୨ ମିଲିୟନ୍ * (୧୭%) |
| ଜିଡିପିରେ ଯୋଗଦାନ | (୧୮.୮%) |
| ମୁଣ୍ଡପିଛା ଜିଡିପି (ସାମ୍ପ୍ରତିକ ମୂଲ୍ୟ, FY୨୫) | USD ୨୪୧୯* (0. ୯X) |
| କର୍ମଜୀବୀ (FY୨୫) | ୪.୧୩ ମିଲିୟନ* (୧୭%) |

** ଆନୁମାନିକ ସଂଖ୍ୟା*

ଉତ୍ସ: ଡବ୍ଲୁଆରଆଇ, ଜନସଂଖ୍ୟା ଆକଳନ ଉପରେ ବୈଷୟିକ ଗୋଷ୍ଠୀର ରିପୋର୍ଟ, ଏମଓଏସପିଆଇ ଏବଂ ଓଡ଼ିଶା ଭିଜନ ୨୦୪୭

**ପ୍ରମୁଖ ସଡ଼କ ପ୍ରକଳ୍ପ**

- କ୍ୟାପିଟାଲ ରିଜିଅନ ରିଙ୍ଗ ରୋଡ- ୪୩୨ କି.ମି.
- ଆଉଟର ରିଙ୍ଗ ରୋଡ- ୧୪୮ କି.ମି.
- ଭିତର ରିଙ୍ଗ ରୋଡ- ୬୫ କି.ମି.

58

*ଉତ୍ସ : ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଓଡିଶା ଭିଜନ ଦଲିଲ, ୨୦୩୬ ଏବଂ ୨୦୪୭, ଓଡିଶା ସରକାର*

## ଚିତ୍ର- ୭୦ : କାର୍ଯ୍ୟକ୍ଷମ ଓ ପ୍ରସ୍ତାବିତ ବିମାନ ବନ୍ଦର ସଂଖ୍ୟା




*ଟିପ୍ପଣୀ : ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ*

*ଉତ୍ସ : ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର*

## ଚିତ୍ର- ୭୧: ୨୦୨୧-୨୨ ଓ ୨୦୨୪-୨୫ ମଧ୍ୟରେ ଓଡ଼ିଶାରେ ମୋଟ ବିମାନ ଯାତ୍ରୀ ସଂଖ୍ୟା (ଲକ୍ଷରେ)




*ଉତ୍ସ : ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର, ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ, ଭୁବନେଶ୍ୱର*

## ଚିତ୍ର- ୭୨: ଓଡିଶାରୁ ସିଧାସଳଖ ଘରୋଇ ବିମାନର ଉଡ଼ାଣ ସଂଖ୍ୟା

ଭାରତର ବିଭିନ୍ନ ସହରକୁ ସଂଯୋଗ କରୁଥିବା ଓଡିଶାରୁ ସିଧାସଳଖ ଘରୋଇ ବିମାନ ଚଳାଚଳ ସଂଖ୍ୟା ୧୮ରୁ ୩୦ଟି ସହର ଏବଂ ୪ଟି ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ବୃଦ୍ଧି




** ମାନଚିତ୍ରଟି ସଠିକ୍ ମାପ ଅନୁସାରେ ନୁହେଁ*

## ଚିତ୍ର -୭୩: ବନ୍ଦର ଭିତ୍ତିକ ବିକାଶ- ବନ୍ଦର ସଂଖ୍ୟା ଏବଂ କ୍ଷମତା

**୫୭୫ କିମି ଲମ୍ବ ଉପକୂଳରେଖା ୧୪ ଚିହ୍ନଟ ହୋଇଥିବା ବନ୍ଦର ଅବସ୍ଥାନ**

**ଗୋଟିଏ ବୃହତ୍ ଓ ଦୁଇଟି କ୍ଷୁଦ୍ର ବନ୍ଦର ପାରାଦୀପ, ଧାମରା ଓ ଗୋପାଳପୁର**

**କ୍ଷମତା ବୃଦ୍ଧି**
**ବର୍ତ୍ତମାନ ୨୦୪୭ ସୁଦ୍ଧା ୨୦୦ + ଏମଏମଟିପିଏରୁ ୫୦୦ + ଏମଏମଟିପିଏ**

**ଓଡ଼ିଶାରେ ୭ଟି ଜାତୀୟ ଜଳପଥ**

**ମହାନଦୀ ନଦୀ ବନ୍ଦରରେ ଜାହାଜ ନିର୍ମାଣ ଓ ମରାମତି ଶିଳ୍ପ ସ୍ଥାପନ**




*ଟିପ୍ପଣୀ : ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ*

*ଉତ୍ସ : ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୭୪: ଓଡ଼ିଶାର ଆଲୋକୀକରଣ - ୨୦୨୫ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ରାତ୍ରିକାଳୀନ ଆଲୋକର ତୀବ୍ରତା

ଓଡିଶାର ପ୍ରତ୍ୟେକ ଜିଲ୍ଲାରେ ଦେଖାଯାଉଥିବା ଆଲୋକର ତୀବ୍ରତା ଆର୍ଥିକ କାର୍ଯ୍ୟକଳାପକୁ ଦର୍ଶାଏ



* ମାନଚିତ୍ରଟି ସଠିକ୍ ମାପ ଅନୁସାରେ ନୁହେଁ

*ଉତ୍ସ : ନ୍ୟାସନାଲ ଓସେନିକ୍ ଆଣ୍ଡ ଆଟମୋଷ୍ଫିୟରିକ୍ ଆଡମିନିଷ୍ଟ୍ରେସନ୍, ଭିଜିବଲ୍ ଇନଫ୍ରାରେଡ୍ ଇମେଜିଂ ରେଡିଓମିଟର ସୁଟ୍, ଡେ / ନାଇଟ୍ ବ୍ୟାଣ୍ଡ ମାସିକ ନାଇଟ୍ ଟାଇମ୍ ଲାଇଟ୍, ୨୦୨୫*

# ମାନବ ସମ୍ବଳ ଏବଂ ଜନସଂଖ୍ୟା

## ଚିତ୍ର-୭୫: ଓଡ଼ିଶାର ଜନସଂଖ୍ୟା ପିରାମିଡ୍

ଓଡ଼ିଶାରେ କାର୍ଯ୍ୟକ୍ଷମ ବୟସର ଲୋକମାନଙ୍କ ସଂଖ୍ୟା ଅଧିକ ଥିବାରୁ ରାଜ୍ୟର ବିକାଶ ଓ ଉତ୍ପାଦକତା ବଢ଼ିବାର ଭଲ ସୁଯୋଗ ରହିଛି







*ଉତ୍ସ : ଭାରତ ଏବଂ ରାଜ୍ୟ ପାଇଁ ଜନସଂଖ୍ୟା ଆକଳନ ୨୦୧୧-୨୦୩୬, ଜାତୀୟ ଜନସଂଖ୍ୟା ଆୟୋଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ*

## ଚିତ୍ର-୭୬: ୨୦୨୪-୨୫ରେ ଓଡ଼ିଶା ଓ ସର୍ବଭାରତୀୟ ସ୍ତରରେ ଜାତୀୟ ଶିକ୍ଷା ନୀତି ଅନୁଯାୟୀ ବିଭିନ୍ନ ସ୍ତରରେ ସାର୍ବଜନୀନ ନାମାଙ୍କନ ଅନୁପାତ




## ଚିତ୍ର-୭୭: ୨୦୨୪-୨୫ରେ ଓଡ଼ିଶା ଓ ସର୍ବଭାରତୀୟ ସ୍ତରରେ ଜାତୀୟ ଶିକ୍ଷାନୀତି ଅନୁଯାୟୀ ବିଭିନ୍ନ ସ୍ତରରେ ଉନ୍ନିତ ହାର




*ଉତ୍ସ : ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫରମେସନ ସିଷ୍ଟମ୍ ଫର୍ ଏଜୁକେସନ୍ (ୟୁଡାଇଜ୍) + ୨୦୨୪-୨୫, ଏମଓଇ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର*

## ଚିତ୍ର-୭୮ : ୨୦୨୩-୨୪ରେ ଭାରତର ପ୍ରମୁଖ ରାଜ୍ୟ ମଧ୍ୟରେ ଓଡିଶାର ପ୍ରଦର୍ଶନ ଗ୍ରେଡ୍ ସୂଚକାଙ୍କ ୨.୦ (୧୦୦୦ ରୁ ସ୍କୋର)




*ଉତ୍ସ : ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାର*

## ଚିତ୍ର-୭୯ : ଓଡ଼ିଶାର ଦକ୍ଷତା ବିକାଶ




*ଉତ୍ସ : ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା, ଓଡ଼ିଶା ସରକାର*

## ଚିତ୍ର-୮୦: ଓଡ଼ିଶାରେ ପୋଷଣ ତତ୍ତ୍ୱ ସମୃଦ୍ଧ ଖାଦ୍ୟ ଏବଂ ଖାଦ୍ୟ ପାଇଁ ବ୍ୟୟ ଦିଗରେ ପରିବର୍ତ୍ତନ

### ଖାଦ୍ୟ ବ୍ୟୟର ସଂରଚନା (ପ୍ରତିଶତରେ), ୨୦୧୧-୧୨ ଏବଂ ୨୦୨୩-୨୪

| ଆଇଟମଗୁଡ଼ିକ | ଗ୍ରାମାଞ୍ଚଳ | | ସହରାଞ୍ଚଳ | |
|---|---|---|---|---|
| | ୨୦୧୧-୧୨ | ୨୦୨୩-୨୪ | ୨୦୧୧-୧୨ | ୨୦୨୩-୨୪ |
| ଶସ୍ୟ ଜାତୀୟ | ୨୯.୩ | ୧୫.୪ | ୨୩.୦ | ୧୨.୯ |
| ଡାଲି ଜାତୀୟ | ୫.୬ | ୫.୭ | ୪.୯ | ୪.୯ |
| ଖାଇବା ତେଲ | ୫.୯ | ୫.୯ | ୫.୦ | ୪.୮ |
| ପନିପରିବା | ୧୭.୮ | ୧୭.୦ | ୧୪.୩ | ୧୪.୨ |
| ଅଣ୍ଡା, ମାଛ, ମାଂସ | ୧୦.୬ | ୧୨.୭ | ୧୦.୧ | ୯.୮ |
| କ୍ଷୀର ଏବଂ କ୍ଷୀର ଜାତୀୟ | ୪.୫ | ୬.୨ | ୭.୮ | ୯.୫ |
| ଫଳ | ୩.୯ | ୬.୭ | ୫.୪ | ୭.୯ |
| ମସଲା ଜାତୀୟ | ୫.୮ | ୭.୫ | ୪.୯ | ୬.୧ |
| ପ୍ୟାକେଜ୍ ହୋଇଥିବା ପ୍ରକ୍ରିୟାକରଣ ଖାଦ୍ୟ | ୬.୫ | ୧୦.୯ | ୯.୦ | ୧୪.୬ |
| ପରିବେଷଣ ହେଉଥିବା ପ୍ରକ୍ରିୟାକରଣ | ୭.୫ | ୧୦.୩ | ୧୩.୨ | ୧୩.୯ |

ପୋଷଣ ତତ୍ତ୍ୱ ଭରପୂର ଖାଦ୍ୟ ପଦାର୍ଥ




ପୋଷଣ ସମୃଦ୍ଧ ଖାଦ୍ୟ ପଦାର୍ଥ ପାଇଁ ବୃଦ୍ଧି ପାଉଥିବା ବ୍ୟବହାର ଖର୍ଚ୍ଚ

*ଉତ୍ସ : ଘରୋଇ ଉପଭୋଗ ବ୍ୟୟ ସର୍ବେକ୍ଷଣ ୨୦୨୩-୨୪ ଏବଂ ୨୦୧୧-୧୨, ଭାରତ ସରକାର*

## ଚିତ୍ର-୮୧ : ଓଡ଼ିଶା ଏବଂ ସର୍ବଭାରତୀୟ ସ୍ତରରେ ଶିଶୁ ସ୍ୱାସ୍ଥ୍ୟରେ ଉନ୍ନତି










*ଉତ୍ସ : ବିଭିନ୍ନ ବର୍ଷ ମଧ୍ୟରେ ନମୁନା ପଞ୍ଜୀକରଣ ପ୍ରଣାଳୀ, ଆରଜିଆର, ଭାରତ ସରକାର*

## ଚିତ୍ର-୮୨ : ସୁଭଦ୍ରା : ମହିଳା ସଶକ୍ତିକରଣ ପାଇଁ ପରିବର୍ତ୍ତନର ଉତ୍ପ୍ରେରକ




- ସୁଭଦ୍ରା ୨୧ ରୁ ୬୦ ବର୍ଷ ବୟସର ମହିଳାମାନଙ୍କୁ ପାଞ୍ଚ ବର୍ଷ ପାଇଁ ୫୦,୦୦୦ ଟଙ୍କା (ଦୁଇଟି ସମାନ କିସ୍ତିରେ ବାର୍ଷିକ ୧୦,୦୦୦ ଟଙ୍କା) ପ୍ରଦାନ କରେ, ଯାହା ଅର୍ଥନୈତିକ ସଶକ୍ତିକରଣକୁ ଆଗକୁ ବଢାଇଥାଏ
- ୧ କୋଟିରୁ ଅଧିକ ମହିଳା ଉପକୃତ ହେବେ

**ଉତ୍ପାଦନକାରୀ ବ୍ୟବହାର**

- ଉତ୍ପାଦନକାରୀର ବ୍ୟବହାର ପାଇଁ ୮୦ ପ୍ରତିଶତ ପାଣ୍ଠି
- ୮୦ ପ୍ରତିଶତ ବ୍ୟବସାୟ ବିସ୍ତାର ଏବଂ ସମ୍ପତ୍ତି ସୃଷ୍ଟି ପାଇଁ ଭବିଷ୍ୟତର ସ୍ଥାନାନ୍ତର ବ୍ୟବହାର କରିବାକୁ ଇଚ୍ଛା କରିଥାଆନ୍ତି ।

**ଆର୍ଥିକ ସ୍ୱାୟତ୍ତତା**

- ଆର୍ଥିକ ସ୍ୱାୟତ୍ତତାରେ ୬୫ ପ୍ରତିଶତ ଉନ୍ନତି ରିପୋର୍ଟ ହୋଇଅଛି ।
- ବୟସ ବୃଦ୍ଧି ସହିତ ବ୍ୟକ୍ତିଗତ ଆର୍ଥିକ ସ୍ୱାଧିନତାର ସ୍ତର ବୃଦ୍ଧି ପାଉଛି, ଯେତେବେଳେ ପାରିବାରିକ ସ୍ତରରେ ସଂଯୁକ୍ତ ସିଦ୍ଧାନ୍ତ ନେବା ପ୍ରବୃତ୍ତି ଏପର୍ଯ୍ୟନ୍ତ ପ୍ରମୁଖ ରୂପେ ରହିଛି ।

**ଆତ୍ମବିଶ୍ୱାସ ଏବଂ ନିର୍ଣ୍ଣୟ କାରକ**

- ପ୍ରତି ରିପୋର୍ଟରେ ୯୮ ଟଙ୍କା ପରିଚାଳନା କରିବାରେ ଆତ୍ମବିଶ୍ୱାସ ଏବଂ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତି ବୃଦ୍ଧି କରିଛି ।
- ଶିକ୍ଷାଗତ ପ୍ରାପ୍ତି ଏବଂ ଜୀବନର ପର୍ଯ୍ୟାୟ ହିତାଧିକାରୀମାନେ କେତେ ପ୍ରଭାବଶାଳୀ ଭାବରେ ପାଣ୍ଠି ନିୟୋଜିତ କରନ୍ତି ଯାହା ଦୃଢ ଭାବରେ ପ୍ରଭାବିତ କରେ ।

*ଉତ୍ସ : ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର*

## ଚିତ୍ର-୮୩ : ଜୀବନର ଗୁଣବତ୍ତାରେ ଉନ୍ନତି: ଗୋଟିଏ ଦିନରେ ବିତାଇଥିବା ସମୟର ଅଂଶ
















*ଉତ୍ସ : ସମୟ ବ୍ୟବହାର ସର୍ବେକ୍ଷଣ ୨୦୧୯ ଏବଂ ୨୦୨୪, ଏମ୍ଓଏସପିଆଇ, ଭାରତ ସରକାର*

** ୧୫ ରୁ ୫୯ ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ*

ଅଧ୍ୟାୟ ୧

# ଓଡ଼ିଶା ସ୍ଥୁଳ ଅର୍ଥନୀତିର ସାମଗ୍ରିକ ପରିଦୃଶ୍ୟ

## ଅର୍ଥନୈତିକ ଅଭିବୃଦ୍ଧି ଏବଂ ମୁଣ୍ଡପିଛା ଆୟ

ରାଜ୍ୟର ଦୀର୍ଘମିଆଦି ସମୃଦ୍ଧିକୁ ଏକାଧିକ ଦୃଷ୍ଟିକୋଣରୁ ଉପସ୍ଥାପିତ କରାଯାଇପାରେ। ସେଥିମଧ୍ୟରୁ ଅର୍ଥନୀତିର ଆକାର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ। ଅର୍ଥବ୍ୟବସ୍ଥାର ଆକାର ବଢ଼ିବା ସହିତ ଅଧିକାଂଶ ସମୟରେ ଏହା ସମାଜର ସମସ୍ତ ବର୍ଗଙ୍କ ପାଇଁ ସମୃଦ୍ଧି ଆଣି ଦେଇଥାଏ। ୨୦୨୫-୨୬ରେ ଓଡ଼ିଶା ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ସ୍ଥିର ମୂଲ୍ୟରେ ରାଜ୍ୟର ଅର୍ଥନୀତିର ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି । ଓଡ଼ିଶା ପୂର୍ବ ବର୍ଷ ତୁଳନାରେ ଅଧିକ ଅଭିବୃଦ୍ଧି ହାସଲ କରିଛି ଯାହା ୭.୨% ଥିଲା ଏବଂ ଏହା ଚଳିତ ବର୍ଷର ସର୍ବଭାରତୀୟ ଅଭିବୃଦ୍ଧି ତୁଳନାରେ ଅଧିକ ଅଭିବୃଦ୍ଧି ହାସଲ କରିଛି।

୨୦୨୫-୨୬ରେ ଓଡ଼ିଶାର ମୁଣ୍ଡପିଛା ଆୟ ବର୍ତ୍ତମାନର ମୂଲ୍ୟରେ ୧,୮୬,୭୬୧ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ୨୦୨୪-୨୫ ତୁଳନାରେ ମୁଣ୍ଡପିଛା ଆୟ ବର୍ତ୍ତମାନ ମୂଲ୍ୟରେ ୯ ପ୍ରତିଶତ ବୃଦ୍ଧି ପାଇଛି । ଓଡ଼ିଶାର ଦ୍ରୁତ ଅଭିବୃଦ୍ଧି ଏହାକୁ ସର୍ବଭାରତୀୟ ମୁଣ୍ଡପିଛା ଆୟ ସହିତ ଦ୍ରୁତ ଗତିରେ ସମୀପବର୍ତ୍ତୀ କରାଉଛି।

## ମୁଦ୍ରାସ୍ଫୀତି

ମୁଦ୍ରାସ୍ଫୀତି ସାଧାରଣତଃ ସ୍ୱଳ୍ପ ଆୟକାରୀ ବର୍ଗଙ୍କୁ ଅଧିକ ପ୍ରଭାବିତ କରିଥାଏ। ଓଡ଼ିଶା ଏହାର ମୁଦ୍ରାସ୍ଫୀତି ସ୍ତରକୁ ୨୦୨୫-୨୬ରେ ଯଥେଷ୍ଟ ହ୍ରାସ କରିବାରେ ସଫଳ ହୋଇଛି।

୨୦୨୫-୨୬ରେ ବିଶେଷ କରି ଜାନୁୟାରୀ ୨୦୨୫ ପରେ ରାଜ୍ୟରେ ମୁଦ୍ରାସ୍ଫୀତିରେ ଯଥେଷ୍ଟ ନିୟନ୍ତ୍ରଣ ଦେଖିବାକୁ ମିଳିଛି। ଉଭୟ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପ ଏହା ଦର୍ଶାଉଅଛି। କେତେକ ପଦକ୍ଷେପ ମଧ୍ୟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ବଫର ଷ୍ଟକ୍ ବୃଦ୍ଧି, ବଜାରରେ କ୍ରୟ ଶସ୍ୟର କୌଶଳାତ୍ମକ ବିକ୍ରି, ପ୍ରମୁଖ ଉତ୍ପାଦଗୁଡ଼ିକର ଯୋଗାଣ ପ୍ରତିବନ୍ଧକ ପରିଚାଳନା ପାଇଁ ବାଣିଜ୍ୟିକ ସମନ୍ୱୟ ଅନ୍ତର୍ଭୁକ୍ତ। ୨୦୨୫-୨୬ (ଏପ୍ରିଲ-ଡିସେମ୍ବର)ରେ ମୁଦ୍ରାସ୍ଫୀତି ହାର ମାତ୍ର ୦.୧ ପ୍ରତିଶତ ରହିଛି, ଯାହାକି ୨୦୨୪-୨୫ର ୬ ପ୍ରତିଶତ ତୁଳନାରେ କମ୍। ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଖାଦ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଟଙ୍କାର ମୂଲ୍ୟକୁ ସଂରକ୍ଷଣ କରିଥାଏ ତେଣୁ ପରିବାରକୁ ସେମାନଙ୍କର ବ୍ୟବହାର ଯୋଗ୍ୟ ଆୟକୁ ଭଲ ଭାବରେ ପରିଚାଳନା କରିବାରେ ସାହାଯ୍ୟ କରେ।

## ନିଯୁକ୍ତି ସୁଯୋଗ ସୃଷ୍ଟି

୨୦୨୪ ସୁଦ୍ଧା, ରାଜ୍ୟରେ ସମୁଦାୟ ଶ୍ରମଶକ୍ତି ପ୍ରାୟ ୨.୨ କୋଟି ଥିଲା, ଯେତେବେଳେ କି ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ସମୁଦାୟ ଜନସଂଖ୍ୟା ୩.୫୬ କୋଟି ଥିଲା । ଏହା ଶ୍ରମିକ-ଜନସଂଖ୍ୟା ଅନୁପାତକୁ ପ୍ରାୟ ୬୨ ପ୍ରତିଶତରେ ପହଞ୍ଚାଇଛି। ଏହା ସର୍ବଭାରତୀୟ ହାରାହାରି ୫୭.୭ ପ୍ରତିଶତ ଠାରୁ ଯଥେଷ୍ଟ ଅଧିକ। ଉଚ୍ଚ ଶ୍ରମିକ-ଜନସଂଖ୍ୟା ଅନୁପାତ ରାଜ୍ୟ ପାଇଁ ଶୁଭ ସଙ୍କେତ ଅଟେ ଯାହା ଭିଜନ ଡକ୍ୟୁମେଣ୍ଟ (ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭)ରେ ଦର୍ଶାଯାଇଅଛି ।

ଉଚ୍ଚ ଶ୍ରମିକ-ଜନସଂଖ୍ୟା ଅନୁପାତର ପ୍ରଭାବ ବ୍ୟତୀତ, ଅର୍ଥନୈତିକ ପ୍ରଭାବ ରାଜ୍ୟ ଅଭିବୃଦ୍ଧିକୁ ଲିଙ୍ଗଗତ ସମାବେଶୀ କରିବାରେ ଅଗ୍ରଣୀ ଭୂମିକା ନେଉଛି। ୨୦୨୪ ମସିହାରେ ଓଡ଼ିଶାର ମହିଳା ଶ୍ରମିକ-ଜନସଂଖ୍ୟା ଅନୁପାତ ୪୭.୩ ପ୍ରତିଶତ ରହିଛି, ଯାହା ସର୍ବଭାରତୀୟ ହାରାହାରି ୩୯ ପ୍ରତିଶତକୁ ଅତିକ୍ରମ କରିଛି। କର୍ମକ୍ଷେତ୍ରରେ ଅଧିକ ମହିଳାଙ୍କୁ ଯୋଡିବାର ଅନେକ ସୁବିଧା ଅଛି। ପାରିବାରିକ ସ୍ତରରେ, ମହିଳାମାନଙ୍କ ଦ୍ୱାରା ଅଧିକ ରୋଜଗାର ପରିବାରର ଆୟ

ବୃଦ୍ଧି ପାଇଁ ଆବଶ୍ୟକ ସହାୟତା ପ୍ରଦାନ କରିବ। ମହିଳା ସଶକ୍ତିକରଣ ସହିତ ଶିକ୍ଷା ଏବଂ ପରିବାରର ପିଲାମାନଙ୍କର ସ୍ୱାସ୍ଥ୍ୟରେ ବିନିଯୋଗ ହେଉଥିବା ଅର୍ଥର ସମ୍ପର୍କ ସ୍ଥାପିତ କରିବାରେ ଏକ ଦୃଢ ପଦକ୍ଷେପ ଅଟେ ।

ସର୍ବଭାରତୀୟ ସ୍ତର ପରି, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ମଧ୍ୟ ଓଡ଼ିଶା ଅଗ୍ରଣୀ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର (୪୮.୬ ପ୍ରତିଶତ) ହୋଇଛି ଏବଂ ଏହା ପଛକୁ ଶିଳ୍ପ ୨୭.୫ ପ୍ରତିଶତରେ ରହିଛି। ରାଜ୍ୟର ଗଠନମୂଳକ ପରିବର୍ତ୍ତନ (ଅର୍ଥାତ୍ କୃଷିରୁ ଶିଳ୍ପ ଏବଂ ସେବାକୁ ଶ୍ରମଶକ୍ତିର ପରିବର୍ତ୍ତନ) ହୋଇପାରିଛି। ତେବେ, ଘରୋଇ କ୍ଷେତ୍ରର ନିବେଶ ଏବଂ ଦକ୍ଷତା ବିକାଶ ପ୍ରୟାସ ପାଇଁ ସହାୟକ ଇକୋସିଷ୍ଟମ ନିର୍ମାଣ ମାଧ୍ୟମରେ ଶିଳ୍ପ ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ଉଦ୍ୟମ କରୁଛି । ବୟନ ଏବଂ ପୋଷାକ ପରି ଶ୍ରମ ବହୁଳ କ୍ଷେତ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି କ୍ଷେତ୍ରଗୁଡ଼ିକ କେବଳ ଅଧିକ ନିଯୁକ୍ତି ସୃଷ୍ଟି କରନ୍ତି ନାହିଁ ବରଂ ଅଧିକ ମହିଳା ଶ୍ରମଶକ୍ତିର ବ୍ୟବହାର କରି ସାମାଜିକ ସ୍ତରରେ ଦୃଢ ସକରାତ୍ମକ ପ୍ରଭାବ ପକାଇଥାଆନ୍ତି।

## କ୍ଷେତ୍ରୀୟ ଅଭିବୃଦ୍ଧି

୨୦୨୫-୨୬ରେ ରାଜ୍ୟର ମୋଟ ସଂଯୋଗିତ ମୂଲ୍ୟରେ କୃଷି ଏବଂ ସହଯୋଗୀ କ୍ଷେତ୍ରର ଯୋଗଦାନ ୧୯.୬ ପ୍ରତିଶତ ଥିବାବେଳେ ଶିଳ୍ପ କ୍ଷେତ୍ରର ଯୋଗଦାନ ୪୧.୩ ପ୍ରତିଶତ ଏବଂ ଅବଶିଷ୍ଟ ୩୯.୧ ପ୍ରତିଶତ ସେବା କ୍ଷେତ୍ରର ଯୋଗଦାନ ଅଟେ ।

## କୃଷି ଓ ଆନୁଷଙ୍ଗିକ କ୍ଷେତ୍ର



ରାଜ୍ୟର ମୋଟ ସଂଯୋଗିତ ମୂଲ୍ୟରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ପ୍ରତ୍ୟକ୍ଷ ଅବଦାନ ୧୯.୬ ପ୍ରତିଶତ ଥିବା ବେଳେ ଏହା ଓଡ଼ିଶାର ପ୍ରାୟ ୮୧ ପ୍ରତିଶତ ଜନସଂଖ୍ୟାକୁ ନିଯୁକ୍ତି ସୁଯୋଗ ପ୍ରଦାନ କରିଥାଏ। ତେଣୁ, ଏହି କ୍ଷେତ୍ରରେ ଅଭିବୃଦ୍ଧି ଗ୍ରାମୀଣ ପରିବାରର ଆୟ ସ୍ଥିତିକୁ ସିଧାସଳଖ ପ୍ରଭାବିତ କରିଥାଏ । ୨୦୨୫-୨୬ରେ ଏହି କ୍ଷେତ୍ରର ଅଭିବୃଦ୍ଧି ହାର ୫.୨୬ ପ୍ରତିଶତ ହେବ ବୋଲି ଆଶା କରାଯାଉଛି। ଏହା ପୂର୍ବ ବର୍ଷ ୨୦୨୪-୨୫ର ୪.୧୨ ପ୍ରତିଶତ ତୁଳନାରେ ଯଥେଷ୍ଟ ଅଧିକ ।

ଉତ୍ପାଦକତା ବୃଦ୍ଧି ପାଇଁ ରାଜ୍ୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିରେ ଫସଲର ବିବିଧକରଣ (ଅଣଧାନ କୃଷିକୁ ପ୍ରାଧାନ୍ୟ ଦେବ), କୃଷି ଯାନ୍ତ୍ରୀକିରଣ, ଋଣ ଉପଲବ୍ଧି, ଡିଜିଟାଲ୍ ନବସୃଜନ, ଜଳସେଚନ ଭିତ୍ତିଭୂମିର ବିକାଶ, ବଜାର ସହ ସଂଯୋଗ ପରି ଅନେକ ପ୍ରୟାସ ଅନ୍ତର୍ଭୁକ୍ତ।

## ଶିଳ୍ପ କ୍ଷେତ୍ର



ଓଡ଼ିଶାର ଦ୍ରୁତ ଅଭିବୃଦ୍ଧି ଏହାର ଶକ୍ତିଶାଳୀ ଶିଳ୍ପ ଆଧାର ସହିତ ଜଡିତ। ରାଜ୍ୟ ଏହାର ସମୃଦ୍ଧ ଖଣିଜ ଆଧାର ଏବଂ ୫୭୫ କିମି ଲମ୍ବା ଉପକୂଳକୁ ଉପଯୁକ୍ତ ଭାବରେ ଉପଯୋଗ କରିଛି, ଯାହା ପ୍ରଗତିଶୀଳ ଶିଳ୍ପ ଇକୋସିଷ୍ଟମର ପରିପୂରକ ଅଟେ। ଓଡ଼ିଶାର ଖଣିଜ ଆଧାରକୁ ଦୃଷ୍ଟିରେ ରଖି ଶିଳ୍ପ କ୍ଷେତ୍ର, ଖଣି ଏବଂ ଧାତୁ ଉତ୍ପାଦ ଦ୍ୱାରା ପରିଚାଳିତ ହେଉଛି। ଏହା ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଯାହା ଏକାଧିକ କାରଣରୁ ରାଜ୍ୟର ଦୀର୍ଘମିଆଦି ଅଭିବୃଦ୍ଧିର ସମ୍ଭାବନାକୁ ସାମର୍ଥ୍ୟ ହୋଇଥାଏ। ଓଡିଶା ବିକାଶ ପଥରେ ଆଗକୁ ବଢ଼ିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ବିନିଯୋଗର ଆବଶ୍ୟକତା ରହିଛି। ଏଥିପାଇଁ ଇସ୍ପାତ ଉତ୍ପାଦ, ଆଲୁମିନିୟମ ଉତ୍ପାଦ ଆଦିର ଆନୁପାତିକ ଉତ୍ପାଦନର ଆବଶ୍ୟକତା ରହିଛି ଯେଉଁଥିରେ କି ଓଡ଼ିଶାର ପ୍ରାକୃତିକ ସମ୍ବଳ ରହିଛି । ଓଡ଼ିଶା ମୌଳିକ ଧାତୁ ଉତ୍ପାଦନରେ ଅଗ୍ରଗତି ହାସଲ କରିଥିବା ବେଳେ ଲୁହା ଓ ଇସ୍ପାତ ସମେତ ପରବର୍ତ୍ତୀ ପର୍ଯ୍ୟାୟର ମୂଲ୍ୟ ଶୃଙ୍ଖଳାରେ ଆଗକୁ ବଢ଼ିବା ଲାଗି ଯଥେଷ୍ଟ ସୁଯୋଗ ରହିଛି। ଅନ୍ତରିକ୍ଷ (ଏରୋସ୍ପେସ୍) ଏବଂ ପ୍ରତିରକ୍ଷା ଭଳି ନୂତନ କ୍ଷେତ୍ରରେ ମଧ୍ୟ ରାଜ୍ୟ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି ଯାହା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ରାଜ୍ୟକୁ ଆଗେଇ ନେବ। ଏହା ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ପ୍ରଯୁକ୍ତିଗତ ପ୍ରସାରିତ ପ୍ରଭାବ ସୃଷ୍ଟି କରିପାରେ। ଶିଳ୍ପ ନୀତି କ୍ଷେତ୍ରରେ ଅଗ୍ରଗତି ଏବଂ ଉତ୍ପାଦନର ପ୍ରତିଦ୍ୱନ୍ଦ୍ୱିତାମୂଳକ ମୂଲ୍ୟକୁ ଦୃଷ୍ଟିରେ ରଖି ରାଜ୍ୟ ମଧ୍ୟ ଅଣ-ଧାତୁ କ୍ଷେତ୍ରରେ ବିବିଧ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରୁଛି ।

ଅର୍ଥନୀତିର ସଂରଚନା (୨୦୨୫-୨୬) ଦୃଷ୍ଟିରୁ, ରାଜ୍ୟ ସଂଯୋଗିତ ମୂଲ୍ୟରେ ଶିଳ୍ପକ୍ଷେତ୍ରର ଯୋଗଦାନର ୪୫.୬୪ ପ୍ରତିଶତ ଅଟେ। ଏହା ପଛକୁ ନିର୍ମାଣ କ୍ଷେତ୍ରର ୨୩.୨୬ ପ୍ରତିଶତ ଏବଂ ଖଣି ଓ ଖଣି ଖନନର ୨୩.୦୯ ପ୍ରତିଶତ ଯୋଗଦାନ ରହିଛି। ବିନିର୍ମାଣ କ୍ଷେତ୍ର ୨୦୨୫-୨୬ ସ୍ଥିର ମୂଲ୍ୟରେ ୮.୩୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୪-୨୫ର ୫.୩୯ ପ୍ରତିଶତ ତୁଳନାରେ ଅଧିକ। ଅନ୍ୟପକ୍ଷରେ ନିର୍ମାଣ କ୍ଷେତ୍ର ୨୦୨୫-୨୬ରେ ୯.୩୭ ପ୍ରତିଶତ ବୃଦ୍ଧି ପାଇଛି। ନିଯୁକ୍ତି ସୃଷ୍ଟିରେ ଅବଦାନକୁ ଦୃଷ୍ଟିରେ ରଖି ନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ବିଶେଷ ଗୁରୁତ୍ୱପୂର୍ଣ୍ଣ କାରଣ ୨୦୨୪ରେ ମୋଟ ଶ୍ରମଶକ୍ତିର ଏହା ୧୮ ପ୍ରତିଶତ ଥିଲା।



ନିକଟରେ ଭାରତ ବିଶ୍ୱର ଅଗ୍ରଣୀ ଅର୍ଥନୀତି ସହିତ ଅନେକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ.ଟି.ଏ) ସ୍ୱାକ୍ଷର କରିଛି। ଏଥିରେ ବ୍ରିଟେନ, ମର୍କୋସୁର (ଦକ୍ଷିଣ ଆମେରିକାର ବାଣିଜ୍ୟ ଗୋଷ୍ଠୀ), ଅଷ୍ଟ୍ରେଲିଆ, ୟୁରୋପୀୟ ସଂଘ, ଇଏଫଟିଏ (ସ୍ୱିଜରଲ୍ୟାଣ୍ଡ, ନରୱେ, ଆଇସଲ୍ୟାଣ୍ଡ, ଲିଚଟେନଷ୍ଟାଇନ୍), ଓମାନ, ୟୁଏଇ, ମରିସସ୍, ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡ ଅନ୍ତର୍ଭୁକ୍ତ। ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ.ଟି.ଏ) ଓଡ଼ିଶାକୁ ଏହାର ପ୍ରମୁଖ ଉତ୍ପାଦ (ଉଭୟ କୃଷି ଏବଂ ଶିଳ୍ପ) ଯେପରିକି ଧାନ, କାଜୁ, ଆମ୍ବ, ଚିଙ୍ଗୁଡ଼ି, ବୟନ ଉତ୍ପାଦ, ରାସାୟନିକ ପଦାର୍ଥ, ଲୁହା ଏବଂ ଇସ୍ପାତ ଡାଉନଷ୍ଟ୍ରିମ, ଏରୋସ୍ପେସ୍, ଇଲେକ୍ଟ୍ରୋନିକ୍ସର ବଜାର ଆଧାର ବିସ୍ତାର କରିବାର ସୁଯୋଗ ପ୍ରଦାନ କରିବ। ଏଫଟିଏ ମାଧ୍ୟମରେ ଆନ୍ତର୍ଜାତୀୟ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପ୍ରଦାନ କରିବ, ତଦ୍ୱାରା ଦକ୍ଷତା ବୃଦ୍ଧିହେବ ଏବଂ ଲାଭାଂଶ ବୃଦ୍ଧି କରିବ।

## ସେବା କ୍ଷେତ୍ର



ସେବା କ୍ଷେତ୍ର ଓଡ଼ିଶାର ଦ୍ୱିତୀୟ ବୃହତ୍ତମ କ୍ଷେତ୍ର ହୋଇଥିବାବେଳେ ଏହି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ଆର୍ଥିକ ସେବା, ପର୍ଯ୍ୟଟନ, ବୃତ୍ତିଗତ ଏବଂ ରିଅଲ୍ ଇଷ୍ଟେଟ୍ ସେବା ଭଳି ଆଧୁନିକ ସେବାରେ ଅଭିବୃଦ୍ଧି ଘଟୁଛି। ଆନୁଷ୍ଠାନିକ ଆର୍ଥିକ ପ୍ରତିଷ୍ଠାନ (ଜନଧନ)ରେ ଆକାଉଣ୍ଟକୁ ଗଣତାନ୍ତ୍ରିକ କରିବା ପାଇଁ ସରକାରଙ୍କ ପଦକ୍ଷେପ ଅଧିକ ଲାଭଦାୟକ ହୋଇଛି। ଆନୁଷ୍ଠାନିକ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକରେ ପ୍ରାୟ ସାର୍ବଜନୀନ ପ୍ରବେଶ ପାରସ୍ପରିକ ଲାଭଦାୟକ ଫଳାଫଳ ପ୍ରଦାନ କରିଥାଏ। ଆର୍ଥିକ ଦୃଷ୍ଟିରୁ, ଗୋଟିଏ ପଟେ ଏହା ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ସ୍ୱଳ୍ପ ମୂଲ୍ୟର ପାଣ୍ଠି ପାଇବାରେ ସହାୟକ ହୋଇଥାଏ । ଅନ୍ୟପଟେ, ଜମାକାରୀମାନେ ସୁଧ ରୋଜଗାର ଏବଂ ସଞ୍ଚୟର ଅପେକ୍ଷାକୃତ ସୁରକ୍ଷିତ ବିକଳ୍ପ ପାଇଥାନ୍ତି। ଆନୁଷ୍ଠାନିକ ଆକାଉଣ୍ଟକୁ ପ୍ରବେଶ କରିବା ହେଉଛି ଆର୍ଥିକ ଅନ୍ତର୍ଭୁକ୍ତିକରଣ ଦିଗରେ ପ୍ରଥମ ପଦକ୍ଷେପ। ଏହା ଆନୁଷ୍ଠାନିକ ଋଣ ଏବଂ ଅନ୍ୟାନ୍ୟ ଆର୍ଥିକ ସେବା (ଯେପରିକି ବୀମା, ସମ୍ପତ୍ତି ପରିଚାଳନା) ପାଇଁ ସୁଯୋଗ ମଧ୍ୟ ଯୋଗାଇ ଥାଏ। ଅଧିକନ୍ତୁ, ଶିଳ୍ପ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ରାଜ୍ୟରେ ଋଣ ଚାହିଦା ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତେଣୁ, ଏହା ସ୍ପଷ୍ଟ ଯେ ରାଜ୍ୟ ବିତ୍ତୀୟ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହାସଲ କରୁଛି। ୨୦୨୫-୨୬ରେ ଏହି କ୍ଷେତ୍ର ୧୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ଆଶା କରାଯାଉଛି।

କୋଭିଡ-୧୯ର ପରବର୍ତ୍ତୀ ସମୟରେ, ସର୍ବଭାରତୀୟ ପରିସ୍ଥିତି ଭଳି, ଓଡ଼ିଶାରେ ମଧ୍ୟ ପର୍ଯ୍ୟଟନ କ୍ଷେତ୍ରରେ ସୁଧାର ଦେଖିବାକୁ ମିଳୁଛି। ବିମାନ ସଂଯୋଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ସହିତ ରାଜ୍ୟରେ ପର୍ଯ୍ୟଟନ ସ୍ଥଳଗୁଡିକରେ ବିକାଶ ଦିଗରେ ପ୍ରୟାସ ରାଜ୍ୟରେ ପର୍ଯ୍ୟଟନ କାର୍ଯ୍ୟକଳାପକୁ ଆହୁରି ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ବିମାନ ଉଡାଣ ସଂଖ୍ୟାରେ ୧୯.୪୨ ହଜାରରୁ ବୃଦ୍ଧିପାଇ ୩୫.୭୪ ହଜାରରେ ପହଞ୍ଚିଛି । ୨୦୨୪-୨୫ରେ ସିଧାସଳଖ ବିମାନ ଚଳାଚଳ ମାଧ୍ୟମରେ ସଂଯୁକ୍ତ ଭାରତୀୟ ସହର ସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ସେହିଭଳି, ରାଜ୍ୟ ବର୍ତ୍ତମାନ ଚାରୋଟି ଆନ୍ତର୍ଜାତୀୟ ବଜାର ସହିତ ଆକାଶ ପଥରେ ସିଧାସଳଖ ସଂଯୁକ୍ତ।

ପାରମ୍ପରିକ ସେବା କ୍ଷେତ୍ର ଯଥା ବାଣିଜ୍ୟ ଏବଂ ମରାମତି, ପରିବହନ ଏବଂ ଯୋଗାଯୋଗ, ସାଧାରଣ ପ୍ରଶାସନ ଏବଂ ବ୍ୟକ୍ତିଗତ ସେବା ଉପକ୍ଷେତ୍ରର ସେବା କ୍ଷେତ୍ରର ରାଜ୍ୟ ସଂଯୋଗିତ ମୂଲ୍ୟରେ ପ୍ରାୟ ୭୦ ପ୍ରତିଶତ ଅଟେ। ୨୦୨୫-୨୬ରେ ଏହି ସବୁ କ୍ଷେତ୍ରରେ ହାରାହାରି ଅଭିବୃଦ୍ଧି ୮ ପ୍ରତିଶତରୁ ଅଧିକ ରହିଛି। ପୁଞ୍ଜି ବ୍ୟୟ, ସହରୀକରଣ ଏବଂ ମୁଣ୍ଡପିଛା ଆୟରେ ସାମଗ୍ରିକ ସୁଧାର ପ୍ରତି ରାଜ୍ୟ ସରକାରଙ୍କ ବ୍ୟାପକ ପଦକ୍ଷେପ ଏହି କ୍ଷେତ୍ରର ଅଭିବୃଦ୍ଧିକୁ ଆଗାମୀ ଦିନରେ ଅଧିକ ଗଢି ତୋଳିବ ବୋଲି ଆଶା କରାଯାଉଛି।

ଉତ୍ପାଦକତା ବୃଦ୍ଧି ଏବଂ ସମସ୍ତଙ୍କ ପାଇଁ ସାମର୍ଥ୍ୟ ହାସଲ କରିବାରେ କୃତ୍ରିମ ବୁଦ୍ଧିମତା (ଏଆଇ)ର ସାମର୍ଥ୍ୟକୁ ଓଡ଼ିଶା ସ୍ୱୀକୃତି ଦେଇଛି। ଏଆଇ ଆଉ ଭବିଷ୍ୟତ ନୁହେଁ: ଏହା ଆମର ବର୍ତ୍ତମାନକୁ ପୁନଃ ଆକାର ଦେଉଛି । ଓଡ଼ିଶା କୃତ୍ରିମ ବୁଦ୍ଧିମତା (ଏଆଇ) ନୀତି ୨୦୨୫ ପ୍ରଣୟନ କରିଛି ଏବଂ ଏହା ସଂଯୋଗ, ଗଣନା ଶକ୍ତି, ସାମର୍ଥ୍ୟ ଏବଂ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରି ସାମଗ୍ରିକ ଢଙ୍ଗରେ ରାଜ୍ୟରେ ଏଆଇ ଇକୋସିଷ୍ଟମ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି। ୨୦୨୯ ସୁଦ୍ଧା ୯୦ ପ୍ରତିଶତ ଇଣ୍ଟରନେଟ୍ ପ୍ରସାର ହାର ହାସଲ କରିବାକୁ ରାଜ୍ୟ ଲକ୍ଷ୍ୟ ରଖିଛି। କୃତ୍ରିମ ବୁଦ୍ଧିମତା ଭିତ୍ତିଭୂମି, ବିଶେଷ କରି ଗଣନାଶକ୍ତି, ପାୱାର ନିର୍ମାଣ ପାଇଁ ରାଜ୍ୟ ବ୍ୟାପକ ସ୍ତରରେ ପ୍ରୋସେସିଂ ୟୁନିଟ୍ କ୍ରୟ କରିବାକୁ ଲକ୍ଷ୍ୟ ରଖିଛି। ଏଆଇ ମଡେଲଗୁଡିକର ତଥ୍ୟ ଉପରେ ଆଧାର କରି ଫଳାଫଳ ପ୍ରଦାନ କରନ୍ତି। ଓଡ଼ିଆ ପାଇଁ ନିର୍ଦ୍ଦିଷ୍ଟ ତଥ୍ୟାବଳୀ ବିକଶିତ କରିବା ଲାଗି ରାଜ୍ୟ ଲକ୍ଷ୍ୟ ରଖିଛି। ଏହା ବ୍ୟତୀତ ଆବଶ୍ୟକ ଡିଜିଟାଲ ଦକ୍ଷତା ବିକାଶ ପାଇଁ ମଧ୍ୟ ରାଜ୍ୟ ଉଦ୍ୟମ କରୁଛି।

## ଆଉଟଲୁକ୍

ଆଗାମୀ ଦିନରେ ଓଡ଼ିଶା ଏହାର ଅଭିବୃଦ୍ଧି ପଥକୁ ଆହୁରି ତ୍ୱରାନ୍ୱିତ କରିବାକୁ ପ୍ରସ୍ତୁତ । ଖଣିଜ ସମ୍ପଦ କ୍ଷେତ୍ରରେ ନିଜର ସାମର୍ଥ୍ୟକୁ ରାଜ୍ୟ ସରକାର ନିର୍ଦ୍ଧାରିତ ନୀତି ସହିତ ବ୍ୟବହାର ପାଇଁ ପରିକଳ୍ପନା କରୁଛି । ବିଭିନ୍ନ କ୍ଷେତ୍ରରେ ଉତ୍ପାଦନ କ୍ଷମତା ବୃଦ୍ଧି ପାଇଁ ବ୍ୟାପକ ପ୍ରୟାସ, କୃଷି ଏବଂ ଶିଳ୍ପ କ୍ଷେତ୍ରରେ ଏକାଗ୍ରତା ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ନିବାରଣ ଏବଂ କୃତ୍ରିମ ବୁଦ୍ଧିମତା ଭିତ୍ତିକ ଦକ୍ଷତା ପ୍ରତି ରାଜ୍ୟର ଦୃଢ ପଦକ୍ଷେପ ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

ଅଧ୍ୟାୟ ୨

# ବିତ୍ତୀୟ ବିକାଶ - ନମନୀୟତା ଏବଂ ଅନୁକୂଳ ପରିଚାଳନା

## ପ୍ରମୁଖ ଅର୍ଥନୈତିକ ସୂଚକାଙ୍କ

୨୦୨୫-୨୬ ବଜେଟ୍ ଆକଳନ ପାଇଁ ଓଡ଼ିଶା ୨.୯୦ ଲକ୍ଷ କୋଟି ଟଙ୍କାର ବଜେଟ୍ କରିଛି, ଯାହା ଜିଏସଡ଼ିପିର ୨୯.୩ ପ୍ରତିଶତ ଅଟେ। ସୀମିତ କ୍ଷମତା ଥିବା ରାଜ୍ୟଗୁଡିକ ବେଞ୍ଚମାର୍କିଂ ଏବଂ କାର୍ଯ୍ୟଦକ୍ଷତା ସୂଚକାଙ୍କ ସହିତ ଖର୍ଚ୍ଚ ସମୀକ୍ଷା ଢାଞ୍ଚାର ଉପାଦାନଗୁଡ଼ିକୁ ମିଳିତ କରି ଲାଭ ପାଇପାରିବେ। ଆର୍ଥିକ ନିଅଣ୍ଟ, ଜିଏସଡିପିର ୩.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି, ଯାହା ଏଫଆରବିଏମ ସୀମା ମଧ୍ୟରେ ଥିବାବେଳେ, ରାଜସ୍ୱ ଆକାଉଣ୍ଟ ଜିଏସଡିପିର ୩.୨ ପ୍ରତିଶତ ବଳକା ରହିଛି। ତେଣୁ, ସରକାର ଏକ ସ୍ଥିର ଆର୍ଥିକ ସ୍ଥିତିକୁ ନିଶ୍ଚିତ କରି ଦୃଢ଼ ଆର୍ଥିକ ଅନୁଶାସନ ବଜାୟ ରଖିଛନ୍ତି ବୋଲି କୁହାଯାଇ ପାରିବ।

## ଓଡ଼ିଶାର ରାଜସ୍ୱ ପ୍ରାପ୍ତି

ନିକଟ ଅତୀତରେ ଓଡିଶାର ରାଜସ୍ୱ ସଂଗ୍ରହ କ୍ରମାଗତ ଭାବେ ବୃଦ୍ଧି ପାଇଛି, ଯାହା ସ୍ଥାୟୀ ରାଜସ୍ୱ ବୃଦ୍ଧିକୁ ସୂଚାଉଅଛି। ୨୦୨୫-୨୬ ବଜେଟରେ ଓଡ଼ିଶାର ରାଜସ୍ୱ ସଂଗ୍ରହ ପରିମାଣ ୨.୩୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ୨୦୨୪-୨୫ ତୁଳନାରେ ୨୬. ୧ ପ୍ରତିଶତ ବୃଦ୍ଧି ପାଇଛି। ପ୍ରତିଶତ ହିସାବରେ ଜିଏସଡିପିର ରାଜସ୍ୱ ସଂଗ୍ରହ ୨୦୧୬-୧୭ରେ ୧୮.୯ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୫-୨୬ ବଜେଟ୍ ଆକଳନରେ ୨୩. ୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହାକି ଏହି ଅବଧି ମଧ୍ୟରେ ୪. ୬ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଓଡ଼ିଶାର ରାଜସ୍ୱ ସଂରଚନା ନିଜସ୍ୱ ସମ୍ବଳ ଆଧାର ସହିତ କେନ୍ଦ୍ରୀୟ ସ୍ଥାନାନ୍ତରଣକୁ ମଧ୍ୟ ଉପଯୋଗ କରିଥାଏ। ମୋଟ ରାଜସ୍ୱ ପ୍ରାପ୍ତିର ୫୪.୩ ପ୍ରତିଶତ ଯୋଗଦାନ ଓଡିଶାର ନିଜସ୍ୱ ରାଜସ୍ୱ ଦେଇଥାଏ, ଯାହା ଦୃଢ଼ ଆର୍ଥିକ ଆତ୍ମନିର୍ଭରଶୀଳତାକୁ ସୂଚାଉଅଛି ।

## ପ୍ରମୁଖ ରାଜସ୍ୱ ସୂଚକାଙ୍କ

୨୦୨୫-୨୬ ବଜେଟ୍ ଆକଳନ ପାଇଁ ଟିକସ ରାଜସ୍ୱ ୧.୩୦ ଲକ୍ଷ କୋଟି ଟଙ୍କା ରହିବ ବୋଲି ଆକଳନ କରାଯାଇଛି, ଯାହାକି ରାଜସ୍ୱ ପ୍ରାପ୍ତିର ୫୬.୨ ପ୍ରତିଶତକୁ ପ୍ରତିନିଧିତ୍ୱ କରୁଛି। ୨୦୨୫-୨୬ ବଜେଟ୍ ଆକଳନରେ ଉଭୟ ନିଜସ୍ୱ ଅଣ ଟିକସ ରାଜସ୍ୱ ଏବଂ ଅନୁଦାନ ସମେତ ଅଣ - ଟିକସ ରାଜସ୍ୱର ପରିମାଣ ୧.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, ଯାହା ରାଜସ୍ୱ ପ୍ରାପ୍ତିର ପ୍ରାୟ ୪୩.୮ ପ୍ରତିଶତ ଅଟେ । ୨୦୨୫-୨୬ ବଜେଟ୍ ଆକଳନରେ ଜିଏସଡିପିର ଅଂଶ ହିସାବରେ ଟିକସ ରାଜସ୍ୱ ୧୩.୨ ପ୍ରତିଶତ ରହିଥିଲା । ସେହିଭଳି, ୨୦୨୫-୨୬ ବଜେଟ୍ ଆକଳନରେ ଅଣଟିକସ ରାଜସ୍ୱ ଜିଏସଡିପିରେ ୧୦.୩ ପ୍ରତିଶତ ଥିଲା।

୨୦୨୫-୨୬ ବଜେଟ୍ ପୂର୍ବାନୁମାନରେ ରାଜ୍ୟ ସରକାର ୬୬,୦୦୦ କୋଟି ଟଙ୍କାର ନିଜସ୍ୱ ଟିକସ ରାଜସ୍ୱ ଅନୁସାରେ ବଜେଟ୍ ତିଆରି କରିଥିଲେ, ଯାହା ରାଜ୍ୟର ମୋଟ ଟିକସ ରାଜସ୍ୱର ୫୦.୬ ପ୍ରତିଶତ ଏବଂ ସାମଗ୍ରିକ ରାଜସ୍ୱ ପ୍ରାପ୍ତିର ୨୮.୪ ପ୍ରତିଶତ ଅଟେ। ଟିକସ ରାଜସ୍ୱର ମୁଖ୍ୟ ତିନୋଟି ଉପାଦାନ ହେଲା ରାଜ୍ୟ ଜିଏସଟି, ବିକ୍ରୟ କର ଏବଂ ରାଜ୍ୟ ଉତ୍ପାଦ ଶୁଳ୍କ। ଏହି ତିନୋଟି ଉତ୍ସ ମିଳିତ ଭାବେ ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱର ପ୍ରାୟ ୮୧.୭ ପ୍ରତିଶତ ଅଟେ। ଅନ୍ୟ ପକ୍ଷରେ୨୦୨୫-୨୬ ବଜେଟ୍ ଆକଳନରେ ରାଜ୍ୟ ସରକାର ୬୦,୦୦୦ କୋଟି ଟଙ୍କାର ନିଜସ୍ୱ ଅଣ ଟିକସ ରାଜସ୍ୱ ଆଦାୟ କରିଥିଲେ । ଏହା ରାଜ୍ୟର ମୋଟ ଅଣ-ଟିକସ ରାଜସ୍ୱର ପ୍ରାୟ ୫୯.୧ ପ୍ରତିଶତ ଏବଂ ରାଜସ୍ୱ ପ୍ରାପ୍ତିର ୨୫.୯ ପ୍ରତିଶତ ଅଟେ। ୨୦୨୫ - ୨୬ ରେ ମୋଟ ନିଜସ୍ୱ ଅଣ ଟିକସ ରାଜସ୍ୱର ପ୍ରାୟ ୭୯.୧ ପ୍ରତିଶତ କେବଳ ଖଣି ରୟାଲଟିରୁ ଥିଲା।

କେନ୍ଦ୍ରୀୟ ହସ୍ତାନ୍ତର ବୃଦ୍ଧି ଯୋଗୁଁ ଓଡ଼ିଶାର ଆର୍ଥିକ ବିକାଶ ମଧ୍ୟ ଅନେକାଂଶରେ ଲାଭବାନ ହୋଇଛି। ୨୦୨୫-୨୬ ବଜେଟ୍ ଆକଳନରେ ରାଜ୍ୟ ସରକାର ୧.୦୬ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ହସ୍ତାନ୍ତର ପାଇଁ ବଜେଟ୍ ତିଆରି କରିଥିଲେ। କେନ୍ଦ୍ରୀୟ ସ୍ଥାନାନ୍ତରରେ ଉଭୟ କେନ୍ଦ୍ରୀୟ ଟିକସ ଏବଂ କେନ୍ଦ୍ରରୁ ଅନୁଦାନର ଅଂଶ ଅନ୍ତର୍ଭୁକ୍ତ । ବିଶେଷ ଭାବରେ, କେନ୍ଦ୍ରୀୟ ଟିକସର ଅଂଶ (୬୪,୪୦୮ କୋଟି ଟଙ୍କା) ରାଜ୍ୟର ରାଜସ୍ୱ ପ୍ରାପ୍ତିର ୨୭.୮ ପ୍ରତିଶତ ଥିବାବେଳେ କେବଳ କେନ୍ଦ୍ରୀୟ ଅନୁଦାନ (୪୧,୫୯୨ କୋଟି ଟଙ୍କା) ୧୭.୯ ପ୍ରତିଶତ ଯୋଗଦାନ ଦେଇଛି। ଯେଉଁ ପ୍ରମୁଖ ଯୋଜନାଗୁଡ଼ିକ ଅଧୀନରେ ଓଡିଶା କେନ୍ଦ୍ରୀୟ ଅନୁଦାନ ପାଇଥାଏ ସେଗୁଡ଼ିକ ହେଲା (କ) ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା, (ଖ) ସମଗ୍ର ଶିକ୍ଷା ଅଭିଯାନ, (ଗ) ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, (ଘ) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଇତ୍ୟାଦି।

## ରାଜ୍ୟର ବ୍ୟୟ

୨୦୨୫-୨୬ ରେ ମୋଟ ବଜେଟ୍ ୨.୯୦ ଲକ୍ଷ କୋଟି ଟଙ୍କା ରହିଛି, ଯାହା ୨୦୨୪-୨୫ ତୁଳନାରେ ୧୭. ୭ ପ୍ରତିଶତ ଅଧିକ। ମୋଟ ବ୍ୟୟର ପ୍ରାୟ ୬୯ ପ୍ରତିଶତ (୨ ଲକ୍ଷ କୋଟି ଟଙ୍କା) ରାଜସ୍ୱ ବ୍ୟୟ ପାଇଁ ଆବଣ୍ଟିତ ହୋଇଥିବାବେଳେ ଅବଶିଷ୍ଟ ୩୧ ପ୍ରତିଶତ (୮୯,୮୦୦ କୋଟି ଟଙ୍କା) ପୁଞ୍ଜି ବ୍ୟୟ ପାଇଁ ଧାର୍ଯ୍ୟ କରାଯାଇଛି। ୨୦୨୫-୨୬ ବଜେଟରେ ଜିଏସଡିପିର ପ୍ରତିଶତ ଅନୁଯାୟୀ ପୁଞ୍ଜି ବ୍ୟୟବରାଦ ୨୦୨୪-୨୫ ରେ ୫.୦ ପ୍ରତିଶତରୁ ବୃଦ୍ଧି ପାଇ ୬.୬ ପ୍ରତିଶତରେ ପହଞ୍ଚିଛି। ଭାରତର ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାରେ ଜି.ଏସ.ଡି.ପି ଅନୁପାତରେ ସର୍ବାଧିକ ପୁଞ୍ଜି ବ୍ୟୟ ରହିଛି। ଓଡ଼ିଶା କ୍ରମାଗତ ଭାବେ ଏହାର ବଜେଟର ଏକ ସିଂହ ଭାଗ ବିକାଶମୂଳକ ବ୍ୟୟ ପାଇଁ ଆବଣ୍ଟନ କରିଛି, ବିଶେଷକରି ସାମାଜିକ କଲ୍ୟାଣ ଏବଂ ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବା କ୍ଷେତ୍ରରେ ଏହା ବିନିଯୋଗ ହୋଇଥାଏ । ଜିଏସଡିପିର ପ୍ରତିଶତ ହିସାବରେ ବିକାଶମୂଳକ ବ୍ୟୟ ୨୦୨୩-୨୪ ରେ ୧୭. ୯ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୫-୨୬ ବଜେଟରେ ୨୧.୩ ପ୍ରତିଶତରେ ପହଞ୍ଚିଛି। ୨୦୨୪-୨୫ ବଜେଟ୍ ଆକଳନରେ ଓଡ଼ିଶା ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଏବଂ ଜିଏସଡିପି ପ୍ରତିଶତ ହିସାବରେ ବିକାଶମୂଳକ ବ୍ୟୟ ଦୃଷ୍ଟିରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ହାରାହାରି ଠାରୁ ଅଧିକରେ ରହିଛି।

ଖର୍ଚ୍ଚର ଗୁଣବତ୍ତା ଓ ଦକ୍ଷତାର ପ୍ରମୁଖ ସୂଚକାଙ୍କରେ ଓଡ଼ିଶା ଜାତୀୟ ହାରଠାରୁ ଉର୍ଦ୍ଧ୍ୱରେ ରହିଛି। ୨୦୨୫-୨୬ ରେ ସମୁଦାୟ ସାମାଜିକ କ୍ଷେତ୍ରର ଖର୍ଚ୍ଚ ୧.୨୨ ଲକ୍ଷ କୋଟି ଟଙ୍କା ଥିଲା, ତାହା ବାର୍ଷିକ ୮.୧ ପ୍ରତିଶତ ବୃଦ୍ଧି ପାଇଛି ଓ ସମୁଦାୟ ଜିଏସଡିପିରେ ଶିକ୍ଷା (୩. ୮ ପ୍ରତିଶତ), ସ୍ୱାସ୍ଥ୍ୟ (୨. ୩ ପ୍ରତିଶତ) ଏବଂ ଜଳ ପରିମଳ (୧.୧ ପ୍ରତିଶତ) ପାଇଁ ଆବଣ୍ଟିତ ହୋଇଛି । ସମସ୍ତ ନାଗରିକଙ୍କ ପାଇଁ ବ୍ୟାପକ କଲ୍ୟାଣକାରୀ ଯୋଜନା ସୁନିଶ୍ଚିତ କରି ମାନବ ସମ୍ବଳ ବିକାଶ ବ୍ୟୟ ଅନୁପାତ, ୟୁ.ଏନ୍ .ଡି.ପି. ମାନଦଣ୍ଡକୁ ଅତିକ୍ରମ କରିଛି। ଏହାର କାରଣ ହେଉଛି ଓଡ଼ିଶା ପଞ୍ଚଦଶ ଆର୍ଥିକ କମିଶନର ସୁପାରିଶ (୮ ପ୍ରତିଶତ) ପାଳନ କରି ସମୁଦାୟ ବଜେଟର ୮. ୪ ପ୍ରତିଶତ ସ୍ୱାସ୍ଥ୍ୟସେବା ପାଇଁ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ନେଇଛି। ଅନ୍ୟ ଭାରତୀୟ ରାଜ୍ୟଗୁଡ଼ିକର ହାରାହାରି ୫.୭ ପ୍ରତିଶତ ଖର୍ଚ୍ଚ ତୁଳନାରେ ଏହା ବହୁତ ଅଧିକ ଅଟେ।

## ଋଣ ପରିଚାଳନା

୨୦୨୫-୨୬ ବଜେଟ୍ ଆକଳନରେ ଓଡ଼ିଶାର ଋଣ ଓ ଜିଏସଡିପି ଅନୁପାତ ୧୩.୬ ପ୍ରତିଶତରେ ବଜାୟ ରହିଛି, ଯାହା ଭାରତର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବନିମ୍ନ ଏବଂ ଏଫଆରବିଏମ ସୀମା ୨୫ ପ୍ରତିଶତ ଠାରୁ ମଧ ଯଥେଷ୍ଟ କମ୍ । ଏହା ବ୍ୟତୀତ, ରାଜସ୍ୱ ପ୍ରାପ୍ତି ଅନୁପାତ (ଆଇପିଆରଆର) ଉପରେ ସୁଧ ଦେୟ ୨.୮ ପ୍ରତିଶତ ରହିଛି, ଯାହା ନିର୍ଦ୍ଧାରିତ ୧୫ ପ୍ରତିଶତ ସୀମା ମଧରେ ରହିଛି ।

## ଆର୍ଥିକ ଅନୁଶାସନ ଏବଂ ନବସୃଜନ

ଲିଙ୍ଗଗତ ବଜେଟ୍, ଶିଶୁ ବଜେଟ୍, ପୁଷ୍ଟିକର ବଜେଟ୍ ପ୍ରସ୍ତୁତିକୁ ଓଡ଼ିଶା ଶୃଙ୍ଖଳିତ କରି ଆନୁଷ୍ଠାନିକ କରିପାରିଛି ଏବଂ ଆର୍ଥିକ ସ୍ଥିରତା ବୃଦ୍ଧି ପାଇଁ ଜଷ୍ଟ-ଇନ୍-ଟାଇମ୍ ଫଣ୍ଡିଂ ସିଷ୍ଟମ୍ (ଜେଆଇଟିଏଫ୍ ଏସ୍) ଏବଂ ଏକ ବଜେଟ୍ ସ୍ଥିରତା ପାଣ୍ଠି ପ୍ରବର୍ତ୍ତନ କରିଛି। ବହୁବର୍ଷିଆ ବଜେଟ୍ ସିଲିଂ ଯୋଗାଯୋଗର କାର୍ଯ୍ୟକାରିତା ସହିତ ଏହି ଦୂରଦୃଷ୍ଟି ସମ୍ପନ୍ନ କୌଶଳ ୨୦୦୦ ଦଶକର ପ୍ରାରମ୍ଭରେ ଏକ ଆର୍ଥିକ ଚାପଗ୍ରସ୍ତ ରାଜ୍ୟରୁ ଓଡିଶାକୁ ଆଜି ଏକ ମାନଦଣ୍ଡ ପ୍ରଦର୍ଶକ ରାଜ୍ୟରେ ପରିଣତ କରିପାରିଛି। ସୁଭଦ୍ରା ଯୋଜନା, ସମୃଦ୍ଧ କୃଷକ ଯୋଜନା ଏବଂ ସମନ୍ୱିତ ସ୍ୱାସ୍ଥ୍ୟ ଓ ଶିକ୍ଷା କାର୍ଯ୍ୟକ୍ରମ ଭଳି ଜନକୈନ୍ଦ୍ରିକ ଯୋଜନା, ଜନସାଧାରଣଙ୍କର ସମନ୍ୱିତ ବିକାଶ ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ଦର୍ଶାଉଛି। ପ୍ରମୁଖ ରାଜ୍ୟମାନଙ୍କ ମଧରେ ସର୍ବାଧିକ ପୁଞ୍ଜି ବ୍ୟୟ, ଜିଏସଡିପି ଅନୁପାତ, ଏକ ଦୃଢ଼ ରାଜସ୍ୱ ଆଧାର ଏବଂ ସ୍ଥାୟୀ ଋଣ ପ୍ରୋଫାଇଲ୍ ସହିତ ଓଡ଼ିଶା ଅନୁକୂଳ ରାଜକୋଷ ପରିଚାଳନାରେ ଏକ ମାନଦଣ୍ଡ ମଧ୍ୟ ସ୍ଥିର କରିଛି।

ଅଧ୍ୟାୟ ୩

# କୃଷି, ପ୍ରାଣୀସମ୍ପଦ ଏବଂ ଜଙ୍ଗଲ

## କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ର ଆର୍ଥିକ ଉତ୍ପାଦ

ଓଡ଼ିଶାର ନିଯୁକ୍ତି ଓ ଉତ୍ପାଦନରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ସାମୟିକ ଶ୍ରମ ଶକ୍ତି ସର୍ବେକ୍ଷଣ (୨୦୨୪) ଅନୁଯାୟୀ, ଏହି କ୍ଷେତ୍ରରେ ପ୍ରାୟ ୧.୦୪ କୋଟି ଶ୍ରମିକ ନିୟୋଜିତ ହୋଇଥିଲେ, ଯାହା ରାଜ୍ୟର ମୋଟ ଶ୍ରମଶକ୍ତିର ୪୮.୬ ପ୍ରତିଶତ ଅଟେ। ୨୦୨୫-୨୬ରେ ଓଡ଼ିଶାର ମୋଟ ରାଜ୍ୟ ମୂଲ୍ୟ ବୃଦ୍ଧି (ଜିଏସଭିଏ)ରେ କୃଷି କ୍ଷେତ୍ରର ଯୋଗଦାନ ୧୯.୬ ପ୍ରତିଶତ ରହିଛି, ଯାହା ଜାତୀୟ ହାରାହାରି ୧୬.୮ ପ୍ରତିଶତ ଠାରୁ ଅଧିକ। ୨୦୨୫-୨୬ରେ କୃଷି ଓ ଆନୁଷଙ୍ଗିକ ଜିଏସଭିଏର ୬୧.୫ ପ୍ରତିଶତରୁ ଅଧିକ ଅଂଶ ଥିବା ଫସଲ ଉପ-କ୍ଷେତ୍ର ଓଡ଼ିଶା କୃଷି କ୍ଷେତ୍ରର ପ୍ରମୁଖ ଉପ-କ୍ଷେତ୍ର ହୋଇ ରହିଛି । ଏହା ପଛକୁ ପ୍ରାଣୀସମ୍ପଦ (୧୩.୭ ପ୍ରତିଶତ), ଜଙ୍ଗଲ ଓ ଜଙ୍ଗଲ ଜାତ ଦ୍ରବ୍ୟ ( ୧୩ .୪ ପ୍ରତିଶତ) ଏବଂ ମାଛ ଧରା ଓ ଜଳଚର ପାଳନ (୧୧.୩ ପ୍ରତିଶତ) ରହିଛି।

ଅଗ୍ରୀମ ଆକଳନ ଅନୁଯାୟୀ, ୨୦୨୫-୨୬ରେ ଏହି କ୍ଷେତ୍ର ରାଜ୍ୟରେ ୫.୩ ପ୍ରତିଶତ ଅଭିବୃଦ୍ଧି ହାସଲ କରିବ ବୋଲି ଆଶା କରାଯାଉଛି, ଯାହା ସର୍ବଭାରତୀୟ ସ୍ତରର ୩.୧ ପ୍ରତିଶତ ଠାରୁ ଅଧିକ। ଅଦିନିଆ ବର୍ଷା ଓ ବାତ୍ୟା 'ଦାନା' ଦ୍ୱାରା ପ୍ରଭାବିତ ହୋଇ ମଧ୍ୟ ଫସଲ ଉପକ୍ଷେତ୍ରର ଅଭିବୃଦ୍ଧି ୫.୧% ରେ ପହଞ୍ଚିବ । ଅପରପକ୍ଷେ, ମାଛଧରା ଓ ଜଳଚର ପାଳନ, ଜଙ୍ଗଲ ଏବଂ କାଠ ଉପ-କ୍ଷେତ୍ର ଯଥାକ୍ରମେ ୬.୮ ପ୍ରତିଶତ ଏବଂ ୫.୧ ପ୍ରତିଶତ ଅଭିବୃଦ୍ଧି ହାସଲ କରିବାକୁ ସ୍ଥିର ହୋଇଛି। ପ୍ରାଣୀସମ୍ପଦ ଉପ-କ୍ଷେତ୍ର ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି, ଯେଉଁଥିରେ ୨୦୨୫-୨୬ରେ ଆନୁମାନିକ ୪.୭ ପ୍ରତିଶତ ଅଭିବୃଦ୍ଧି ହେବ ବୋଲି ଆଶା କରାଯାଉଛି।

## ଜମି ବ୍ୟବହାର ଏବଂ ଫସଲ ଢାଞ୍ଚା

୨୦୨୪-୨୫ ରେ ରାଜ୍ୟର ୫୬.୩ ଲକ୍ଷ ହେକ୍ଟର ନିଟ୍ ଫସଲ କ୍ଷେତ୍ର (ନେଟ୍ ସୋନ୍ ଏରିଆ) ଥିଲା, ଯାହାକି ମୋଟ ଭୌଗୋଳିକ କ୍ଷେତ୍ରର ପ୍ରାୟ ୩୬.୨ ପ୍ରତିଶତ ଅଟେ। ନିଟ୍ ଫସଲ କ୍ଷେତ୍ର ୨୦୨୦-୨୧ ଓ ୨୦୨୪-୨୫ ମଧ୍ୟରେ ୪ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟରେ ମୋଟ ଚାଷ କ୍ଷେତ୍ର ୨୦୨୦-୨୧ରେ ୮୫.୩ ଲକ୍ଷ ହେକ୍ଟରରୁ ୨୦୨୪-୨୫ରେ ୯୨.୮ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି। ଫଳସ୍ୱରୂପ, ରାଜ୍ୟରେ ଫସଲର ତୀବ୍ରତା ୨୦୨୦-୨୧ରେ ୧୫୮ପ୍ରତିଶତରୁ ବୃଦ୍ଧି ପାଇ ୨୦୨୪-୨୫ରେ ୧୬୫ ପ୍ରତିଶତରେ ପହଞ୍ଚିଛି ।

ଓଡ଼ିଶାର ଫସଲ ଢାଞ୍ଚାରେ ଦୀର୍ଘ ଦିନ ଧରି ଧାନ ପ୍ରାଧାନ୍ୟ ବିସ୍ତାର କରିଆସୁଛି, କିନ୍ତୁ ରାଜ୍ୟ ଧୀରେ ଧୀରେ ଉଚ୍ଚ ମୂଲ୍ୟଯୁକ୍ତ ଏବଂ ଜଳବାୟୁ ସହନଶୀଳ ଫସଲରେ ଅଗ୍ରଣୀ ହେବାରେ ଲାଗିଛି। ମୋଟ ଫସଲ କ୍ଷେତ୍ର (ଜିସିଏ)ରେ ଧାନର ଅଂଶ ୨୦୨୦-୨୧ରେ ୪୭ ପ୍ରତିଶତରୁ ୨୦୨୪-୨୫ରେ ୪୪ ପ୍ରତିଶତକୁ ସାମାନ୍ୟ ହ୍ରାସ ପାଇଛି। ଜିସିଏର ୨୩ ପ୍ରତିଶତ ଭାଗରେ ଡାଲି ଜାତୀୟ ଶସ୍ୟ ଚାଷ ହୋଇଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି । ୨୦୨୦-୨୧ରେ ଏହି କ୍ଷେତ୍ର ୧୯ ଲକ୍ଷ ହେକ୍ଟରରୁ ୨୦୨୪-୨୫ରେ ଏହା ୨୧ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି। ମାଣ୍ଡିଆ ଜାତୀୟ ଶସ୍ୟରେ ଶ୍ରୀ ଅନ୍ନ ଅଭିଯାନ ସହାୟତାରେ ୬୨.୭ ପ୍ରତିଶତ ଉଲ୍ଲେଖନୀୟ ବୃଦ୍ଧି ପାଇ ୨.୭ ଲକ୍ଷ ହେକ୍ଟରରେ ପହଞ୍ଚିଛି। ମୂଲ୍ୟ ସହାୟତା, ସରକାରୀ କ୍ରୟ ଏବଂ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ ସହାୟତାରେ କପା ଚାଷ ଜମିରେ ବିଗତ ୫ ବର୍ଷରେ ୩୯.୩ ପ୍ରତିଶତ ବୃଦ୍ଧି ପାଇ ୨୦୨୪-୨୫ରେ ରେକର୍ଡ ୨.୪ ଲକ୍ଷ ହେକ୍ଟରରେ ପହଞ୍ଚିଛି।

## ଉଦ୍ୟାନ କୃଷି

ଓଡ଼ିଶାରେ ଉଦ୍ୟାନ କୃଷି ଭିତ୍ତିକ ଚାଷ ପ୍ରଣାଳୀ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ୨୦୨୪-୨୫ରେ ରାଜ୍ୟରେ ୭.୯୧ ଲକ୍ଷ ହେକ୍ଟର ଜମିରେ ପନିପରିବା, ୩.୭୫ ଲକ୍ଷ ହେକ୍ଟରରେ ଫଳ ଏବଂ ୨.୨୭ ଲକ୍ଷ ହେକ୍ଟର ଜମିରେ ମସଲା ଚାଷ କରାଯାଇଥିଲା। ଏହା ୨୦୨୦-୨୧ ତୁଳନାରେ ଯଥାକ୍ରମେ ୧୫.୩ ପ୍ରତିଶତ, ୮.୫ ପ୍ରତିଶତ ଏବଂ ୩୩.୨ ପ୍ରତିଶତର ବୃଦ୍ଧିକୁ ଦର୍ଶାଉଛି, ଯାହା ବିବିଧ ଏବଂ ବଜାର ଭିତ୍ତିକ କୃଷି ଆଡକୁ ଏକ ସ୍ଥିର ପରିବର୍ତ୍ତନକୁ ପ୍ରତିଫଳିତ କରୁଛି ।

## ଫସଲ ଉତ୍ପାଦନ

ଓଡ଼ିଶା ୨୦୨୪-୨୫ରେ ରେକର୍ଡ ପରିମାଣର ୧୫୦ ଲକ୍ଷ ମେଟ୍ରିକ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ କରିଛି। ୨୦୨୪-୨୫ରେ ରାଜ୍ୟରେ ଚାଉଳ ଉତ୍ପାଦନ ୧୧୮.୬ ଲକ୍ଷ ମେଟ୍ରିକ ଟନ ଥିଲା, ଯାହା ୨୦୨୦-୨୧ର ୧୧୦ ଲକ୍ଷ ମେଟ୍ରିକ ଟନ୍ ତୁଳନାରେ ୧.୯ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଥିଲା। ସିଏମ-କିଷାନ ନଗଦ ହସ୍ତାନ୍ତର, ଅଧିକ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଏବଂ କ୍ରୟ ପଦକ୍ଷେପ ଭଳି କାର୍ଯ୍ୟକ୍ରମ ମଧ୍ୟ ଚାଉଳ ଉତ୍ପାଦନ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

୨୦୨୪-୨୫ରେ ଓଡ଼ିଶାରେ ମକା ଉତ୍ପାଦନ ୧୧.୭ ଲକ୍ଷ ମେଟ୍ରିକ୍ ଟନ୍ ରେ ପହଞ୍ଚିଛି, ଯେଉଁଥିରେ ରାଜ୍ୟର "ମୁଖ୍ୟମନ୍ତ୍ରୀ ମକା ମିଶନ୍"ର ମୁଖ୍ୟ ଭୂମିକା ରହିଛି। ୨୦୨୦-୨୧ ପରଠାରୁ ଏହା ୯ ପ୍ରତିଶତ ବାର୍ଷିକ ଚକ୍ରବର୍ତ୍ତୀ ଅଭିବୃଦ୍ଧି ହାର (ସିଏଜିଆର)ରେ ବୃଦ୍ଧି ପାଇଛି। ସେହି ସମୟ ଅବଧି ମଧ୍ୟରେ ମାଣ୍ଡିଆ ଜାତୀୟ ଖାଦ୍ୟର ଉତ୍ପାଦନରେ ୨୧.୩ ପ୍ରତିଶତ ବୃଦ୍ଧି ଘଟିଛି। ଏହା ବ୍ୟତୀତ, ଡାଲି ଉତ୍ପାଦନ ୨୦୨୦-୨୧ର ୧୦.୪ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି ପାଇ ୨୦୨୪-୨୫ରେ ୧୬.୬ ଲକ୍ଷ ମେଟ୍ରିକ୍ ଟନ୍ ରେ ପହଞ୍ଚିଛି, ଯାହାକି ୧୨.୩ ପ୍ରତିଶତର ସିଏଜିଆରକୁ ପ୍ରତିଫଳିତ କରୁଛି।

ଓଡ଼ିଶା ସରକାର ଏମ୍ଆଇଡିଏଚ୍, ସିଡିପି, ପଣସ ମିଶନ, ଫୁଲ ଚାଷ ମିଶନ, ଛତୁ ମିଶନ ଏବଂ ମସଲା ମିଶନ ଭଳି ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ / ମିଶନ ମାଧ୍ୟମରେ ଉଦ୍ୟାନ କୃଷି ଫସଲ ଉତ୍ପାଦନକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରୁଛନ୍ତି । ଫଳସ୍ୱରୂପ, ପନିପରିବା ଉତ୍ପାଦନ ୨୦୨୦-୨୧ର ୯୭.୮ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି ପାଇ ୨୦୨୪-୨୫ରେ ୧୧୧.୦୨ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି, ଯେତେବେଳେ କି ଫଳ ଉତ୍ପାଦନ ସମାନ ଅବଧିରେ ୨୫.୩ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି ପାଇ ୨୭.୨ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି, ଯାହା ଏହି ସରକାରୀ ପଦକ୍ଷେପର ସକରାତ୍ମକ ପ୍ରଭାବକୁ ପ୍ରତିଫଳିତ କରୁଛି।

ଗତ କିଛି ବର୍ଷ ମଧ୍ୟରେ ରାଜ୍ୟର ଫୁଲ ଚାଷ କ୍ଷେତ୍ର ଉଭୟ କ୍ଷେତ୍ର ବିସ୍ତାର ଏବଂ ଉତ୍ପାଦନରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି। ଫୁଲ ଚାଷ ଅଧୀନରେ ଥିବା କ୍ଷେତ୍ର ୨୦୨୦-୨୧ରେ ୫.୬ ହଜାର ହେକ୍ଟରରୁ ୧୫.୬ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇ ୨୦୨୪-୨୫ରେ ୧୦.୦ ହଜାର ହେକ୍ଟରରେ ପହଞ୍ଚିଛି। ଏହି ଅବଧିରେ, ଖୋଲା ଫୁଲ ଉତ୍ପାଦନ ମଧ୍ୟ ୧୮.୬ ପ୍ରତିଶତ ବୃଦ୍ଧି ପାଇ ୨୦୨୦-୨୧ର ୩୧.୬ ହଜାର ମେଟ୍ରିକ୍ ଟନ୍‌ରୁ ୨୦୨୫-୨୬ରେ ୬୨.୪ ହଜାର ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି।

## ଉପାଦାନ ପରିଚାଳନା

ଉନ୍ନମାନର ମଞ୍ଜି ବ୍ୟବହାର କରିବା ଫସଲର ସ୍ଥିରତା, ଶକ୍ତି ଏବଂ ପରିବେଶ ଚାପ ଏବଂ ରୋଗ ପ୍ରତି ବର୍ଦ୍ଧିତ ପ୍ରତିରୋଧକୁ ସୁନିଶ୍ଚିତ କରେ। ପଞ୍ଜିକୃତ ଚାଷୀଙ୍କ ମାଧ୍ୟମରେ ପ୍ରମାଣିତ ବିହନ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା 'ବିହନ ଗ୍ରାମ କାର୍ଯ୍ୟକ୍ରମ' ଭଳି ପଦକ୍ଷେପ କାର୍ଯ୍ୟକାରୀ ହେଉଛି। ରାଜ୍ୟ ୨୦୨୪-୨୫ରେ ଓଡ଼ିଶା ୨୬୧ଟି ବିହନ ପ୍ରକ୍ରିୟାକରଣ କାରଖାନା ପରିଚାଳନା କରିଥିଲା, ଯାହାର ମୋଟ କ୍ଷମତା ଘଣ୍ଟା ପ୍ରତି ୭୮୯ ଟନ୍ ଥିଲା ଏବଂ ୨.୬୮ ଲକ୍ଷ ପ୍ରମାଣିତ ବିହନ ଉତ୍ପାଦନ କରାଯାଇଛି ଯେଉଁଥିରେ ୧.୮୩ ଲକ୍ଷ ଧାନ ଓ ୦.୮୫ ଲକ୍ଷ ଅଣଧାନ ବିହନ ଅନ୍ତର୍ଭୁକ୍ତ । ୨୦୨୪-୨୫ ସୁଦ୍ଧା ଓଡ଼ିଶାରେ ବିହନ ପ୍ରତିସ୍ଥାପନ ହାର (ଏସ୍ ଆର୍ ଆର୍) ବୃଦ୍ଧି ପାଇଛି ଏବଂ ୨୦୨୪-୨୫ ସୁଦ୍ଧା ବୁଟ ଏବଂ ମକା ୫୦ ପ୍ରତିଶତରୁ ଅଧିକ ଏସ୍ ଆର୍ ଆର୍ କୁ ଅତିକ୍ରମ କରିଛି। ତଥାପି, ଧାନ, ତୈଳବୀଜ ଏବଂ ଅନ୍ୟାନ୍ୟ ପ୍ରମୁଖ ଫସଲରେ ଏସଆରଆର ବୃଦ୍ଧି କରିବା ପାଇଁ ବିହିତ ପଦକ୍ଷେପର ଆବଶ୍ୟକତା ରହିଛି, କାରଣ ଏହି ଫସଲରେ ଏସ୍ ଆର୍ ଆର୍ ବହୁତ କମ୍ ରହିଛି।

ଅନିୟମିତ ମୌସୁମୀ ବର୍ଷା ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଓଡ଼ିଶା ଜଳସେଚନ ଭିତ୍ତିଭୂମିରେ ଉଲ୍ଲେଖନୀୟ ପୁଞ୍ଜି ବିନିଯୋଗ କରିଛି। ରାଜ୍ୟର ଜଳସେଚନ କ୍ଷମତା ବର୍ତ୍ତମାନ ୭୪.୨ ଲକ୍ଷ ହେକ୍ଟରରେ ପହଞ୍ଚିଛି, ଯାହା ଉଭୟ ଖରିଫ ଏବଂ ରବି ଋତୁକୁ ଅନ୍ତର୍ଭୁକ୍ତ କରେ, ଯାହା ସମୁଦାୟ ଫସଲ କ୍ଷେତ୍ରର ପ୍ରାୟ ୮୦ ପ୍ରତିଶତ ଜଳସେଚନ ସକ୍ଷମ କରିଥାଏ। ତଥାପି, ଏହି ସମ୍ଭାବନାର କେବଳ ୬୨.୫ ପ୍ରତିଶତ ବର୍ତ୍ତମାନ ବ୍ୟବହୃତ ହେଉଛି, ଯାହା ଜଳସେଚନ ବ୍ୟବହାରରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟବଦ୍ଧ ହସ୍ତକ୍ଷେପର ଆବଶ୍ୟକତାକୁ

ଆଲୋକିତ କରେ। ଓଡ଼ିଶା ମଧ୍ୟ କ୍ଷୁଦ୍ର ଜଳସେଚନର ସମ୍ପ୍ରସାରଣ କରୁଛି, ୨୦୨୪-୨୫ରେ ପ୍ରାୟ ୨୩,୨୦୭ ହେକ୍ଟର ଜମିକୁ ସଂଯୋଗ କରୁଛି ଏବଂ ୨୦୪୭ ସୁଦ୍ଧା ଏହାର ବ୍ୟାପକତା ୨ ପ୍ରତିଶତରୁ ୨୫ ପ୍ରତିଶତକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖାଯାଇଛି।

କୃଷି କାର୍ଯ୍ୟର ସୁଫଳ ପରିଚାଳନା ପାଇଁ ରାଜ୍ୟ ସରକାର କୃଷି ଋଣ ଉପରେ ସୁଧ ରିହାତି ପ୍ରଦାନ କରୁଛନ୍ତି ଯାହା ଋଣର ଉପଲବ୍ଧତାକୁ ବୃଦ୍ଧି କରିବାରେ ସହାୟକ ହେବ । ୨୦୨୪-୨୫ରେ ରାଜ୍ୟରେ ମୋଟ ୭୬.୧ ହଜାର କୋଟି ଟଙ୍କାର କୃଷି ଋଣ ପ୍ରଦାନ କରାଯାଇଛି, ଯାହା ୨୦୨୦-୨୧ରେ ୩୫.୮ ହଜାର କୋଟି ଟଙ୍କାରୁ ୨୦.୮ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି। ମିଆଦୀ ଋଣ, ମୋଟ କୃଷି ଋଣର ୪୦.୯ ପ୍ରତିଶତ ଅଟେ। ମିଆଦୀ ଋଣର ଅଂଶ ୨୦୨୦-୨୧ରେ ୩୧ ପ୍ରତିଶତରୁ ବୃଦ୍ଧି ପାଇ ୨୦୨୪-୨୫ରେ ୪୧ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପରେ ଦୀର୍ଘକାଳୀନ ନିବେଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଦର୍ଶାଉଛି।

ଓଡ଼ିଶା ସରକାର ସକ୍ରିୟ ଭାବେ ସମନ୍ୱିତ ପୁଷ୍ଟିକର ପରିଚାଳନା (ଆଇଏନ୍ଏମ୍)କୁ ପ୍ରୋତ୍ସାହିତ କରୁଛନ୍ତି, ଯାହା ମୃତ୍ତିକାର ସ୍ୱାସ୍ଥ୍ୟକୁ ବଢାଇବା ପାଇଁ ଜୈବିକ ଖତ ଏବଂ ଜୈବ ସାର ସହିତ ରାସାୟନିକ ସାରର ସନ୍ତୁଳିତ ବ୍ୟବହାରକୁ ମିଶ୍ରଣ କରିଥାଏ। ୨୦୨୪-୨୫ରେ ରାଜ୍ୟ ଚାଷୀମାନଙ୍କୁ ଉପଯୁକ୍ତ ସାର ବ୍ୟବହାର ପାଇଁ ମାର୍ଗଦର୍ଶନ କରିବା ପାଇଁ ୫.୫୭ ଲକ୍ଷ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଜାରି କରିଥିଲା । ଏହାବ୍ୟତୀତ, ନାଇଟ୍ରୋଜେନ ସାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ମୃତ୍ତିକାର ଜୈବିକ ପଦାର୍ଥରେ ଉନ୍ନତି ଆଣିବା ପାଇଁ 'ଧନିଚା' ସହିତ ସବୁଜ ଖତ ବ୍ୟବହାରକୁ ଉତ୍ସାହିତ କରାଯାଏ । ଓଡ଼ିଶାରେ ସାର ବ୍ୟବହାର ସାମାନ୍ୟ ବୃଦ୍ଧି ପାଇଛି। ୨୦୨୦-୨୧ରେ ହେକ୍ଟର ପିଛା ୭୬.୯ କିଲୋଗ୍ରାମ ସାର ବ୍ୟବହାର ହୋଇଥିବା ବେଳେ ୨୦୨୪-୨୫ରେ ଏହା ୭୮.୨ କିଲୋଗ୍ରାମକୁ ବୃଦ୍ଧି ପାଇଛି, ଯାହାକି ପୋଷକ ତତ୍ତ୍ୱ ପରିଚାଳନା ଦିଗରେ ଧୀରେ ଧୀରେ ଅଗ୍ରଗତିକୁ ଦର୍ଶାଉଛି।

## ବିପଣନ

ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି)ରେ ସିଧାସଳଖ ଧାନ କିଣି ଓଡ଼ିଶା ସରକାର ଚାଷୀଙ୍କୁ ଅଭାବି ବିକ୍ରିରୁ ରକ୍ଷା କରିବା ଏବଂ ଉଚିତ ଆୟ ସୁନିଶ୍ଚିତ କରିବା ପାଇଁ ସହାୟତା କରୁଛନ୍ତି। ବର୍ତ୍ତମାନ, କୃଷକମାନେ କ୍ୱିଣ୍ଟାଲ ପିଛା ୨,୩୦୦ ଟଙ୍କାର ଏମ୍.ଏସ୍.ପି ସହିତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ୍ ସହାୟତା ପାଉଛନ୍ତି । ୨୦୨୪-୨୫ରେ ୧୯.୭୩ ଲକ୍ଷରୁ ଅଧିକ ଚାଷୀଙ୍କ ଠାରୁ ୯୨.୬ ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଥିଲା, ଯେଉଁଥିରେ ମୋଟ ୨୧,୩୦୦ କୋଟି ଟଙ୍କା ଏମ୍.ଏସ୍.ପି ଏବଂ ୭୧୪୦ କୋଟି ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରାଯାଇଥିଲା । ଏହି କ୍ରୟ ରାଜ୍ୟର ମୋଟ ଧାନ ଉତ୍ପାଦନର ପ୍ରାୟ ୭୮ ପ୍ରତିଶତ ଥିଲା, ଯାହା ୨୦୨୩-୨୪ରେ ୬୧ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଏହା ଚାଷିଙ୍କ ପ୍ରତି ସରକାରଙ୍କ ନୀତିର ସମର୍ଥନକୁ ଦର୍ଶାଉଅଛି। ଏହାବ୍ୟତୀତ ସରକାର ଓଡ଼ିଶା ଜନଜାତି ବିକାଶ ସମବାୟ ନିଗମ (ଟିଡିସିସିଓଏଲ) ଜରିଆରେ କ୍ୱିଣ୍ଟାଲ ପିଛା ୪,୨୯୦ ଟଙ୍କାର ଏମ୍.ଏସ୍.ପି ସହିତ ୨୧୦ ଟଙ୍କାର ଅତିରିକ୍ତ ପ୍ରୋତ୍ସାହନ ରାଶି ଦରରେ ମାଣ୍ଡିଆ ମଧ୍ୟ କିଣୁଛନ୍ତି । ୨୦୨୪-୨୫ରେ ୩୦ଟି ଜିଲ୍ଲାର ୭୩,୦୦୦ ଚାଷୀଙ୍କଠାରୁ ୮.୮ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ କିଣାଯାଇଥିଲା, ଯାହାକି ଓଡ଼ିଶାର ମୋଟ ମାଣ୍ଡିଆ ଉତ୍ପାଦନର ୨୮.୫ ପ୍ରତିଶତ।

## ରପ୍ତାନି

ଓଡିଶାରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ରପ୍ତାନି ସମୟ ସହିତ କ୍ରମାଗତ ଭାବରେ ବୃଦ୍ଧି ପାଇବାରେ ଲାଗିଛି, ଯାହା ଉଭୟ ଘରୋଇ ତଥା ଆନ୍ତର୍ଜାତୀୟ ବଜାରରେ ଓଡିଶାର କୃଷି ଏବଂ ଆନୁଷଙ୍ଗିକ ଉତ୍ପାଦର ବଢୁଥିବା ଚାହିଦାକୁ ଦର୍ଶାଉଅଛି। ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ରପ୍ତାନି ୧୨.୨ ପ୍ରତିଶତ ସିଏଜିଆର ହାରରେ ୩.୩ ହଜାର କୋଟି ଟଙ୍କାରୁ ୫.୨ ହଜାର କୋଟି ଟଙ୍କାରେ ପହଞ୍ଚିଛି । ଫଳସ୍ୱରୂପ, ଓଡ଼ିଶାର ମୋଟ ବାଣିଜ୍ୟ ରପ୍ତାନିରେ ଏହି ରପ୍ତାନିର ଅଂଶ ମଧ୍ୟ ସମାନ ସମୟ ମଧ୍ୟରେ ୪.୩ ପ୍ରତିଶତରୁ ୬.୧ ପ୍ରତିଶତକୁ ବୃଦ୍ଧି ପାଇଛି। ସାମୁଦ୍ରିକ ଉତ୍ପାଦ ଏବଂ ଚାଉଳ ମିଳିତ ଭାବେ ରପ୍ତାନୀର ୯୯% ଅଂଶ ଅଟେ । ଅନ୍ୟାନ୍ୟ ପ୍ରମୁଖ ଉତ୍ପାଦ ଯଥା ପ୍ରକ୍ରିୟାକୃତ ଖାଦ୍ୟ, ଫଳ ଓ ପନିପରିବା, ଦୁଗ୍ଧ ଏବଂ କୁକୁଡ଼ା ଉତ୍ପାଦ ଇତ୍ୟାଦି ରପ୍ତାନି ବାସ୍କେଟକୁ ବିବିଧ କରିବା ପାଇଁ ଅଧିକ ଲକ୍ଷ୍ୟବଦ୍ଧ

ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥାଏ। ରାଜ୍ୟ ଅନେକ ପ୍ରମୁଖ ଦ୍ରବ୍ୟରେ ପ୍ରତିଯୋଗିତାମୂଳକ ଶକ୍ତି ପ୍ରଦର୍ଶନ କରିସାରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚାଉଳ, ଚିଙ୍ଗୁଡ଼ି, କଫି, ମସଲା, କାଜୁ, ନଡ଼ିଆ ଏବଂ ଆମ୍ବ ଭଳି ପ୍ରମୁଖ ଉତ୍ପାଦନରେ ଓଡ଼ିଶା ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ସ୍ତରରେ ରହିଛି। ତଥାପି ଏହି ସବୁ ଦ୍ରବ୍ୟରେ ରପ୍ତାନି ପାଇଁ ଆହୁରି ପର୍ଯ୍ୟାପ୍ତ ସୁଯୋଗ ରହିଛି।

## ପ୍ରାଣୀସମ୍ପଦ କ୍ଷେତ୍ର

୨୦୨୪-୨୫ରେ ଓଡ଼ିଶାର ଦୁଗ୍ଧ ଉତ୍ପାଦନ ୨୭.୧ ଲକ୍ଷ ମେଟ୍ରିକ୍ ଟନ୍ ଥିଲା, ଯାହାକି ଭାରତର ମୋଟ ଦୁଗ୍ଧ ଉତ୍ପାଦନର ୧.୧ ପ୍ରତିଶତ ଅଂଶ ଅଟେ । ରାଜ୍ୟରେ ଦୁଗ୍ଧ ଉତ୍ପାଦନ ୨୦୨୦-୨୧ରେ ୨୩.୭ ଲକ୍ଷ ମେଟ୍ରିକ୍ ଟନରୁ ୩.୪ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି । ସମାନ ସମୟ ମଧ୍ୟରେ ସର୍ବଭାରତୀୟ ହାରାହାରି ଅଭିବୃଦ୍ଧି ହାର ତୁଳନାରେ କିନ୍ତୁ ଏହା କମ୍ । ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ପାଇଁ ଓଡ଼ିଶା ସରକାର ପ୍ରାଣୀମାନଙ୍କର ପରିଚାଳନା ଏବଂ ଚିକିତ୍ସା ଲକ୍ଷ୍ୟରେ "ଗୋମାତା" ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା (ଏମକେୱାଇ) ଭଳି ଅନେକ ପଦକ୍ଷେପ ମାଧ୍ୟମରେ ଅଧିକ ଅମଳକ୍ଷମ ଗାଈଙ୍କ ସଂଖ୍ୟା ବୃଦ୍ଧି ଉପରେ ନିର୍ଦ୍ଦିଷ୍ଟଭାବେ ଧ୍ୟାନ ଦେଉଛନ୍ତି । ଗାଈଗୋରୁ ଏବଂ ମଇଁଷିମାନଙ୍କର ଆନୁବଂଶିକ ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ରାଜ୍ୟ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ଜାରି ରଖିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ସମୁଦାୟ ୯.୨୪ ଲକ୍ଷ କୃତ୍ରିମ ପ୍ରଜନନ (ଏଆଇ) କରାଯାଇଥିଲା ।

ଓଡ଼ିଶାରେ ମାଂସ ଉତ୍ପାଦନ କ୍ରମାଗତ ଭାବେ ବୃଦ୍ଧି ପାଇ ୨୦୨୪-୨୫ରେ ୨.୮ ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି, ଯାହା ୨୦୨୦-୨୧ ଠାରୁ ୬.୮ ପ୍ରତିଶତ ସିଏଜିଆର୍ ହାରରେ ବୃଦ୍ଧି ପାଇଛି। କୁକୁଡ଼ା (୬୧ ପ୍ରତିଶତ), ଛେଳି (୩୨ ପ୍ରତିଶତ), ମେଣ୍ଢା (୬ ପ୍ରତିଶତ) ଏବଂ ଘୁଷୁରି (୧ ପ୍ରତିଶତ) ରହିଛି। ମୁଣ୍ଡପିଛା ମାଂସ ଉପଲବ୍ଧି ୨୦୨୦-୨୧ରେ ୪.୭ କିଲୋଗ୍ରାମରୁ ୨୦୨୪-୨୫ରେ ୫.୯ କିଲୋଗ୍ରାମକୁ ବୃଦ୍ଧି ପାଇଛି, ଯଦିଓ ଏହା ଜାତୀୟ ହାରାହାରି (୭.୫ କିଲୋଗ୍ରାମ) ଠାରୁ କମ୍ ରହିଛି। ଏହି ବ୍ୟବଧାନକୁ ଦୂର କରିବା ପାଇଁ, ଓଡ଼ିଶା ମାଂସ ଉତ୍ପାଦନକାରୀ ପଶୁମାନଙ୍କ ଉପରେ ଅଧିକ ଘରୋଇ କ୍ଷେତ୍ରର ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ଏବଂ ଏକ ଦୃଢ଼ ପ୍ରକ୍ରିୟାକୃତ ମାଂସ ଶିଳ୍ପର ବିକାଶ କରିବା ଆବଶ୍ୟକ । ଏହା ମୂଲ୍ୟ ବୃଦ୍ଧି କରିବ, ଯୋଗାଣକୁ ସ୍ଥିର କରିବ ଓ ଗ୍ରାହକଙ୍କ ପାଇଁ ଉତ୍ପାଦ ବିବିଧତାକୁ ବିସ୍ତାର କରିବ।

କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଆୟର ଉତ୍ସ ଭାବେ କ୍ଷୁଦ୍ର ତୃଣଭୋଜୀ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆଖିରେ ରଖି ଓଡ଼ିଶା ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା (ପିଏସ୍‌ଏସ୍ ୱାଇ)ର କ୍ଷୁଦ୍ର ପଶୁ ବିକାଶ ଉପ-ଯୋଜନା ଅଧୀନରେ ଛେଳି, ମେଣ୍ଢା ଏବଂ ଘୁଷୁରି ପାଳନ ପାଇଁ ସବସିଡି ପ୍ରଦାନ କରାଯାଉଛି। ୨୦୨୪-୨୫ରେ ୧୦୦୦ ଛେଳି ୟୁନିଟ୍ ପ୍ରତିଷ୍ଠା ପାଇଁ ୧୩.୮୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। କ୍ଷୁଦ୍ର ପଶୁ ପ୍ରଜନନ ନୀତି ଅନୁଯାୟୀ, ବ୍ଲାକବେଙ୍ଗଲ ଏବଂ ଗଞ୍ଜାମ ପରି ଦେଶୀ ପ୍ରଜାତିର ବୀର୍ଯ୍ୟ ବ୍ୟବହାର କରି ଛେଳିମାନଙ୍କ ପାଇଁ ରାଜ୍ୟବ୍ୟାପୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ।

୨୦୨୦-୨୧ ପରଠାରୁ ଓଡ଼ିଶାରେ ଅଣ୍ଡା ଉତ୍ପାଦନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଅଣ୍ଡା ଉତ୍ପାଦନରେ ଓଡ଼ିଶା ଭାରତରେ ଦଶମ ସ୍ଥାନରେ ରହିଛି ଏବଂ ୨୦୨୪-୨୫ରେ ଦେଶର ମୋଟ ଅଣ୍ଡା ଉତ୍ପାଦନରେ ପ୍ରାୟ ୩ ପ୍ରତିଶତ ଅଂଶଧନ ରହିଛି। ୨୦୨୦-୨୧ରୁ ୨୦୨୪-୨୫ ମଧ୍ୟରେ ରାଜ୍ୟର ଅଣ୍ଡା ଉତ୍ପାଦନ ୨୪୨ କୋଟିରୁ ୪୦୬ କୋଟିକୁ ବୃଦ୍ଧି ପାଇଛି, ଯାହା ୧୩.୮ ପ୍ରତିଶତ ସିଏଜିଆରରେ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଜାତୀୟ ସ୍ତରରେ ପଞ୍ଜୀକୃତ ହୋଇଥିବା ଅଭିବୃଦ୍ଧି ହାରର ଦୁଇଗୁଣରୁ ଅଧିକ। ବାଣିଜ୍ୟିକ, ଅର୍ଦ୍ଧ-ବାଣିଜ୍ୟିକ ଏବଂ କ୍ଷୁଦ୍ର କୁକୁଡ଼ା ୟୁନିଟ୍ ପ୍ରତିଷ୍ଠା ପାଇଁ ସହାୟତା ପ୍ରଦାନ କରି କୁକୁଡ଼ା ହବ୍ ବିକାଶ ପାଇଁ ଓଡ଼ିଶାର ନିରନ୍ତର ପ୍ରୟାସ ଦ୍ୱାରା ଏହି ଉଚ୍ଚ ଅଭିବୃଦ୍ଧି ଘଟିଛି।

## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ

ଓଡ଼ିଶାକୁ ଏକ ସମୃଦ୍ଧ ଜଙ୍ଗଲ ଏବଂ ବୃକ୍ଷ ବଳୟ ଆଚ୍ଛାଦନ କରି ରଖିଛି, ଯାହା ପରିବେଶ ସନ୍ତୁଳନ ଏବଂ ଜୈବ ବିବିଧତା ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇ.ଏସ୍.ଏଫ୍.ଆର.) ୨୦୨୩ ଅନୁଯାୟୀ, ରାଜ୍ୟର ମିଳିତ ଜଙ୍ଗଲ ଏବଂ ବୃକ୍ଷ ଆବରଣ ୫୮,୫୯୭ ବର୍ଗ କି.ମି. ରହିଛି, ଯାହା ଏହାର ମୋଟ ଭୌଗୋଳିକ କ୍ଷେତ୍ରଫଳର ୩୭.୬ ପ୍ରତିଶତ। ଏଥିମଧ୍ୟରୁ ଜଙ୍ଗଲ କ୍ଷେତ୍ର ୫୨,୪୩୪ ବର୍ଗ କିମି (୩୩.୭ ପ୍ରତିଶତ) ଏବଂ ବୃକ୍ଷ ଆବରଣ ୬,୧୬୩ ବର୍ଗ କିଲୋମିଟର (୩.୯ ପ୍ରତିଶତ)। ୨୦୨୧ ରୁ ୨୦୨୩ ମଧ୍ୟରେ, ଓଡ଼ିଶାରେ ଜଙ୍ଗଲ ଏବଂ ବୃକ୍ଷ ଆବରଣରେ ସମୁଦାୟ ୫୫୯ ବର୍ଗ କିଲୋମିଟର ବୃଦ୍ଧି ଘଟିଛି, ଯାହା ଜାତୀୟ ସ୍ତରରେ ତୃତୀୟ ସର୍ବାଧିକ ବୃଦ୍ଧି। ଜାତୀୟ ଜଙ୍ଗଲ ନୀତି (ଏନ୍.ଏଫ୍.ପି.) ୧୯୮୮ ଅନୁଯାୟୀ, ଓଡ଼ିଶା ୩୩ ପ୍ରତିଶତରୁ ଅଧିକ ଜଙ୍ଗଲ ପରିମାଣ ବଜାୟ ରଖିଛି, ଯାହା ପରିବେଶ ସ୍ଥିରତା ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଏନ୍.ଏଫ୍.ପି. ମାନଦଣ୍ଡ ପୂରଣ କରୁଥିବା ଉଣେଇଶ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରେ ଅନ୍ୟତମ।

ଜଙ୍ଗଲ କେବଳ ପରିବେଶର ସୁରକ୍ଷା କିମ୍ବା ଜୈବ ବିବିଧତାର ସଂରକ୍ଷଣ କରେ ନାହିଁ ବରଂ ଜଙ୍ଗଲ ଅଞ୍ଚଳରେ ତଥା ଏହାର ଆଖପାଖରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଜୀବିକାକୁ ମଧ୍ୟ ସମର୍ଥନ କରିଥାଏ। ଓଡ଼ିଶାର ପ୍ରଭାବଶାଳୀ ଜଙ୍ଗଲ ସଂରକ୍ଷଣ ପ୍ରୟାସ ଜଙ୍ଗଲ ଭିତ୍ତିକ ଉତ୍ପାଦ ମାଧ୍ୟମରେ ଜୀବିକା ସୁଯୋଗକୁ ବୃଦ୍ଧି କରିଛି। ରାଜସ୍ୱର ପ୍ରମୁଖ ଉତ୍ସ ହେଉଛି ଅଣଜାଳେଣୀ କାଠ, ଜାଳେଣି କାଠ ଏବଂ କେନ୍ଦୁପତ୍ର ଇତ୍ୟାଦି। ଜଙ୍ଗଲଜାତ ଦ୍ରବ୍ୟର ବିକ୍ରି ମୂଲ୍ୟ ୨୦୨୩-୨୪ ରେ ୬୦୭.୪ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୯.୫ ପ୍ରତିଶତ ବୃଦ୍ଧି ପାଇ ୬୬୫.୩ କୋଟି ଟଙ୍କାରେ ପହଞ୍ଚିଛି। ସଂରକ୍ଷଣକୁ ସୁନିଶ୍ଚିତ କରିବା ସହିତ ଜଙ୍ଗଲ ଭିତ୍ତିକ ଜୀବିକାକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ 'ଓଡ଼ିଶା ଜଙ୍ଗଲ କ୍ଷେତ୍ର ବିକାଶ ପ୍ରକଳ୍ପ' (ଓଏଫଏସଡିପି-୨), ଓଏଫ୍ଏସଡିଏସ୍-ଓଏମବିଏଡିସି ଜୀବିକା ପଦକ୍ଷେପ (ଖଣିଜ ବହନ ଅଞ୍ଚଳ) ଏବଂ ଆମ ଜଙ୍ଗଲ ଯୋଜନା (ଏଜେଓ୍ୱାଇ) ସମେତ ଏକ ଗୋଷ୍ଠୀ ଭିତ୍ତିକ ଜଙ୍ଗଲ ପରିଚାଳନା ନମୁନା ଉପରେ ଆଧାରିତ ପଦକ୍ଷେପ କାର୍ଯ୍ୟକାରୀ କରୁଛି।

ବନ୍ୟଜନ୍ତୁ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ଏବଂ ବାସସ୍ଥାନ ପରିଚାଳନାରେ ଉନ୍ନତି ଆଣିବା ପାଇଁ ଓଡିଶା ସରକାର ଅନେକ ପ୍ରମୁଖ ପଦକ୍ଷେପ କାର୍ଯ୍ୟକାରୀ କରୁଛନ୍ତି। 'ଜନ ସୁରକ୍ଷା ଏବଂ ଗଜ ରକ୍ଷା' ଯୋଜନା ଫସଲ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ସୌରଶକ୍ତିରେ ଚାଳିତ ବାଡ଼ ସ୍ଥାପନ କରିବାରେ ସାହାଯ୍ୟ କରେ। ଏହା ଏକ ସରକାରୀ-ଘରୋଇ ଭାଗିଦାରୀ ନମୁନାକୁ ଅନୁସରଣ କରେ ଯେଉଁଥିରେ ଗୋଷ୍ଠୀଭିତ୍ତିକ ୧୦ ପ୍ରତିଶତ ଏବଂ ଏକାକୀ ମୋଟ ଖର୍ଚ୍ଚର ୫୦ ପ୍ରତିଶତ ଖର୍ଚ୍ଚ କରନ୍ତି।

ଭାରତର ପୂର୍ବ ଉପକୂଳରେ ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଏହାକୁ ଜଳବାୟୁ ବିପଦ ଯେପରିକି ସମୁଦ୍ର ପତ୍ତନ ବୃଦ୍ଧି, ବୃଷ୍ଟିପାତର ଢାଞ୍ଚାରେ ପରିବର୍ତ୍ତନ, ତାପମାତ୍ରା ବୃଦ୍ଧି ଏବଂ ବାତ୍ୟା ପରି ଚରମ ପାଣିପାଗ ଭଳି ବିପଦ ପ୍ରତି ଅତ୍ୟଧିକ ଅସୁରକ୍ଷିତ କରିଥାଏ । ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବକୁ ହ୍ରାସ କରିବା ପାଇଁ ରାଜ୍ୟ ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛି। ଜଳବାୟୁ ପରିବର୍ତ୍ତନ ଉପରେ ରାଜ୍ୟ କାର୍ଯ୍ୟ ଯୋଜନା (ଏସ୍ଏପିସିସି) ଗ୍ରହଣ କରିଥିବା ପ୍ରାରମ୍ଭିକ ରାଜ୍ୟଗୁଡ଼ିକ ମଧ୍ୟରେ ଏହା ଥିଲା, ଯାହା ପ୍ରଥମେ ୨୦୧୦-୨୦୧୫ ମଧ୍ୟରେ କାର୍ଯ୍ୟକାରୀ ହୋଇଥିଲା ଏବଂ ୨୦୨୧-୨୦୩୦ ପାଇଁ ସଂଶୋଧିତ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ଉପରେ ଜାତୀୟ କାର୍ଯ୍ୟ ଯୋଜନା (ଏନ୍ଏପିସିସି) ଏବଂ ୨୦୩୦ ପାଇଁ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) ସହିତ ସମନ୍ୱିତ ଏସ୍ଏପିସିସି ୧୨ ଟି ପ୍ରାଥମିକ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରେ। ଏହା ଜଳବାୟୁ ବଜେଟ୍ ଟ୍ୟାଗିଂ (ସିବିଟି) ମାଧ୍ୟମରେ ଆର୍ଥିକ ଯୋଜନାରେ ଜଳବାୟୁ ପ୍ରାଥମିକତାକୁ ମୁଖ୍ୟସ୍ରୋତରେ ପରିଣତ କରିଛି, ଏସ୍ଏପିସିସି ସହିତ ସାର୍ବଜନୀନ ଖର୍ଚ୍ଚକୁ ସଂରକ୍ଷିତ କରିଛି ଏବଂ ଜଳବାୟୁ ସମ୍ବନ୍ଧୀୟ ଖର୍ଚ୍ଚର ବ୍ୟବସ୍ଥିତ ଟ୍ରାକିଂକୁ ସକ୍ଷମ କରିଛି।

ଅଧ୍ୟାୟ ୪

# ନୀଳ ଅର୍ଥନୀତି

ଓଡ଼ିଶାର ନୀଳ ଅର୍ଥନୀତିରେ ବିସ୍ତୃତ ସମୁଦ୍ରତଟୀୟ ଉପକୂଳ ସମ୍ପଦ ରହିଛି, ଯାହା ନିଯୁକ୍ତି ସୃଷ୍ଟି, ରପ୍ତାନି ବୃଦ୍ଧି ଏବଂ ସୁସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ଆଗେଇ ନେଇପାରିବ । ୫୭୫ କିଲୋମିଟର ସୁଦୀର୍ଘ ଉପକୂଳବର୍ତ୍ତୀ ଅଞ୍ଚଳ, ବିବିଧ ଉପକୂଳ ଇକୋସିଷ୍ଟମ ଏବଂ ଐତିହ୍ୟ ସ୍ଥଳ ସହିତ ଓଡ଼ିଶା ମତ୍ସ୍ୟଚାଷ, ସାମୁଦ୍ରିକ ବାଣିଜ୍ୟ, ଜୈବ ପ୍ରଯୁକ୍ତି ଏବଂ ସ୍ୱଚ୍ଛ ଶକ୍ତି ଭଳି ସମନ୍ୱିତ କୌଶଳ ମାଧ୍ୟମରେ ଏହି ଲାଭ ହାସଲ କରିବାରେ ସକ୍ଷମ ହୋଇପାରିଛି ।

## ମତ୍ସ୍ୟ ଉତ୍ପାଦନ

ଓଡ଼ିଶାର ମତ୍ସ୍ୟ ଉଦ୍ୟୋଗ ରାଜ୍ୟର ନୀଳ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ନିଯୁକ୍ତି ସୃଷ୍ଟି, ଖାଦ୍ୟ ସୁରକ୍ଷା ଏବଂ ରପ୍ତାନି ଆୟରେ ଉଲ୍ଲେଖନୀୟ ଯୋଗଦାନ ଦେଇଥାଏ। ଓଡ଼ିଶା ହେଉଛି ଦେଶର ୪ର୍ଥ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ। ମତ୍ସ୍ୟ ଉତ୍ପାଦନ ସର୍ବଭାରତୀୟ ସ୍ତର ତୁଳନାରେ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ୨୦୨୪-୨୫ରେ ମତ୍ସ୍ୟ ଉତ୍ପାଦନ ଗତବର୍ଷ ତୁଳନାରେ ୬. ୧ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ୍ ଟନରେ ପହଞ୍ଚିଛି । ୨୦୨୩-୨୪ରେ ଏହା ୧୧.୨୪ ଲକ୍ଷ ମେଟ୍ରିକ୍ ଟନ୍ ଥିଲା । ମୋଟ ମାଛ ଉତ୍ପାଦନର ୬୬ ପ୍ରତିଶତ ମଧୁର ଜଳ ଉତ୍ସରୁ ଥିବା ବେଳେ ୨୦ ପ୍ରତିଶତ ଉତ୍ପାଦନ ସାମୁଦ୍ରିକ ଏବଂ ୧୪ ପ୍ରତିଶତ ଖାରାପାଣି ଉତ୍ସରୁ ଆସେ ।

୨୦୧୫-୧୬ ଏବଂ ୨୦୨୪-୨୫ ମଧ୍ୟରେ ମଧୁର ଜଳ ଏବଂ ଲୁଣି ଜଳର ମାଛ ଉତ୍ପାଦନ ଯଥାକ୍ରମେ ୯.୯ ପ୍ରତିଶତ ଏବଂ ୧୭.୩ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି, ଯେତେବେଳେ କି ଏହି ସମୟରେ ସାମୁଦ୍ରିକ ମାଛ ଉତ୍ପାଦନ ୫.୭ ପ୍ରତିଶତ ବୃଦ୍ଧି ପାଇଥିଲା। ମଧୁର ଜଳ ଏବଂ ଲୁଣି ଜଳ ମାଛ ଉତ୍ପାଦନରେ ଅଭିବୃଦ୍ଧି ବିଶେଷ ଭାବରେ ପରିଲକ୍ଷିତ ହୋଇଛି, ଯାହା ଗୁଣାତ୍ମକ ବିହନ ଉତ୍ପାଦନ, ବାୟୋଫ୍ଲକ୍ ଏବଂ ରିସର୍କୁଲେଟୋରୀ ଆକ୍ୱାକଲଚର ସିଷ୍ଟମ୍ (ଆରଏଏସ୍) ଏବଂ କେଜ୍ କଲଚର ଟେକ୍ନୋଲୋଜି ଭଳି ପଦକ୍ଷେପ ମାଧ୍ୟମରେ ଜଳଚରଚାଷ-ନେତୃତ୍ୱ ଅଭିବୃଦ୍ଧି ଆଡକୁ ଏକ ପରିବର୍ତ୍ତନକୁ ପ୍ରତିଫଳିତ କରେ । ଏହାସହିତ, ୨୦୨୯-୩୦ ଆର୍ଥିକ ବର୍ଷ ସୁଦ୍ଧା ଆନ୍ତର୍ଦେଶୀୟ ମାଛ ଉତ୍ପାଦନ ଓ ରପ୍ତାନିକୁ ଦ୍ୱିଗୁଣିତ କରିବା ଲାଗି ଓଡ଼ିଶା ଲକ୍ଷ୍ୟ ରଖିଛି । ଏହା ଫଳରେ ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଜୀବିକା ସୁଦୃଢ଼ ହୋଇପାରିବ।

## ମତ୍ସ୍ୟ ଉତ୍ପାଦନର ରପ୍ତାନି

ଅନ୍ୟ ରାଜ୍ୟ ଏବଂ ଦେଶକୁ ମାଛ ଉତ୍ପାଦନର ରପ୍ତାନି ବୃଦ୍ଧି ପାଇଥିବା ବେଳେ ମଧୁର ଜଳ ମାଛର ଆମଦାନୀ ହ୍ରାସ ପାଇଛି। ମୁଖ୍ୟତଃ, ଚିଙ୍ଗୁଡ଼ି ଚାଷ ଭଳି ଜଳଚରଚାଷ ଦ୍ୱାରା ପରିଚାଳିତ ସାମୁଦ୍ରିକ ଉତ୍ପାଦ ଓଡ଼ିଶାର ମୋଟ ବାଣିଜ୍ୟ ରପ୍ତାନିରେ ପ୍ରାୟ ୫ ପ୍ରତିଶତ ଯୋଗଦାନ ଦେଇଥାଏ । ସାମୁଦ୍ରିକ ରପ୍ତାନି ହେଉଛି ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଣ-ଖଣିଜ ରପ୍ତାନି ବର୍ଗ ମଧ୍ୟରୁ ଅନ୍ୟତମ। ସାମୁଦ୍ରିକ ରପ୍ତାନି ମୂଲ୍ୟ ୨୦୧୯-୨୦ରେ ପ୍ରାୟ ୩୨୪୩.୯ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ରେ ୪,୭୦୮.୧ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ୭.୭ ପ୍ରତିଶତ ସିଏଜିଆରରେ ବୃଦ୍ଧି ପାଇଛି। ପ୍ରମୁଖ ରପ୍ତାନି ବଜାରରେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ଭିଏତନାମ, ଜାପାନ ଏବଂ ୟୁରୋପୀୟ ସଂଘ ଅନ୍ତର୍ଭୁକ୍ତ; ରପ୍ତାନି ମୂଲ୍ୟର ୬୫ ପ୍ରତିଶତରୁ ଅଧିକ ଶୀର୍ଷ ତିନୋଟି ଗନ୍ତବ୍ୟସ୍ଥଳରେ ଦେଖାଦେଇଛି । ଆନ୍ତର୍ଜାତୀୟ ଚାହିଦାକୁ ବିଶ୍ଳେଷଣ କରି ଏବଂ ଅନାବଶ୍ୟକ ସମ୍ଭାବନା ଥିବା ଦେଶଗୁଡ଼ିକୁ ଲକ୍ଷ୍ୟ କରି ଆମେରିକା ପରି ପ୍ରମୁଖ ବଜାରରେ ଉଚ୍ଚ ଶୁଳ୍କ ଭଳି ଆହ୍ୱାନର ମୁକାବିଲା କରିବା ପାଇଁ ରପ୍ତାନି ବଜାରରେ ବିବିଧତା ଆଣିବାର ଆବଶ୍ୟକତା ରହିଛି ।

ସାମୁଦ୍ରିକ ରପ୍ତାନି ସହିତ, ଅନ୍ୟ ରାଜ୍ୟଗୁଡ଼ିକୁ ମଧୁର ଜଳ ମାଛ ରପ୍ତାନି ମଧ୍ୟ ଦ୍ରୁତ ଭାବେ ବୃଦ୍ଧି ପାଇଛି, ଯାହା ୨୦୧୯-୨୦ରେ ୫୦.୪ ହଜାର ଟନରୁ ବୃଦ୍ଧି ପାଇ ୨୦୨୪-୨୫ରେ ୭୨.୮ ହଜାର ଟନରେ ପହଞ୍ଚିଛି, ଯେତେବେଳେ କି ଏହି ସମୟ ମଧ୍ୟରେ ମଧୁର ଜଳ ମାଛ ଆମଦାନି ୪୬.୩ ହଜାର ମେଟ୍ରିକ୍ ଟନରୁ କମି ୨୯.୭ ହଜାର ମେଟ୍ରିକ୍ ଟନରେ ପହଞ୍ଚିଛି । ନେଟ୍ ଆମଦାନିକାରୀଙ୍କଠାରୁ ନେଟ୍ ରପ୍ତାନିକାରୀ ହେବା ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ମାଛଚାଷ ଆତ୍ମନିର୍ଭରଶୀଳତା ଏବଂ ଘରୋଇ ମତ୍ସ୍ୟ ବଜାରରେ ଦୃଢ଼ ଏକକୀକରଣକୁ ଦର୍ଶାଉଛି।

ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (ଏମ୍ଏମ୍କେୱାଇ) ଭଳି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ଏବଂ ସ୍ଥାୟୀ ଜଳଚରଚାଷ (ଆକ୍ୱାକଲଚର୍) ଅଭ୍ୟାସ ମାଧ୍ୟମରେ ମୂଲ୍ୟ ଶୃଙ୍ଖଳା (ଭ୍ୟାଲୁ ଚେନ୍) ର ବିକାଶ କରିବା। ଚିଙ୍ଗୁଡ଼ି ଉତ୍ପାଦନ ଏବଂ ରପ୍ତାନି ବୃଦ୍ଧି ପାଇଁ ଓଡ଼ିଶା ଚିଙ୍ଗୁଡ଼ି ମିଶନ ଆରମ୍ଭ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ରଖିଛନ୍ତି। ଉନ୍ନତ କ୍ଷେତ୍ରର ବ୍ୟବହାର, ଇନପୁଟ୍ ସହାୟତା ଏବଂ ଭିତ୍ତିଭୂମି ବିକାଶ ମାଧ୍ୟମରେ ଚିଙ୍ଗୁଡ଼ି ଚାଷକୁ ବୃଦ୍ଧି କରିବା ଏହି ପଦକ୍ଷେପର ଉଦ୍ଦେଶ୍ୟ। ସିଏଏ (କୋଷ୍ଟାଲ୍ ଆକ୍ୱାକଲଚର୍ ଅଥରିଟି)ର ଅଧିକାର ବାହାରେ ମଧୁର ଜଳ ଏବଂ ଆଭ୍ୟନ୍ତରୀଣ ଫାର୍ମରେ, ବିଶେଷ କରି ଉଚ୍ଚ ଜୁଆର ରେଖାଠାରୁ ୧୦ କିଲୋମିଟର ପର୍ଯ୍ୟନ୍ତ ଅବସ୍ଥିତ ଅଞ୍ଚଳରେ ହ୍ୱାଇଟ୍ ଲେଗ୍ ଚିଙ୍ଗୁଡ଼ି (ପେନେୟସ୍ ଭାନ୍ନାମେଇ) ଚାଷ ପାଇଁ ରାଜ୍ୟ ସରକାର ଅନୁସନ୍ଧାନ କରୁଛନ୍ତି।

## ଗଭୀର ସମୁଦ୍ର ମାଛଧରା



ଗଭୀର ସମୁଦ୍ରରେ ମାଛ ଧରିବା ଓଡ଼ିଶାର ସାମୁଦ୍ରିକ ମତ୍ସ୍ୟ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ସୁଯୋଗକୁ ପ୍ରତିପାଦିତ କରେ। ଏହା ଗଭୀର ମହାସାଗରୀୟ ଅଞ୍ଚଳଗୁଡ଼ିକରେ ଉପଲବ୍ଧ ବିବିଧ ଏବଂ ଉଚ୍ଚ ମୂଲ୍ୟର ମାଛ ପ୍ରଜାତିମାନଙ୍କର ପ୍ରବେଶକୁ ବୃଦ୍ଧି କରିବ ।

ସମ୍ପ୍ରତି, ଓଡ଼ିଶାର ଗଭୀର ସମୁଦ୍ର ମାଛଧରା କାର୍ଯ୍ୟକଳାପ ସୀମିତ ଅବସ୍ଥାରେ ରହିଛି, ଯେଉଁଠାରେ ମାଛଧରା ଜାହାଜର ଅଧିକାଂଶ ଅଂଶ ପାରମ୍ପରିକ ନୌକାମାନଙ୍କୁ ନେଇ ଗଠିତ, ଯେଉଁମାନେ ପ୍ରଧାନତଃ ଉପକୂଳ ସମୀପ ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି।

ଜାହାଜର ଆଧୁନିକୀକରଣ, ଦକ୍ଷତା ବିକାଶ ଏବଂ ବୈଷୟିକ ଉନ୍ନତିକରଣ ମାଧ୍ୟମରେ ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ଓଡିଶା ରଣନୈତିକ ପଦକ୍ଷେପ ଗ୍ରହଣ କରିଛି । ବୈଷୟିକ ସହଯୋଗ ପାଇଁ ଭାରତୀୟ କୃଷି ଗବେଷଣା ପରିଷଦ - କେନ୍ଦ୍ରୀୟ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇସିଏଆର-ସିଆଇଏଫଟି) ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସହଭାଗୀତାର ଲକ୍ଷ୍ୟ ହେଉଛି ରାଜ୍ୟର ସାମୁଦ୍ରିକ ପରିସ୍ଥିତିକୁ ଧ୍ୟାନ ଦେଇ ଶକ୍ତି-ଦକ୍ଷ ହଲ୍-ଫର୍ମ, ନୌକା ମଧ୍ୟରେ ଉନ୍ନତ ମାଛ ପରିଚାଳନା ପ୍ରଣାଳୀ ଏବଂ ଶକ୍ତିଶାଳୀ ସୁରକ୍ଷା ବ୍ୟବସ୍ଥା ସହିତ ଆଧୁନିକ ଗଭୀର ସମୁଦ୍ର ମାଛଧରା ଜାହାଜ ଡିଜାଇନ୍ କରିବା । ଏହି ଉନ୍ନତି ଗୁଡିକ ଅଧିକ ସୁରକ୍ଷିତ, ଅଧିକ ଉତ୍ପାଦନଶୀଳ ଏବଂ ସ୍ଥାୟୀ ଗଭୀର ସମୁଦ୍ର ମାଛଧରା କାର୍ଯ୍ୟକୁ ସରଳ କରିବ ବୋଲି ଆଶା କରାଯାଉଛି ।

ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ "ନାବମିତ୍ର" ଆପ୍ ମାଧ୍ୟମରେ ରିଅଲ୍-ଟାଇମ୍ ଟ୍ରାକିଂ ସୁବିଧା ସୁନିଶ୍ଚିତ କରିବା ପାଇଁ, ରାଜ୍ୟ ସରକାର ଯାନ୍ତ୍ରିକ ମାଛଧରା ଜାହାଜଗୁଡ଼ିକରେ ଅନୁମୋଦିତ ଟ୍ରାନ୍ସପଣ୍ଡର୍ ସଂସ୍ଥାପନକୁ ବାଧ୍ୟତାମୂଳକ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ, ଲକ୍ଷ୍ୟ ଧରାଯାଇଥିବା ୨,୦୮୩ ନୌକାମାନଙ୍କ ମଧ୍ୟରୁ ୧,୭୦୦ରୁ ଅଧିକ ଯାନ୍ତ୍ରିକ ଏବଂ ମୋଟରଚାଳିତ ମାଛଧରା ନୌକାରେ ଇସ୍ରୋ ଟ୍ରାନ୍ସପଣ୍ଡର୍ ସଂସ୍ଥାପିତ ହୋଇଛି, ଯାହା ମାଛଧରା କାର୍ଯ୍ୟକଳାପର ଉତ୍ତମ ନିରୀକ୍ଷଣ ଏବଂ ପରିଚାଳନା କରିବ। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନା (ଏମ୍ଏମ୍କେୱାଇ) ଅଧୀନରେ ଗଭୀର ସମୁଦ୍ରରେ ମାଛଧରା ଜାହାଜଗୁଡ଼ିକୁ ରପ୍ତାନି ମାନକ ଏବଂ ସୁରକ୍ଷା ମାନଦଣ୍ଡ ପୂରଣ କରିବା ପାଇଁ ବର୍ତ୍ତମାନର ଜାହାଜଗୁଡ଼ିକର ଉନ୍ନତିକରଣ / ନବୀକରଣ ପାଇଁ ପ୍ରୋତ୍ସାହନ ଦିଆଯାଇଛି।

## ମତ୍ସ୍ୟଚାଷ ଭିତ୍ତିଭୂମି ବିକାଶ



ସମଗ୍ର ଓଡ଼ିଶାରେ ମତ୍ସ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୬୧୯ଟି ପ୍ରକଳ୍ପର ବିକାଶ ଓ ଉନ୍ନତିକରଣ ପାଇଁ ତିନି ବର୍ଷ ମଧ୍ୟରେ ମୋଟ ୬୯୬.୨ କୋଟି ଟଙ୍କାର ବ୍ୟୟବରାଦ ସହିତ "ଭିତ୍ତିଭୂମି ବିକାଶ" ଯୋଜନାକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ପ୍ରମୁଖ ପଦକ୍ଷେପ ଗୁଡିକ ହେଉଛି ବସ୍ତାଠାରେ ଏକ ଅତ୍ୟାଧୁନିକ ହୋଲସେଲ ବଜାର ନିର୍ମାଣ, ହୀରାକୁଦରେ ଏକ ସମନ୍ୱିତ ଆକ୍ୱାପାର୍କର ବିକାଶ, ରଙ୍ଗେଇଲୁଣ୍ଡାଠାରେ ଡାଇଗ୍ନୋଷ୍ଟିକ୍ ଲାବୋରେଟୋରୀ ପ୍ରତିଷ୍ଠା ଇତ୍ୟାଦି ଅନ୍ତର୍ଭୁକ୍ତ। ଏହାବ୍ୟତୀତ ଧାମରା ଓ ଚାନ୍ଦିପୁରରେ ମାଛଧରା ବନ୍ଦର ନିର୍ମାଣ ଓ ଆଧୁନିକୀକରଣ ଏବଂ କାଳୁପଡାଘାଟ, ସୋରାନା ଓ କାସିଆ ଭଳି ସ୍ଥାନରେ ମାଛ ଅବତରଣ କେନ୍ଦ୍ର ଏବଂ ଗୋପାଳପୁରରେ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ର ନିର୍ମାଣ ଓ ଆଧୁନିକୀକରଣରେ ଓଡ଼ିଶା ସକ୍ରିୟ ଭାବେ ପୁଞ୍ଜି ବିନିଯୋଗ କରୁଛି। ରୋଗ ନିରୂପଣ ଏବଂ ମୃତ୍ତିକା ଓ ଜଳ ପରୀକ୍ଷା ପାଇଁ ଆଠଟି ଜିଲ୍ଲାରେ ଆକ୍ୱା ଲାବୋରେଟୋରୀ କାର୍ଯ୍ୟକ୍ଷମ ହୋଇଛି, ଯାହା ସମଗ୍ର ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ପାଇଁ ଏକ ଗବେଷଣା-ଚାଳିତ ଆଭିମୁଖ୍ୟକୁ ସୁନିଶ୍ଚିତ କରିଛି। ଏହି ଭିତ୍ତିଭୂମି ବିକାଶ ରାଜ୍ୟରେ ଉତ୍ପାଦନ, ରପ୍ତାନି ଏବଂ ନିଯୁକ୍ତି ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

## ବନ୍ଦର, ଜାହାଜ ପରିବହନ ଏବଂ ସାମୁଦ୍ରିକ ଭିତ୍ତିଭୂମି

ବଙ୍ଗୋପସାଗରରେ ରଣନୈତିକ ଭୌଗୋଳିକ ସ୍ଥିତି ଥିବା ଓଡ଼ିଶା ଭାରତ ବର୍ଷର ପୂର୍ବ ପ୍ରବେଶ ଦ୍ୱାର ହେବା ପାଇଁ ଭଲ ସ୍ଥିତିରେ ଅଛି । ରାଜ୍ୟର ଉପକୂଳବର୍ତ୍ତୀ ଅବସ୍ଥିତି ସାମୁଦ୍ରିକ ବାଣିଜ୍ୟ ପାଇଁ ଏକ ଆଦର୍ଶ କେନ୍ଦ୍ର ପ୍ରଦାନ କରିଥାଏ, ଯାହା ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକ ସହିତ ଯୋଗାଯୋଗ ବୃଦ୍ଧି କରିଥାଏ।

ପାରାଦୀପ ବନ୍ଦର ଏକ ପ୍ରମୁଖ ସାମୁଦ୍ରିକ ପେଣ୍ଠସ୍ଥଳୀ ଭାବରେ ଉଭା ହୋଇଛି, ଯାହା ୨୦୨୪-୨୫ ରେ ପ୍ରମୁଖ ଭାରତୀୟ ବନ୍ଦରଗୁଡ଼ିକ ଦ୍ୱାରା ପରିବହନ କରାଯାଉଥିବା ମାଲ ପରିବହନ ପରିମାଣର ୧୭.୬୨ ପ୍ରତିଶତ ଅଟେ। ବହୁଳ ମାଲ ପରିବହନ କ୍ଷେତ୍ରରେ ଏହା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଧାମରା ବନ୍ଦର ମଧ୍ୟ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି, ଏହାର ମାଲ ପରିବହନ ୨୦୧୮-୧୯ରେ ୨୦.୭ ନିୟୁତ ମେଟ୍ରିକ ଟନ୍ (ଏମ୍‌ଏମ୍‌ଟି) ରୁ ୨୦୨୪-୨୫ରେ ୪୬.୧ ନିୟୁତ ମେଟ୍ରିକ୍ ଟନ୍‌କୁ ଦ୍ୱିଗୁଣିତ ହୋଇଛି। ଗୋପାଳପୁର ବନ୍ଦର ଆକାରରେ ଛୋଟ ହୋଇଥିବାବେଳେ ୨୦୧୮-୧୯ ରେ ୧.୧ ଏମ୍‌ଏମଟି ରୁ ୨୦୨୪-୨୫ରେ ୬.୦ ଏମ୍‌ଏମଟିକୁ ବୃଦ୍ଧି କରିଛି। ସାମୂହିକ ଭାବରେ, ଏହି ବନ୍ଦରଗୁଡ଼ିକ ବାଣିଜ୍ୟ ଏବଂ ବ୍ୟବସାୟ ଅଭିବୃଦ୍ଧିରେ ଓଡିଶାର ବିସ୍ତାରିତ ଭୂମିକାକୁ ଭିତ୍ତି କରି ମାଲ୍ ପରିବହନରେ ବୃଦ୍ଧି ପାଉଥିବା ଧାରାକୁ ଦର୍ଶାଉଛି।

ଏହି ପ୍ରମୁଖ ବନ୍ଦରଗୁଡ଼ିକ ବ୍ୟତୀତ, ସାମୁଦ୍ରିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ଓଡ଼ିଶା ଅଣ-ପ୍ରମୁଖ ବନ୍ଦରର ବିକାଶ ପାଇଁ ୧୨ଟି ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରିଛି। ଏଥିମଧ୍ୟରୁ ସୁବର୍ଣ୍ଣରେଖା (ବାଲେଶ୍ୱର) ଏବଂ ଅସ୍ତରଙ୍ଗ (ପୁରୀ) ସକ୍ରିୟ ବିକାଶ ଅଧୀନରେ ରହିଛି। ମାଲ ପରିବହନ କ୍ଷମତାକୁ ବୃଦ୍ଧି କରିବା ଏବଂ ରାଜ୍ୟରେ ଜାହାଜ ଚଳାଚଳ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଏହି ବନ୍ଦର ଗୁଡିକର ସୁବିଧାରେ ବୃଦ୍ଧି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାରେ ୨,୪୨୫ କିଲୋମିଟର ନଦୀ, କେନାଲ ଏବଂ ହ୍ରଦ ଆଭ୍ୟନ୍ତରୀଣ ଜଳପଥର ଏକ ବ୍ୟାପକ ନେଟୱାର୍କ ରହିଛି। ସେଥିମଧ୍ୟରୁ ୨୦୨୪-୨୫ ସୁଦ୍ଧା ୬୪.୧ ପ୍ରତିଶତ ଜଳପଥ ନୌଚାଳନାଯୋଗ୍ୟ ହୋଇପାରିଛି। ଆଭ୍ୟନ୍ତରୀଣ ଜଳ ପରିବହନ (ଆଇ.ଡବ୍ଲ୍ୟୁ.ଟି.) ବିକାଶ ପାଇଁ ରାଜ୍ୟ ଦୁଇଟି ପ୍ରଶାସନିକ ଡିଭିଜନରେ ୩୧ଟି ନଦୀପଥ ଚିହ୍ନଟ କରିଛି, ଯାହାଦ୍ୱାରା ବିଭିନ୍ନ ଅଞ୍ଚଳ ମଧ୍ୟରେ ଯୋଗାଯୋଗରେ ଉନ୍ନତି ଆସିବ।

ଉଲ୍ଲେଖଯୋଗ୍ୟ, ଜାତୀୟ ଜଳପଥ-୫ (ଏନଡବ୍ଲ୍ୟୁ-୫) ପ୍ରକଳ୍ପର ବିକାଶ ଚାଲିଛି, ଯାହା ଏକ ଆଧୁନିକ ଆଭ୍ୟନ୍ତରୀଣ ଜଳ ପରିବହନ ବ୍ୟବସ୍ଥା ମାଧ୍ୟମରେ ପାରାଦୀପ ଏବଂ ଧାମରା ବନ୍ଦରକୁ କଳିଙ୍ଗନଗର ଏବଂ ତାଳଚେର ସମେତ ଓଡ଼ିଶାର ପ୍ରମୁଖ ଶିଳ୍ପାଞ୍ଚଳ ସହିତ ସଂଯୋଗ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ ଲଜିଷ୍ଟିକ୍ ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିବ, ପରିବହନ ଖର୍ଚ୍ଚ ହ୍ରାସ କରିବ ଏବଂ ସମଗ୍ର ରାଜ୍ୟରେ ଦୃଢ଼ ଅର୍ଥନୈତିକ ଏକକୀକରଣକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

ଓଡ଼ିଶାର ଦୃଢ଼ ବନ୍ଦର ଭିତ୍ତିଭୂମି, ସାମୁଦ୍ରିକ ସୁବିଧାର ସମ୍ପ୍ରସାରଣ, ଆଭ୍ୟନ୍ତରୀଣ ଜଳପଥର ବିକାଶ ଏବଂ ଏନଡବ୍ଲ୍ୟୁ-୫ ଭଳି ରଣନୀତିକ ପଦକ୍ଷେପ ରାଜ୍ୟକୁ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ହବ୍ ଭାବେ ସ୍ଥାନିତ କରିଛି। ବାଣିଜ୍ୟ ବିକାଶ, ଅର୍ଥନୈତିକ ଅଭିବୃଦ୍ଧି ଏବଂ ଆଞ୍ଚଳିକ ତଥା ବିଶ୍ୱ ସାମୁଦ୍ରିକ ନେଟୱାର୍କରେ ଓଡିଶାର ଏକକୀକରଣକୁ ବୃଦ୍ଧି କରିବାରେ ଏହି ବିକାଶ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଅଟେ।

## ଉପକୂଳ ଓ ସାମୁଦ୍ରିକ ପର୍ଯ୍ୟଟନ

ଉପକୂଳ ଏବଂ ସାମୁଦ୍ରିକ ପର୍ଯ୍ୟଟନ ନୀଳ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଟେ, ଯାହା ଆୟ ସୃଷ୍ଟି, ନିଯୁକ୍ତି ସୃଷ୍ଟି ଏବଂ ଗୋଷ୍ଠୀଭିତ୍ତିକ ବିକାଶ ପାଇଁ ଯଥେଷ୍ଟ ସମ୍ଭାବନା ପ୍ରଦାନ କରିଥାଏ। ବଙ୍ଗୋପସାଗରରେ ୫୭୫ କିଲୋମିଟର ଉପକୂଳ ସହିତ ଓଡ଼ିଶା ଏହି ସମୃଦ୍ଧ ବିଶ୍ୱ ଶିଳ୍ପରେ ପ୍ରବେଶ କରିବା ପାଇଁ ଭଲ ସ୍ଥିତିରେ ଅଛି, ଯାହା ୨୦୨୩ ରେ ବିଶ୍ୱ ଅର୍ଥନୀତିକୁ ପ୍ରାୟ ୧.୫ ଟ୍ରିଲିୟନ ଡଲାର ପ୍ରଦାନ କରିଛି ଏବଂ ବିଶ୍ୱବ୍ୟାପୀ ୧୦୦ ନିୟୁତରୁ ଅଧିକ ନିଯୁକ୍ତି ସୃଷ୍ଟି କରିଛି।

ଓଡ଼ିଶାର ବିଭିନ୍ନ ଉପକୂଳବର୍ତ୍ତୀ ଦୃଶ୍ୟ ବାଲୁକା ବେଳାଭୂମି, ମୁହାଣ, ହ୍ରଦ, ହେନ୍ତାଳ ବଣ, ଦ୍ୱୀପପୁଞ୍ଜ ଇକୋସିଷ୍ଟମ ଓ ସମୃଦ୍ଧ ସାଂସ୍କୃତିକ ଏବଂ ସାମୁଦ୍ରିକ ଐତିହ୍ୟ ସ୍ଥଳକୁ ଅନ୍ତର୍ଭୁକ୍ତ କରେ ଯାହା ଉଭୟ ଘରୋଇ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ପ୍ରମୁଖ ଗନ୍ତବ୍ୟସ୍ଥଳ ମଧ୍ୟରେ ସୁନ୍ଦର ଦୃଶ୍ୟମାନ ବେଳାଭୂମି (ପୁରୀ, ଗୋପାଳପୁର) ସହିତ ଭିତରକନିକା ଜାତୀୟ ଉଦ୍ୟାନ ପରି ପରିବେଶଗତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଅନ୍ତର୍ଭୁକ୍ତ, ଯାହା ଏହାର ଜୈବ ବିବିଧତା ଏବଂ ପରିବେଶ ପର୍ଯ୍ୟଟନ ଆବେଦନ ପାଇଁ ଜଣାଶୁଣା। 'ଓଡ଼ିଶା ପର୍ଯ୍ୟଟନ ନୀତି ୨୦୨୨'ରେ ବେଳାଭୂମି ପର୍ଯ୍ୟଟନ, ଇକୋଟୁରିଜିମ୍ ଏବଂ ଅଭିନବ ପର୍ଯ୍ୟଟନ ଉତ୍ପାଦ ଯେପରିକି ବିଳାସପୂର୍ଣ୍ଣ ଗ୍ଲାମ୍ପିଂ ('ଇକୋ-ରିଟ୍ରିଟ୍'), ବୋଟ୍ କ୍ଲବ୍, ବେଳାଭୂମି କୁଡିଆ, ନୀଳ ପତାକା ବେଳାଭୂମି ଏବଂ 'ନିମନ୍ତ୍ରଣ ରେଷ୍ଟୋରାଣ୍ଟ' ଭଳି ପଦକ୍ଷେପ ଓଡ଼ିଆ ରୋଷେଇର ପ୍ରଚାର ପ୍ରସାରକୁ ପ୍ରୋତ୍ସାହନ କରେ। ରାଜ୍ୟ ଏହାର "ଦୁଃସାହସିକ ପର୍ଯ୍ୟଟନ ନିର୍ଦ୍ଦେଶାବଳୀ ୨୦୨୫" ମାଧ୍ୟମରେ ଦୁଃସାହସିକ ପର୍ଯ୍ୟଟନର ବିକାଶ ପାଇଁ ମଧ୍ୟ ଉଦ୍ୟମ କରୁଛି, ଯାହା ଉପକୂଳ ଏବଂ ସାମୁଦ୍ରିକ ସେଟିଂକୁ ପୁଞ୍ଜି କରି ବିଭିନ୍ନ ପ୍ରକାରର ଦୁଃସାହସିକ କ୍ରୀଡ଼ା କାର୍ଯ୍ୟକଳାପ ପ୍ରବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ଆଧୁନିକ ଭିତ୍ତିଭୂମି ଏବଂ ଦୁଃସାହସିକ ପର୍ଯ୍ୟଟନ ସୁବିଧା ସହିତ ବିକାଶ ପାଇଁ ରାଜ୍ୟ ଦଶଟି ବେଳାଭୂମି ଚିହ୍ନଟ କରିଛି।

ମୋଟାମୋଟି ଭାବେ, ଓଡ଼ିଶାର ଉପକୂଳ ଏବଂ ସାମୁଦ୍ରିକ ପର୍ଯ୍ୟଟନ ବିକାଶ ପରିବେଶ ସଂରକ୍ଷଣ ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ସନ୍ତୁଳିତ କରିବାକୁ ଚେଷ୍ଟା କରେ, ଯାହା ରାଜ୍ୟକୁ ଭାରତର ପୂର୍ବ ଉପକୂଳରେ ଏକ ପ୍ରମୁଖ ଏବଂ ସ୍ଥାୟୀ ପର୍ଯ୍ୟଟନ ସ୍ଥଳୀ ଭାବରେ ସ୍ଥାନିତ ହୋଇଛି।

## ଅକ୍ଷୟ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ



ଉପକୂଳବର୍ତ୍ତୀ ଅକ୍ଷୟ ଶକ୍ତି ନୀଳ ଅର୍ଥନୀତିର ଏକ ଉଦୀୟମାନ ସ୍ତମ୍ଭକୁ ପ୍ରତିନିଧିତ୍ୱ କରେ ଯାହା ଓଡିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନରେ ସହାୟକ ହେବ । ବିଶ୍ୱବ୍ୟାପୀ ସାମୁଦ୍ରିକ ପବନ ଶକ୍ତି ଦ୍ରୁତ ଅଭିବୃଦ୍ଧିର ସାକ୍ଷୀ ହୋଇଛି, ବିଶେଷକରି ୟୁରୋପ ଏବଂ ପୂର୍ବ ଏସିଆରେ, ହ୍ରାସ ପାଉଥିବା ବୈଷୟିକ ମୂଲ୍ୟ, ପରିପକ୍ୱ ଯୋଗାଣ ଶୃଙ୍ଖଳା ଏବଂ ଅନୁକୂଳ ନୀତି ବ୍ୟବସ୍ଥା ଦ୍ୱାରା ସମର୍ଥିତ । ଭାରତ ଏହାର ନେଟ୍-ଜିରୋ ପ୍ରତିବଦ୍ଧତା ଏବଂ ଶକ୍ତି ସୁରକ୍ଷା ଲକ୍ଷ୍ୟ ଅନୁଯାୟୀ ଭବିଷ୍ୟତର ଶକ୍ତି ମିଶ୍ରଣର ଏକ ରଣନୀତିକ ଉପାଦାନ ଭାବରେ ଉପକୂଳ ପବନକୁ ଚିହ୍ନଟ କରିଛି । ଭାରତ ୨୦୨୪-୨୫ରେ ସାମୁଦ୍ରିକ ପବନ ଶକ୍ତି ପ୍ରକଳ୍ପ ପାଇଁ କାର୍ଯ୍ୟଦକ୍ଷତା ବ୍ୟବଧାନ ପାଣ୍ଠି ଅନୁମୋଦନ କରିଛି ।

ଏହି ବିଶାଳ ଉପକୂଳ ଏବଂ ଅନୁକୂଳ ପବନ ସହିତ ଓଡ଼ିଶାର ସମୁଦ୍ର କୂଳରେ ପବନ ନିୟୋଜନ ପାଇଁ ଏକ ପ୍ରାକୃତିକ ସୁବିଧା ରହିଛି। ଭାରତ ସରକାରଙ୍କ ମତରେ ଓଡ଼ିଶାରେ ୧୨,୧୩୦ ମେଗାୱାଟ୍ ପବନ ଶକ୍ତି ଉତ୍ପାଦନ କ୍ଷମତା ରହିଛି। ଭବିଷ୍ୟତରେ ଓଡ଼ିଶା ଏହି ଉପକୂଳ ସୁବିଧାର ଲାଭ ଉଠାଇ ସମୁଦ୍ର କୂଳରେ ଅକ୍ଷୟ ଶକ୍ତି ନିୟୋଜନର ମୂଳଦୁଆ ପ୍ରତିଷ୍ଠା କରିପାରିବ। ପ୍ରାଥମିକତା କାର୍ଯ୍ୟଗୁଡ଼ିକ ମଧ୍ୟରେ ଉପଯୁକ୍ତ ଉପକୂଳ ବ୍ଲକ୍ ଚିହ୍ନଟ, ବାଥିମେଟ୍ରିକ୍ ଏବଂ ସମୁଦ୍ର ଶଯ୍ୟା ସର୍ଭେର ସୁବିଧା ଏବଂ ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିରନ୍ତର ଉତ୍ସ ମୂଲ୍ୟାଙ୍କନ ଅନ୍ତର୍ଭୁକ୍ତ ହୋଇପାରେ। ଟ୍ରାନ୍ସମିସନ୍ ଯୋଜନା ଏବଂ ଗ୍ରୀଡ୍ ସ୍ଥାନାନ୍ତର କରିଡରରେ ପ୍ରବେଶ କରିବାକୁ ସକ୍ଷମ କରିବା କ୍ଷେତ୍ରୀୟ ପ୍ରସ୍ତୁତିକୁ ଆହୁରି ସମର୍ଥନ କରିବ। ଆର୍ଥିକ ବିକଳ୍ପ ଯେପରିକି କାର୍ଯ୍ୟଦକ୍ଷତା ବ୍ୟବଧାନ ପାଣ୍ଠି, ମିଶ୍ରିତ ଆର୍ଥିକ ସଂରଚନା, ଦୀର୍ଘକାଳୀନ ଶକ୍ତି କ୍ରୟ ଚୁକ୍ତି ଏବଂ ବହୁବିଧ ଜଳବାୟୁ ଅର୍ଥ ପ୍ରକଳ୍ପ ଆର୍ଥିକ ସୁଦୃଢ଼ ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ।

## ନୀଳ ଅର୍ଥବ୍ୟବସ୍ଥା ପାଇଁ ମାର୍ଗ



ନୀଳ ଅର୍ଥନୀତି ଓଡ଼ିଶାର ଭିଜନ ୨୦୩୬ ଏବଂ ୨୦୪୭ ସହ ସମାନ୍ତରାଳ, ଯେଉଁଥିରେ କୃଷି ଜିଏସଡିପିରେ ମତ୍ସ୍ୟ ଚାଷ ଏବଂ ଜଳଜୀବ ଚାଷର ଅଂଶଧନକୁ ୧୦.୬ ପ୍ରତିଶତରୁ ୨୦ ରୁ ୨୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ସାମୁଦ୍ରିକ ମତ୍ସ୍ୟଚାଷ, ଚିଙ୍ଗୁଡ଼ି ଉତ୍ପାଦନ ଏବଂ ମଧୁର ଜଳ ଜଳଚର ଚାଷ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ସାମଗ୍ରିକ ଉତ୍ପାଦନକୁ ବର୍ତ୍ତମାନର ୧ ନିୟୁତ ମେଟ୍ରିକ୍ ଟନରୁ ୫ ନିୟୁତ ମେଟ୍ରିକ୍ ଟନ୍‌କୁ ବୃଦ୍ଧି କରିବା ଏହି ଲକ୍ଷ୍ୟ ଅନ୍ତର୍ଭୁକ୍ତ।

ଓଡ଼ିଶାର ନୀଳ ଅର୍ଥନୀତି ଆଭିମୁଖ୍ୟ ଦର୍ଶାଉଛି ଯେ ଅର୍ଥନୈତିକ ଅଭିବୃଦ୍ଧି ଏବଂ ପରିବେଶ ସୁରକ୍ଷା ଏକତ୍ର ରହିପାରିବ । ପ୍ରାକୃତିକ ବିପର୍ଯ୍ୟୟରୁ ଉପକୂଳକୁ ରକ୍ଷା କରୁଥିବାବେଳେ କୃତ୍ରିମ ରିଫ୍ ନିର୍ମାଣ ମାଛ ପ୍ରଜନନ କ୍ଷେତ୍ର ଯୋଗାଇଥାଏ। ଏହାବ୍ୟତୀତ, ସମନ୍ୱିତ ଧାନ-ମାଛ ଚାଷ ମଡେଲ ପରିବେଶ ସନ୍ତୁଳନ ବଜାୟ ରଖିବା ସହିତ ଉତ୍ପାଦକତା ବୃଦ୍ଧି କରିଥାଏ। ମତ୍ସ୍ୟ ସମ୍ପ୍ରସାରଣ, ବନ୍ଦର ଆଧୁନିକୀକରଣ, ସ୍ଥାୟୀ ପର୍ଯ୍ୟଟନ, ଅକ୍ଷୟ ଶକ୍ତି ଏବଂ ଜୈବ ପ୍ରଯୁକ୍ତି ଉଦ୍ଭାବନକୁ ମିଶାଇ ରାଜ୍ୟର ବ୍ୟାପକ ରଣନୀତି ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକାଧିକ ମାର୍ଗ ସୃଷ୍ଟି କରିଥାଏ। ସାମୁଦାୟିକ ଭାଗିଦାରୀ ସୁନିଶ୍ଚିତ କରେ ଯେ ନୀଳ ଅର୍ଥନୀତିର ବିକାଶରୁ ଉପକୂଳବର୍ତ୍ତୀ ଜନସଂଖ୍ୟା ସିଧାସଳଖ ଉପକୃତ ହେବେ।

অধ্যায় ৪

# ଓଡ଼ିଶାର ଶିଳ୍ପ କ୍ଷେତ୍ର: ଅଭିବୃଦ୍ଧି, ନିବେଶ ଓ ନବ-ଉନ୍ମେଷ

## ସମୀକ୍ଷା

ଓଡ଼ିଶାର ଅଭିବୃଦ୍ଧି ପଥରେ 'ଶିଳ୍ପ-କ୍ଷେତ୍ର' ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହି କ୍ଷେତ୍ରରେ ଖଣି, ଉତ୍ପାଦନ, ନିର୍ମାଣ ଏବଂ ଉପଯୋଗିତା ଅନ୍ତର୍ଭୁକ୍ତ ଯାହା ୨୦୨୩-୨୪ ସୁଦ୍ଧା ପ୍ରାୟ ୫୯ ଲକ୍ଷ ଶ୍ରମିକଙ୍କୁ ନିଯୁକ୍ତି ଯୋଗାଇଥିଲା।

୨୦୨୫ରେ ଓଡ଼ିଶା 'ମେକ୍ ଇନ୍ ଓଡ଼ିଶା-୨୦୨୫', 'ଆଇଓସିଏଲ୍ ଦିଲ୍ଲୀ-୨୦୨୫', 'ଓଡ଼ିଶା ଟେକ୍‌୨୦୨୫', 'ଓଡ଼ିଶା ଫାର୍ମା ସମ୍ମିଳନୀ-୨୦୨୫', 'ହାଇଦ୍ରାବାଦ ନିବେଶକ ସମ୍ମିଳନୀ-୨୦୨୫' ଏବଂ 'କୋଲକାତା ନିବେଶକ ସମ୍ମିଳନୀ-୨୦୨୫' ଆୟୋଜନ କରିଥିଲା। ଏହି ପଦକ୍ଷେପ ଗୁଡ଼ିକ ଦ୍ୱାରା ପ୍ରାୟ ୧୫ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପାଇଁ ପ୍ରତିଶ୍ରୁତି ଏବଂ ୧୦.୮ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ସହିତ ୨୭୫ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବଧି ମଧ୍ୟରେ, ରାଜ୍ୟ ୫.୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୪୪ଟି ନୂତନ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛି, ଯାହା ପ୍ରାୟ ୩.୩ ଲକ୍ଷ ନିଯୁକ୍ତି ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏଥିମଧ୍ୟରୁ ୮୦ଟି ପ୍ରକଳ୍ପ ବର୍ଷକ ମଧ୍ୟରେ କାର୍ଯ୍ୟକାରୀ ହୋଇଛି, ଯେଉଁଥିରେ ୧.୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗକୁ ଆକୃଷ୍ଟ କରିଛି ଏବଂ ରାସାୟନିକ ପଦାର୍ଥ, ସବୁଜ ହାଇଡ୍ରୋଜେନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ଆଇଟିକ୍ଷେତ୍ର, ଇଲେକ୍ଟ୍ରୋନିକ୍ସ ଏବଂ ଫାର୍ମାସ୍ୟୁଟିକାଲ୍ସ ସମେତ ବିଭିନ୍ନ କ୍ଷେତ୍ରରେ ୧.୪ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି।

ବ୍ୟବସାୟିକ ପରିବେଶରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ସଫଳତାର ସହ ବ୍ୟବସାୟ ସଂସ୍କାର ଯୋଜନା କାର୍ଯ୍ୟକାରୀ କରିଛି ଏବଂ ୨୩ଟି ପ୍ରାଥମିକ କ୍ଷେତ୍ରରେ ଗୋ-ସ୍ୱିଫ୍ଟ, ସିଙ୍ଗଲ ୱିଣ୍ଡୋ ସିଷ୍ଟମ, ଗୋ-ସ୍ମାଇଲ ଡିଜିଟାଇଜଡ୍ ନିରୀକ୍ଷଣ ଏବଂ ନିୟନ୍ତ୍ରଣମୁକ୍ତ ଭଳି ଅନେକ ସହଜ ପଦକ୍ଷେପ ପ୍ରଣୟନ କରିଛି। ଓଡିଶା ଜନବିଶ୍ୱାସ ବିଲ୍, ୨୦୨୫ ମାଧ୍ୟମରେ ରାଜ୍ୟ ୧୬ଟି ଆଇନ ଓ ୯ଟି ବିଭାଗରେ ଥିବା ୧୬୧ଟି ଜଟିଳ ନିୟମକୁ ସରଳ କରି ସାଧାରଣ କାର୍ଯ୍ୟକ୍ରମ ଗ୍ରହଣ କରିଛି। ଏହାର ଅନ୍ତର୍ଗତ, ସାଧାରଣ ଉଲ୍ଲଙ୍ଘନଗୁଡ଼ିକୁ ଆଇନଗତ ଅପରାଧରୁ ସ୍ଥାନାନ୍ତର କରି, ଦଣ୍ଡ/ଜରିମାନା ଆଧାରିତ ପ୍ରଶାସନିକ ପଦକ୍ଷେପରେ ପରିଣତ କରାଯାଇଛି।

ଓଡ଼ିଶା ପକ୍ଷରୁ ଫାର୍ମାସ୍ୟୁଟିକାଲ ଏବଂ ମେଡିକାଲ ଉପକରଣ ନୀତି ୨୦୨୫ ପ୍ରଣୟନ ହୋଇଛି, ଯାହାର ଉଦ୍ଦେଶ୍ୟ ହେଉଛି ଏହି କ୍ଷେତ୍ରରେ ନିବେଶକୁ ଆକୃଷ୍ଟ କରିବା ଏବଂ ଉତ୍ସର୍ଗୀକୃତ ଭିତ୍ତିଭୂମି ଓ ଆର୍ଥିକ ପ୍ରୋତ୍ସାହନ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା।

ଓଡ଼ିଶା ମେଗା ଇଣ୍ଡଷ୍ଟ୍ରିଆଲ୍ ଜୋନ୍, ସେକ୍ଟର ପାର୍କ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର ମାଧ୍ୟମରେ ଶିଳ୍ପ ପାଇଁ ଭିତ୍ତିଭୂମିର ବିକାଶ ଜାରି ରଖିଛି ଏବଂ ସବୁଜ ଶକ୍ତି ତଥା ଏରୋସ୍ପେସ୍ ପରି ଉଦୀୟମାନ କ୍ଷେତ୍ରକୁ ପ୍ରୋତ୍ସାହିତ କରୁଛି। ଏହି ପ୍ରୟାସଗୁଡ଼ିକ ରାଜ୍ୟକୁ ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ଶିଳ୍ପ ଅଭିବୃଦ୍ଧି ଉପରେ ଧ୍ୟାନ ଦେଇ ଏକ ନିବେଶ-ପ୍ରସ୍ତୁତ ଗନ୍ତବ୍ୟସ୍ଥଳ ଭାବରେ ନିଜକୁ ସ୍ଥାନିତ କରିଛି।

## ଶିଳ୍ପ କ୍ଷେତ୍ରର ପ୍ରଦର୍ଶନ



୨୦୨୫-୨୬ ଅଗ୍ରୀମ ଆକଳନରେ, ଶିଳ୍ପ କ୍ଷେତ୍ର ବର୍ତ୍ତମାନର ମୂଲ୍ୟରେ ଓଡ଼ିଶାର ଜିଏସଡିଏରେ ୪୧.୩ ପ୍ରତିଶତ ଯୋଗଦାନ ଦେଇଛି, ଯାହାର ପରିମାଣ ପ୍ରାୟ ୩.୬ ଲକ୍ଷ କୋଟି ଟଙ୍କା। ଏହି କ୍ଷେତ୍ର ସ୍ଥିର ମୂଲ୍ୟରେ ବାର୍ଷିକ ୬.୪ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି, ଯାହା ଜାତୀୟ ହାରାହାରି ଅଭିବୃଦ୍ଧି ୬.୨ ପ୍ରତିଶତଠାରୁ ସାମାନ୍ୟ ଅଧିକ। ଉତ୍ପାଦନ ଏହି ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ କାରକ ଅଟେ । ଶିଳ୍ପ ଜିଭିଏରେ ଏହାର ଅଂଶ କ୍ରମାଗତ ଭାବରେ ବୃଦ୍ଧି ପାଉଛି ଯାହା ବର୍ଦ୍ଧିତ ଉତ୍ପାଦନ କ୍ଷମତା ଏବଂ ଖଣିଜ ସମ୍ପଦର ସଠିକ୍ ବ୍ୟବହାରକୁ ପ୍ରତିଫଳିତ କରୁଛି।

ଶିଳ୍ପ କ୍ଷେତ୍ର ମଧ୍ୟରେ, ଉତ୍ପାଦନ ଶିଳ୍ପ ଜିଭିଏର ୪୫.୬ ପ୍ରତିଶତ, ନିର୍ମାଣ ୨୩.୩ ପ୍ରତିଶତ, ଖଣି ଏବଂ ଖଣିଜ ସମ୍ପଦ ୨୩.୧ ପ୍ରତିଶତ ଏବଂ ଉପଯୋଗୀତା ୮ ପ୍ରତିଶତ ରହିଛି। ଜାତୀୟ ସ୍ତରର ୭ ପ୍ରତିଶତ ତୁଳନାରେ ଉତ୍ପାଦନ ଜିଭିଏ ୮.୩ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ୨୦୨୫-୨୬ ଅଗ୍ରୀମ ଆକଳନରେ, ଓଡ଼ିଶାର ନିର୍ମାଣ କ୍ଷେତ୍ର ବାର୍ଷିକ ୯.୪ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି,

ଯାହାକି ପରିବହନ, ଶିଳ୍ପ ଭିତ୍ତିଭୂମି ଏବଂ ଗୃହ ନିର୍ମାଣ କ୍ଷେତ୍ରର ବିକାଶ ଦ୍ୱାରା ସମ୍ଭବ ହୋଇଛି। ବିଦ୍ୟୁତ୍, ଗ୍ୟାସ୍ ଏବଂ ଜଳ ଯୋଗାଣ ସମେତ ଉପଯୋଗିତା କ୍ଷେତ୍ରରେ ବାର୍ଷିକ ଅଭିବୃଦ୍ଧି ମଧ୍ୟ ୫.୩ ପ୍ରତିଶତ ହୋଇଛି।

୨୦୨୩–୨୪ ମସିହାରେ ଶିଳ୍ପ କ୍ଷେତ୍ରରେ ୫୯ ଲକ୍ଷ କର୍ମଚାରୀ ନିୟୋଜିତ ଥିଲେ। ୨୦୧୭–୧୮ ରୁ ୨୦୨୩–୨୪ ମଧ୍ୟରେ ଶିଳ୍ପ କ୍ଷେତ୍ରର ଶ୍ରମଶକ୍ତି ବାର୍ଷିକ ଚକ୍ରବର୍ଦ୍ଧୀ ବୃଦ୍ଧି ହାର (ସିଏଜିଆର) ୭.୨ ଶତାଂଶ ହାରରେ ବୃଦ୍ଧି ପାଇଛି। ଏହା ନିର୍ମାଣ ଓ ଉତ୍ପାଦନ କ୍ଷେତ୍ରକୁ ନିଯୁକ୍ତିର ସ୍ଥାନାନ୍ତରଣକୁ ପ୍ରତିଫଳିତ କରେ, ଯେଉଁଠାରେ ଖଣିଜ କ୍ଷେତ୍ରରେ ପୁଞ୍ଜି ଭିତ୍ତିକ ପ୍ରକୃତି କାରଣରୁ ନିଯୁକ୍ତି କମିଛି। ଏହିପରି, ଓଡ଼ିଶାର ଶିଳ୍ପ କ୍ଷେତ୍ର ବିବିଧୀକୃତ ହେଉଥିବା ସହିତ ଅଧିକ ନିଯୁକ୍ତି ଭିତ୍ତିକ ହେଉଛି।

## ଉତ୍ପାଦନ କ୍ଷେତ୍ର



୨୦୧୮-୧୯ ରୁ ୨୦୨୩-୨୪ ମଧ୍ୟରେ ଓଡ଼ିଶାର ଶିଳ୍ପ-ଭିତ୍ତିଭୂମି ପାଇଁ ଆଧାର ଯଥେଷ୍ଟ ବୃଦ୍ଧି ପାଇଛି। ଫଳତଃ ଶିଳ୍ପ ଉତ୍ପାଦନ ପ୍ରାୟ ୩ ଲକ୍ଷ କୋଟିରୁ ୫ ଲକ୍ଷ କୋଟି ଟଙ୍କାଠାରୁ ଅଧିକ ହୋଇଛି। ଏହି ଅଭିବୃଦ୍ଧି ସ୍ଥାୟୀ ପୁଞ୍ଜି ଗଠନ ଦ୍ୱାରା ହିଁ ସମ୍ଭବ ହୋଇଥିଲା, କାରଣ ୨୦୨୩-୨୪ରେ ସମୁଦାୟ ପୁଞ୍ଜି ବିନିଯୋଗ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇ ୪.୩୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପୁଞ୍ଜି ଦକ୍ଷତାରେ ମଧ୍ୟ ୧ ରୁ ୧.୨ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଉନ୍ନତ କ୍ଷମତାଉପଯୋଗକୁ ସୂଚାଉଛି।

ଓଡ଼ିଶାର ଉତ୍ପାଦନ କ୍ଷେତ୍ର ଉଭୟ ସଂଗଠିତ ଏବଂ ଅସଂଗଠିତ ଉଦ୍ୟୋଗକୁ ନେଇ ଗଠିତ। ଉତ୍ପାଦନ କ୍ଷେତ୍ରର ଅଧିକାଂଶ ଉତ୍ପାଦନ ୟୁନିଟ୍ ଏବଂ ମୋଟ ଶ୍ରମଶକ୍ତିର ପ୍ରାୟ ଦୁଇ ତୃତୀୟାଂଶ କେବଳ ଅସଂଗଠିତ କ୍ଷେତ୍ରରୁ ଆସିଥାଏ। କିନ୍ତୁ ଉତ୍ପାଦନରେ ଅସଂଗଠିତ କ୍ଷେତ୍ରର କେବଳ ଏକ ସୀମିତ ଅଂଶ ପରିଲକ୍ଷିତ ହୋଇଛି। ଅସଂଗଠିତ ଉଦ୍ୟୋଗ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବା ଲାଗି ଓଡିଶା, କ୍ଲଷ୍ଟର ବିକାଶକୁ ପ୍ରୋତ୍ସାହନ ଏବଂ ସମାନ ଶିଳ୍ପ ସାମର୍ଥ୍ୟ ଥିବା ଜିଲ୍ଲାଗୁଡ଼ିକ ମଧ୍ୟରେ ଯୋଗାଯୋଗ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।

ସଂଗଠିତ କ୍ଷେତ୍ର, ଉଦ୍ୟୋଗ ସଂଖ୍ୟା ଯଦିଓ ସ୍ୱଳ୍ପ ତଥାପି ମୋଟ ଉତ୍ପାଦନରେ ୯୭ ପ୍ରତିଶତ ଏବଂ ମୋଟ ଉତ୍ପାଦନ ଜିଭିଏରେ ୯୧.୫ ପ୍ରତିଶତ ଯୋଗଦାନ ଦେଇଛି, ଯାହା ଓଡିଶାର ଉଚ୍ଚ ଉତ୍ପାଦନ କ୍ଷମତା ଏବଂ ଦକ୍ଷତାକୁ ସୂଚାଉଅଛି। ସଂଗଠିତ ଉତ୍ପାଦନ କ୍ଷେତ୍ରରେ ବହୁଳ ବ୍ୟବହାର ଭାରୀ ଧାତୁ ଭିତ୍ତିକ ଶିଳ୍ପର ପ୍ରାଧାନ୍ୟ ରହିଛି, ଯାହା ଉତ୍ପାଦନର ଏକ ମୁଖ୍ୟ ଅଂଶ ଯୋଗଦାନ କରିଥାଏ। ଅନ୍ୟାନ୍ୟ ପ୍ରମୁଖ ଉତ୍ପାଦନ କ୍ଷେତ୍ର ମଧ୍ୟରେ ରାସାୟନିକ ପଦାର୍ଥ, ଇଲେକ୍ଟ୍ରୋନିକ୍ସ, ଧାତୁ ଡାଉନଷ୍ଟ୍ରିମ, ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ, ଅଟୋମୋବାଇଲ୍ ଏବଂ ଚିକିତ୍ସା ଉପକରଣ ଉତ୍ପାଦନ ଅନ୍ତର୍ଭୁକ୍ତ । ଏଥି ସହିତ, ବୟନଶିଳ୍ପ ଓ ପୋଷାକ ତଥା ଖାଦ୍ୟ ସାମଗ୍ରୀ ଉତ୍ପାଦନ, କାଠ ଏବଂ ଯନ୍ତ୍ରପାତି ଭଳି ଅଧିକ ଶ୍ରମ ନିର୍ଭରଶୀଳ ଶିଳ୍ପ ମଧ୍ୟ କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଫଳତଃ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ବ୍ୟାପକ ଶିଳ୍ପ ବିକାଶକୁ ଉତ୍ସାହିତ କରିବା ପାଇଁ ରାଜ୍ୟର ନୀତି ଏବଂ ପୁଞ୍ଜି ବିନିଯୋଗ ଶିଳ୍ପ କ୍ଷେତ୍ରରେ ବିବିଧକରଣକୁ ପ୍ରୋତ୍ସାହିତ କରୁଛି।

ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ଏବଂ ବୟନ ଉତ୍ପାଦନ ଭଳି ଅନେକ ଅଣଧାତବ ଉତ୍ପାଦନ କ୍ଷେତ୍ରରେ ବିପୁଳ ପୁଞ୍ଜି ବିନିଯୋଗକୁ ଆକୃଷ୍ଟ କରୁଛି ଯାହା ଶ୍ରମ ନିଯୁକ୍ତି ପାଇଁ ଅନୁକୂଳ ଅଟେ। ରସାୟନ ଏବଂ ଫାର୍ମାସ୍ୟୁଟିକାଲ୍ସ ଭଳି ଉଦୀୟମାନ କ୍ଷେତ୍ର ମଧ୍ୟ ପ୍ରଗତି ହାସଲ କରିଛି । ୨୦୧୮-୧୯ରୁ ୨୦୨୩-୨୪ ମଧ୍ୟରେ ନିବେଶିତ ପୁଞ୍ଜିର ଷ୍ଟକ୍ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୭୨,୪୧୦ କୋଟି ଟଙ୍କାରେ ପହଞ୍ଚିଛି, ଯେତେବେଳେ କି ଜିଭିଏ ସମାନ ଅବଧିରେ ପ୍ରାୟ ୩୦ ପ୍ରତିଶତ ବୃଦ୍ଧି ପାଇଛି। ସେହିଭଳି, ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ୍ ଆଣ୍ଡ ମାନୁଫାକଚରିଂ (ଇଏସଡିଏମ) କ୍ଷେତ୍ର ମଧ୍ୟ ସମ୍ପ୍ରସାରିତ ହୋଇଛି। ଭବିଷ୍ୟତ ହଟସ୍ପଟ ଅଞ୍ଚଳ ଯଥା ଏରୋସ୍ପେସ୍, ସବୁଜ ହାଇଡ୍ରୋଜେନ ଏବଂ ସବୁଜ ଆମୋନିଆରେ ରାଜ୍ୟ ଅଧିକ ପୁଞ୍ଜି ବିନିଯୋଗକୁ ଆକୃଷ୍ଟ କରୁଛି, ଯାହା ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ସହ ସ୍ଥାୟୀ ଓ ଭବିଷ୍ୟତର ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି।

## ଶିଳ୍ପ ଭିତ୍ତିଭୂମି



ଓଡ଼ିଶାରେ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ଅଭିବୃଦ୍ଧିକୁ ଆଗେଇ ନେବାରେ ଶିଳ୍ପ ଭିତ୍ତିଭୂମି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଓଡିଶା ପ୍ରାୟ ୧୩ ହଜାର ଏକର ପରିବ୍ୟାପ୍ତ ଜମିରେ ୧୪୦ଟି ଶିଳ୍ପାଞ୍ଚଳ ବିକଶିତ କରିଛି, ଅଧିକାଂଶ ଶେଡ୍ ଆବଣ୍ଟିତ ହୋଇଯାଇଛି ଏବଂ ନୂତନ ନିବେଶ ପାଇଁ ଜମି ଉପଲବ୍ଧ ହୋଇଛି। ବର୍ତ୍ତମାନ ମଧ୍ୟ ବୃହତ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଜାରି ରହିଛି ଏବଂ ଭବିଷ୍ୟତର ବିକାଶକୁ ଆଗେଇନେବା ପାଇଁ ଓଡିଶାରେ ପର୍ଯ୍ୟାପ୍ତ ଜମି ମଧ୍ୟ ମହଜୁଦ ରହିଛି। ବିଶ୍ୱସ୍ତରୀୟ କମ୍ପାନୀଗୁଡିକୁ ଓଡିଶା ପ୍ରତି ଆକର୍ଷିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ଜୋନ୍ ପ୍ରତିଷ୍ଠା କରିବାକୁ ମଧ୍ୟ ପ୍ରୟାସ ଚାଲିଛି।

ପ୍ରମୁଖ ଶିଳ୍ପ କେନ୍ଦ୍ର ମଧ୍ୟରେ ସଂଯୋଗକୁ ଉନ୍ନତ କରିବା ପାଇଁ ଏକ ଶିଳ୍ପ କରିଡର ମଧ୍ୟ ବିକଶିତ କରାଯାଉଛି। ଇଲେକ୍ଟ୍ରୋନିକ୍ସ, ବୟନଶିଳ୍ପ, ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଧାତୁ ଡାଉନଷ୍ଟ୍ରିମ ଶିଳ୍ପ ଭଳି କ୍ଷେତ୍ରକୁ ସହଯୋଗ କରିବା ପାଇଁ ଅନେକ ଫ୍ଲାଗସିପ୍ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ଯାହା ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ସମନ୍ୱିତ ଭିତ୍ତିଭୂମି ସୃଷ୍ଟି କରୁଛି।

## ଖଣି ଖନନ ଏବଂ ଖଣିଜ ଉତ୍ତୋଳନ



୨୦୨୪-୨୫ରେ ଦେଶର ମୋଟ ଖଣିଜ ଉତ୍ପାଦନ ମୂଲ୍ୟରେ ଓଡିଶାର ଯୋଗଦାନ ୪୩.୭ ପ୍ରତିଶତ ଥିଲା, କାରଣ ଓଡ଼ିଶା ଭାରତର ଏକ ଅଗ୍ରଣୀ ଖଣିଜ ଉତ୍ପାଦନକାରୀ ରାଜ୍ୟ । ୨୦୨୦-୨୧ରେ ଏହି ଯୋଗଦାନ ୩୦,୦୪୪ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ରେ ଏହା ୬୪,୭୮୫ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୫-୨୬ ଅଗ୍ରୀମ ଆକଳନ ଅନୁଯାୟୀ ରାଜ୍ୟର ଜିଏସଭିଏରେ ଖଣି ୯.୫ ପ୍ରତିଶତ ଏବଂ ଶିଳ୍ପ କ୍ଷେତ୍ର ଜିଭିଏକୁ ୨୩.୧ ପ୍ରତିଶତ ଯୋଗଦାନ ଦେଇଛି। କ୍ରୋମାଇଟ୍, ବକ୍ସାଇଟ୍ ଏବଂ ଲୁହାପଥର ଭଳି ପ୍ରମୁଖ ଖଣିଜ ପଦାର୍ଥରୁ ଖଣି କ୍ଷେତ୍ର ଉଦ୍ୟୋଗଗୁଡ଼ିକୁ କଞ୍ଚାମାଲ ଯୋଗାଇ ରାଜ୍ୟର ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଏବଂ ମୋଟ ଅଣ-ଟିକସ ରାଜସ୍ୱର ପ୍ରାୟ ୮୦ ପ୍ରତିଶତ ସୃଷ୍ଟି କରୁଛି।

ଖଣିଜ ଉତ୍ତୋଳନ ମାଧ୍ୟମରେ ରାଜ୍ୟ ଏହାର ସମ୍ବଳ ଆଧାରକୁ ବିସ୍ତାର କରିଛି ଏବଂ ନୂତନ ବିକାଶ କ୍ଷେତ୍ର ସୃଷ୍ଟି କରିପାରିଛି। ସ୍ୱଚ୍ଛତା ଏବଂ ନିୟନ୍ତ୍ରଣରେ ଉନ୍ନତି ଆଣିବା ପାଇଁ ରାଜ୍ୟ ଡିଜିଟାଲ ପରିଚାଳନା ବ୍ୟବସ୍ଥା ପ୍ରବର୍ତ୍ତନ କରିଛି ଏବଂ ବେଆଇନ ଖଣି ଖନନ ବିରୋଧରେ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିଛି । ପ୍ରମୁଖ ଖଣିଜ ପଦାର୍ଥ ବ୍ୟତୀତ, ଓଡ଼ିଶାରେ ଅନେକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଭଣ୍ଡାର ରହିଛି । ଅନେକ ଖଣିଜ ପଦାର୍ଥର ଉତ୍ପାଦନ ବର୍ତ୍ତମାନ ସୀମିତ ରହିଛି ଯାହା ଉଦୀୟମାନ ଶିଳ୍ପ ଗୁଡିକ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭବିଷ୍ୟତର ଶିଳ୍ପ ଅଭିବୃଦ୍ଧିକୁ ଆଗେଇ ନେବା ଏବଂ ଜାତୀୟ ଖଣିଜ ଆବଶ୍ୟକତା ପୂରଣ କରିବା ପାଇଁ ଏହି ସମ୍ବଳଗୁଡ଼ିକୁ ସ୍ଥାୟୀ ଭାବରେ ବିକଶିତ କରିବା ପାଇଁ ରାଜ୍ୟ ଅନବରତ କାର୍ଯ୍ୟ କରୁଛି ।

## ନିର୍ମାଣ



ନିର୍ମାଣ କ୍ଷେତ୍ର ୨୦୨୫-୨୬ (ଅଗ୍ରୀମ ଆକଳନ)ରେ ଶିଳ୍ପ ଜିଭିଏରେ ୨୩.୩ ପ୍ରତିଶତ ଏବଂ ଜିଏସଭିଏରେ ୯.୬ ପ୍ରତିଶତ ଯୋଗଦାନ ଦେଇଥିବା ଯୋଗୁଁ; ଗତ ପାଞ୍ଚ ବର୍ଷ ମଧ୍ୟରେ ୧୪.୩ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଓଡ଼ିଶାରେ ୧୮ ପ୍ରତିଶତ ଶ୍ରମିକଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ଜାତୀୟ ହାରଠାରୁ ଅଧିକ। ଜାତୀୟ ସ୍ତର ତୁଳନାରେ ଓଡ଼ିଶାରେ ପୁରୁଷଙ୍କ ସଂଖ୍ୟା ଅଧିକ ଏବଂ ମହିଳାଙ୍କ ଭାଗିଦାରୀ ଜାତୀୟ ସ୍ତରର ପ୍ରାୟ ଦୁଇଗୁଣ। ନିର୍ମାଣ ଶ୍ରମିକଙ୍କ ଜୀବନଧାରଣ ଓ କର୍ମକ୍ଷେତ୍ରର ଅବସ୍ଥାରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ଅନେକ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛି। ଏଥିରେ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଏବଂ ଅର୍ଥନୈତିକ ସ୍ଥିରତାକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଗୃହ, ପେନସନ, ଘର ଭଡ଼ା ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସହାୟତା ଇତ୍ୟାଦି ଅନ୍ତର୍ଭୁକ୍ତ।

## ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ ଏସ୍ ଏମ୍ ଇ)

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ ଏସ୍ ଏମ୍ ଇ) ଗୁଡିକ ନାନାଦି ନିଯୁକ୍ତି ସୃଷ୍ଟି କରି ଏବଂ ଉତ୍ପାଦନ ଓ ରପ୍ତାନି ଉଭୟରେ ଯୋଗଦାନ କରି ଓଡ଼ିଶାର ଶିଳ୍ପ ଦୃଶ୍ୟପଟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଓଡ଼ିଶାରେ ମୁଖ୍ୟତଃ ୩୧ ଜାନୁଆରୀ, ୨୦୨୬ ସୁଦ୍ଧା ଅଣୁ ଏବଂ ଅସଂଗଠିତ ଉଦ୍ୟୋଗ କ୍ଷେତ୍ରରେ ୨୩.୫ ଲକ୍ଷ ଏମ୍ ଏସ୍ ଏମ୍ ଇ ପଞ୍ଜିକୃତ ହୋଇଛନ୍ତି ଯାହା ମଧ୍ୟରୁ ପ୍ରାୟ ୯୯.୫ ପ୍ରତିଶତ ଅଣୁ ଏବଂ ଅସଂଗଠିତ ଅଣୁ ଉଦ୍ୟୋଗ।

ଜିଲ୍ଲାସ୍ତରୀୟ ଏମ୍ ଏସ୍ ଏମ୍ ଇ ପାର୍କ, ଉନ୍ନତ ଶିଳ୍ପାଞ୍ଚଳ ଏବଂ ଉନ୍ନତ ଲଜିଷ୍ଟିକ୍ ଭଳି ଭିତ୍ତିଭୂମି ବିକାଶ ମାଧ୍ୟମରେ ଏମ୍ ଏସ୍ ଏମ୍ ଇ ଗୁଡ଼ିକୁ ଆଗେଇ ନେବାରେ ଓଡିଶା ଅଧିକ ଧ୍ୟାନଦେଇଛି। ବୃହତ ଶିଳ୍ପ ସହିତ ଏମ୍ ଏସ୍ ଏମ୍ ଇ ମାନଙ୍କର ସମ୍ପର୍କକୁ ସୁଗମ କରିବା, କଞ୍ଚାମାଲ ଉପଲବ୍ଧିକୁ ସୁନିଶ୍ଚିତ କରିବା, ଟେକ୍ନୋଲୋଜି ଆପଣେଇବାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇଁ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବା ଇତ୍ୟାଦି ଏହି ପ୍ରୟାସର ଅନ୍ତର୍ଭୁକ୍ତ। ପ୍ରଶିକ୍ଷଣ କାର୍ଯ୍ୟକ୍ରମ, କ୍ଲଷ୍ଟର ବିକାଶ ଏବଂ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରୀୟ ଯୋଜନା ଏମ୍ଏସ୍ଏମ୍ଇ ଗୁଡ଼ିକୁ ଆନୁଷ୍ଠାନିକ, ଅଭିବୃଦ୍ଧି ଏବଂ ଉତ୍ପାଦକ କ୍ଷମତାରେ ଉନ୍ନତି ଆଣିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପଦକ୍ଷେପଗୁଡିକ ସମସ୍ତ ଜିଲ୍ଲାରେ ଅନ୍ତର୍ଭୁକ୍ତଶିଳ୍ପ ଅଭିବୃଦ୍ଧିର ପ୍ରମୁଖ କାରକ ଭାବରେ ଏମଏସଏମଇକୁ ମଜବୁତ କରିବାକୁ ଚେଷ୍ଟା କରୁଛି।

## ବାଣିଜ୍ୟ ରପ୍ତାନି



ନିକଟ ଅତୀତରେ ଲକ୍ଷ୍ୟ କରାଯାଇଛି ଯେ, ସ୍ଥିର ଅଭିବୃଦ୍ଧି ସହିତ ବାଣିଜ୍ୟ ରପ୍ତାନି ଓଡ଼ିଶା ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ । ଓଡ଼ିଶା ୨୦୨୪-୨୫ରେ ୮୫,୫୦୦ କୋଟି ଟଙ୍କାର ସାମଗ୍ରୀ ରପ୍ତାନି କରିଛି, ଯାହା ୨୦୧୯-୨୦ ଠାରୁ ୧୨.୬ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି। ରପ୍ତାନିରେ ଧାତୁ ଏବଂ ଖଣିଜ ପଦାର୍ଥର ଭାଗିଦାରୀ ରହିଛି ୮୫ ଶତାଂଶ । ବିବିଧକରଣର ଆବଶ୍ୟକତାକୁ ଆଧାର କରି ଓଡ଼ିଶା ଖଣିଜ ପଦାର୍ଥ ବ୍ୟତୀତ ଅନ୍ୟ କ୍ଷେତ୍ରରେ ମଧ୍ୟ ରପ୍ତାନିକୁ ପ୍ରୋତ୍ସାହିତ କରୁଛି । ଇଞ୍ଜିନିୟରିଂ ସାମଗ୍ରୀ, ରାସାୟନିକ ପଦାର୍ଥ, ସାମୁଦ୍ରିକ ଉତ୍ପାଦ, ବୟନ ଶିଳ୍ପ ଏବଂ କୃଷି ଉତ୍ପାଦ ହେଉଛି ରପ୍ତାନିରେ ଅନ୍ୟାନ୍ୟ ଅଗ୍ରଣୀ ବିଭାଗ। ଏହି କ୍ଷେତ୍ରଗୁଡ଼ିକ ଓଡ଼ିଶାର ରପ୍ତାନି ପରିମାଣକୁ ବ୍ୟାପକ କରିବା ଏବଂ କେତେକ ଦ୍ରବ୍ୟ ଉପରେ ନିର୍ଭରଶୀଳତା ହ୍ରାସ କରି ଅର୍ଥନୈତିକ ସ୍ଥିରତା ବୃଦ୍ଧି କରିବାରେ ସହାୟକ ହେଉଛି ।

ରପ୍ତାନି ପ୍ରଦର୍ଶନକୁ ସୁଦୃଢ଼ କରିବା ଲାଗି ଓଡିଶା ବନ୍ଦର ସୁବିଧା ଏବଂ ବିମାନ କାର୍ଗୋ ପରିଚାଳନା ଭଳି ଲଜିଷ୍ଟିକ୍ ଭିତ୍ତିଭୂମିରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରୁଛି । ଗୁଣବତ୍ତା ନିୟନ୍ତ୍ରଣ ଏବଂ ଉତ୍ପାଦ ନିର୍ଦ୍ଧାରଣ ମଧ୍ୟ ପ୍ରାଥମିକତା ଆବଶ୍ୟକ କରେ, ଯାହା ରାଜ୍ୟ ମଧ୍ୟରେ ସ୍ୱୀକୃତିପ୍ରାପ୍ତ ପରୀକ୍ଷଣ ଲାବୋରେଟୋରୀ ପ୍ରତିଷ୍ଠା ଦ୍ୱାରା ସମର୍ଥିତ । ବାଣିଜ୍ୟ ମେଳା ଏବଂ କ୍ରେତା-ବିକ୍ରେତା ବୈଠକରେ ଅଂଶଗ୍ରହଣ ସହିତ ବଜାର ପ୍ରୋତ୍ସାହନ ପ୍ରୟାସ ସ୍ଥାନୀୟ ଉତ୍ପାଦକମାନଙ୍କୁ ବିଶ୍ୱ କ୍ରେତାମାନଙ୍କ ସହିତ ଯୋଡିବାକୁ ଓଡିଶା ଲକ୍ଷ୍ୟ ରଖିଛି । ସମ୍ପୃକ୍ତ କ୍ଷେତ୍ରରେ ଦକ୍ଷତା ବିକାଶ ପଦକ୍ଷେପ ଗୁଡିକ ଶିଳ୍ପ ଚାହିଦା ପୂରଣ କରିବା ପାଇଁ ଏକ ତାଲିମପ୍ରାପ୍ତ ଶ୍ରମଶକ୍ତି ଗଠନ କରିବାରେ ସାହାଯ୍ୟ କରୁଛି ଏବଂ ରପ୍ତାନି ଅଭିବୃଦ୍ଧିକୁ ଅଧିକ ସହଯୋଗ କରୁଛି । ମୋଟାମୋଟି ଭାବେ, ଓଡିଶା ପରିମାଣ ବୃଦ୍ଧି, ଉତ୍ପାଦର ବିବିଧତା ଏବଂ ଆନ୍ତର୍ଜାତୀୟ ବଜାରର ପ୍ରତିଦ୍ୱନ୍ଦ୍ୱିତାରେ ଉନ୍ନତି ଆଣିବା ପାଇଁ ଏକ ବ୍ୟାପକ ରପ୍ତାନି ଇକୋସିଷ୍ଟମ୍ ନିର୍ମାଣ କରୁଛି ।

ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍ଟିଏ) ସହଭାଗୀତା ପାଇଁ ତଥା ରପ୍ତାନି ବଜାରକୁ ବ୍ୟାପକ କରିବା ପାଇଁ ଓଡିଶା ଗୁରୁତ୍ୱପୂର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ନିକଟରେ ବ୍ରିଟେନ, ୟୁଏଇ, ଅଷ୍ଟ୍ରେଲିଆ ଭଳି ଅନ୍ୟ ଦେଶମାନଙ୍କ ସହ ହୋଇଥିବା ଚୁକ୍ତିନାମା ଯୋଗୁଁ ଓଡ଼ିଶାର ପ୍ରମୁଖ ରପ୍ତାନି କ୍ଷେତ୍ର ଯଥା ସାମୁଦ୍ରିକ ଖାଦ୍ୟ, ବୟନଶିଳ୍ପ, ଫାର୍ମାସ୍ୟୁଟିକାଲ୍ସ ଏବଂ ରାସାୟନିକ ପଦାର୍ଥ ପାଇଁ ଉନ୍ନତ ସୁବିଧା ସୃଷ୍ଟି ହୋଇଛି। ଉଦାହରଣ ସ୍ୱରୂପ, ଭାରତ-ବ୍ରିଟେନ ଏଫଟିଏ ଭାରତର ସାମୁଦ୍ରିକ ଉତ୍ପାଦ ରପ୍ତାନିକୁ ୭୦ ପ୍ରତିଶତ ବୃଦ୍ଧି କରିବ ବୋଲି ଆଶା କରାଯାଉଛି, ଯାହା ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଶିଳ୍ପକୁ ମଧ୍ୟ ଲାଭଦାୟକ ହେବ ବୋଲି ଆଶା କରାଯାଉଛି। ଅନ୍ତରୀଣ ଆମେରିକା-ଭାରତ ଏଫଟିଏ ଚୁକ୍ତି ମଧ୍ୟ ଓଡ଼ିଶା ପାଇଁ ଆମେରିକା ବଜାରକୁ ରପ୍ତାନି ବୃଦ୍ଧି ପାଇଁ ସୁଯୋଗ ସୃଷ୍ଟି କରିବ।

## ହସ୍ତତନ୍ତ ଓ ହସ୍ତଶିଳ୍ପ



ଓଡିଶାର ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଏବଂ ଅର୍ଥନୈତିକ ଗୁରୁତ୍ୱ ବହନ କରେ, ଯାହା ସାରା ରାଜ୍ୟରେ ବହୁ ସଂଖ୍ୟକ କୁଶଳୀ କର୍ମଜୀବୀଙ୍କୁ ଜୀବନ ଜୀବିକାରେ ସାହାଯ୍ୟ କରେ। ରାଜ୍ୟରେ ୬୧ଟି ଅନୁମୋଦିତ ହସ୍ତଶିଳ୍ପ ଏବଂ ୧.୬୧ ଲକ୍ଷ କାରିଗର ଅଛନ୍ତି। ଏହି କ୍ଷେତ୍ରରେ ବିଭିନ୍ନ ପ୍ରକାରର ପାରମ୍ପରିକ ହସ୍ତଶିଳ୍ପ ଅନ୍ତର୍ଭୁକ୍ତ, ଯାହା ମଧ୍ୟରୁ ଅନେକ ଭୌଗୋଳିକ ସୂଚକ (ଜିଆଇ) ଟ୍ୟାଗ୍ ମାଧ୍ୟମରେ ସ୍ୱୀକୃତି ପାଇଛି। ଏପରି ହସ୍ତଶିଳ୍ପ ଯୁଗ ଯୁଗ ଧରି ପାରମ୍ପରିକ କୌଶଳକୁ ସଂରକ୍ଷିତ କରିଥାଏ ଏବଂ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜୀବିକା ଯୋଗାଇବା ସହିତ ସାଂସ୍କୃତିକ ଐତିହ୍ୟକୁ ବଜାଇ ରଖିବାରେ ସହାୟକ ହୋଇଥାଏ।

ହସ୍ତତନ୍ତ ବିଭାଗର ଉତ୍ପାଦନ, ନିଯୁକ୍ତି ଏବଂ ବିକ୍ରିରେ ସ୍ଥିର ଅଭିବୃଦ୍ଧି ଦେଖାଦେଇଛି। ଦକ୍ଷତା ବିକାଶ, ଭିତ୍ତିଭୂମି ଯେପରିକି ୱାର୍କ-ସେଡ୍, ଆର୍ଥିକ ସହାୟତା ଏବଂ ବିପଣନ ସହାୟତା ଉପରେ ଧ୍ୟାନ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ଏହି କ୍ଷେତ୍ରକୁ ଅଧିକ ସାମର୍ଥ୍ୟ ପ୍ରଦାନ କରୁଛି। ନୂତନ ଜ୍ଞାନକୌଶଳ ଗ୍ରହଣକୁ ଉତ୍ସାହିତ କରିବା ଏବଂ ଉତ୍ପାଦର ଗୁଣବତ୍ତାରେ ଉନ୍ନତି ଆଣିବା ପାଇଁ ମଧ୍ୟ ପ୍ରୟାସ କରାଯାଉଛି, ଯାହାଦ୍ୱାରା ହସ୍ତତନ୍ତ ଉତ୍ପାଦର ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ବୃଦ୍ଧି ପାଉଛି । ହସ୍ତଶିଳ୍ପ ବିଭାଗରେ, କାରିଗର ୟୁନିଟ୍ ସଂଖ୍ୟା, ନିଯୁକ୍ତି ଏବଂ ଉତ୍ପାଦନ ନିକଟ ଅତୀତରେ କ୍ରମାଗତ ଭାବରେ ବୃଦ୍ଧି ପାଇଛି। ମାର୍କେଟିଂ, ଉତ୍ପାଦ ଉଦ୍ଭାବନ ଏବଂ ସାଂସ୍କୃତିକ ସଂରକ୍ଷଣ ଉପରେ ଧ୍ୟାନ ଦେଉଥିବା ଅନୁଷ୍ଠାନ ମାଧ୍ୟମରେ ରାଜ୍ୟ ଏହି କ୍ଷେତ୍ରକୁ ପ୍ରୋତ୍ସାହିତ କରୁଛି। ପ୍ରଦର୍ଶନୀ, ତାଲିମ ଏବଂ ଇନକ୍ୟୁବେସନ କେନ୍ଦ୍ର ଭଳି ପଦକ୍ଷେପ ଦ୍ୱାରା କାରିଗର ସମ୍ପ୍ରଦାୟକୁ ଓଡିଶା ଅଧିକ ସଂଗଠିତ ଓ ମଜବୁତ କରିବା ତଥା ଉଭୟ ଘରୋଇ ଏବଂ ଆନ୍ତର୍ଜାତୀୟ ସ୍ତରରେ ବଜାର ପ୍ରବେଶକୁ ବିସ୍ତାର କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛି।

**ଅଧ୍ୟାୟ ୬**

# ଓଡ଼ିଶାରେ ସେବା କ୍ଷେତ୍ର: ପ୍ରବୃତ୍ତି ଏବଂ ସୁଯୋଗ

ସେବା କ୍ଷେତ୍ର ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାରକ। ଗତ ଦଶନ୍ଧି ମଧ୍ୟରେ, ଏହି କ୍ଷେତ୍ର କେବଳ ଆକାରରେ ନୁହେଁ ବରଂ କାର୍ଯ୍ୟକାରିତାରେ ମଧ୍ୟ ବିସ୍ତାର କରିଛି। ପାରମ୍ପାରିକ ବାଣିଜ୍ୟ ବ୍ୟବସାୟ ଏବଂ ଖୁଚୁରା ସେବା ଠାରୁ ଆରମ୍ଭ କରି ଅଧିକ ଦକ୍ଷତା, ଯେପରିକି ଆର୍ଥିକ ସେବା, ଆଇଟି-ସକ୍ଷମ ସେବା ତଥା ବୃତ୍ତିଗତ ସେବା ଭଳି ପ୍ରଯୁକ୍ତି ବିଦ୍ୟା ପରିଚାଳିତ ବିଭାଗ ଆଡକୁ ଗତି କରିଛି।

ରାଜ୍ୟର ମୁଣ୍ଡପିଛା ଆୟ ଓ ରାଜ୍ୟର ମୋଟ ସଂଯୋଗିତ ମୂଲ୍ୟରେ ସେବା କ୍ଷେତ୍ରର ଅଂଶିଦାରିତା ମଧ୍ୟରେ ଦୃଢ ସକରାତ୍ମକ ସମ୍ପର୍କ ରହିଛି। ବିଶ୍ୱବ୍ୟାପି କମ୍ପାନୀ ମାଧ୍ୟମରେ ଆଇଟି ସେବା ରପ୍ତାନୀ, ପର୍ଯ୍ୟଟନ କ୍ଷେତ୍ରର ସୁଧାର ଏବଂ ବୃତ୍ତିଗତ ସେବା ଭଳି ବାଣିଜ୍ୟ ସେବା ପ୍ରତି ରାଜ୍ୟର ଗୁରୁତ୍ୱ ଦେବା ଫଳରେ, ଏହି କ୍ଷେତ୍ର ଆଗକୁ ଆହୁରି ଭଲ ଅଗ୍ରଗତି କରିବ। ଓଡ଼ିଶାର ବର୍ତ୍ତମାନର ସେବା ଅବଦାନ ଏବଂ ମୁଣ୍ଡପିଛା ଆୟ ଏକ ପରିପକ୍ୱ ଅର୍ଥନୀତିକୁ ସୂଚାଉଛି ଯାହା ଧୀରେ ଧୀରେ ସେବା ମଧ୍ୟରେ ଉଚ୍ଚ-ମୂଲ୍ୟର କାର୍ଯ୍ୟକଳାପକୁ ମଧ୍ୟ ଅନ୍ତର୍ଭୁକ୍ତ କରୁଛି।

## ସେବା କ୍ଷେତ୍ରର ପ୍ରଦର୍ଶନ



ଓଡ଼ିଶାର ସେବା କ୍ଷେତ୍ର ସ୍ଥିର ଏବଂ ସମ୍ପ୍ରସାରଣ ପାଇଁ ଆଲୋଚନାର ପରିସର ମଧ୍ୟକୁ ଆସି ପାରିଛି। ଏହା ୨୦୨୫-୨୬ରେ ପ୍ରାୟ ୩.୪ ଲକ୍ଷ କୋଟି ଟଙ୍କା କିମ୍ବା ରାଜ୍ୟ ଜିଏସଭିଏର ୩୯.୧ ପ୍ରତିଶତ ବୋଲି ଆକଳନ କରାଯାଇଛି। ୨୦୨ ୪ -୨୫ ଏବଂ ୨୦୨୫-୨୬ (ଅଗ୍ରୀମ ଆକଳନ) ମଧ୍ୟରେ ଏହି କ୍ଷେତ୍ରର ବାସ୍ତବ ଅଭିବୃଦ୍ଧି ହାର ୯.୩ ପ୍ରତିଶତ ବୋଲି ପଞ୍ଜିକୃତ ହୋଇଛି, ଯାହା ଜାତୀୟ ସ୍ତରର ବୃଦ୍ଧି ହାର ୯.୧ ପ୍ରତିଶତ ଠାରୁ ଅଧିକ, ଯାହା ଏକ ଅଗ୍ରଗାମୀ ଅର୍ଥନୈତିକ କାର୍ଯ୍ୟକଳାପକୁ ସୂଚାଉଅଛି। ସେବା କ୍ଷେତ୍ର ଅନ୍ତର୍ଗତ ହୋଟେଲ ଓ ରେଷ୍ଟୁରାଣ୍ଟ ଉପ-କ୍ଷେତ୍ରରେ ୨୦୨୫-୨୬ ବର୍ଷରେ ୧୯.୪ ପ୍ରତିଶତ ଅଭିବୃଦ୍ଧି ହେବାର ଆଶା କରାଯାଉଛି, ଯାହା ପୂର୍ବ ବର୍ଷର ୧୩. ୫ ପ୍ରତିଶତ ବୃଦ୍ଧି ତୁଳନାରେ ଅଧିକ। ଏହା ଓଡ଼ିଶାର ବଢୁଥିବା ପର୍ଯ୍ୟଟନ ଆକର୍ଷଣ ଏବଂ ନୂତନ ନିଯୁକ୍ତି ସୁଯୋଗକୁ ସୂଚାଉଛି। ସେହିପରି ବ୍ୟାଙ୍କିଙ୍ଗ୍ ଓ ବୀମା ସେବା ଭଳି ଆର୍ଥିକ କ୍ଷେତ୍ରରେ ମଧ୍ୟ ଦୃଢ ଅଭିବୃଦ୍ଧି ପରିଲକ୍ଷିତ ହେଉଛି। ବୃତ୍ତିଗତ ଏବଂ ରିଏଲ୍ ଇଷ୍ଟେଟ୍ ଉପକ୍ଷେତ୍ରର ୧୫.୮ ପ୍ରତିଶତ ସେବା କ୍ଷେତ୍ରରେ ଭାଗିଦାରି ରହିଛି ଯାହାର ୯.୯ ପ୍ରତିଶତ ବାର୍ଷିକ ଅଭିବୃଦ୍ଧି ରେକର୍ଡ କରାଯାଇଛି। ପରିବହନ ସେବା ମଧ୍ୟରେ ବିଶେଷ କରି ବିମାନ ପରିବହନ, ଉନ୍ନତ ବିମାନ ସଂଯୋଗ ଏବଂ ଭିତ୍ତିଭୂମି ବିକାଶ ଦ୍ୱାରା ଆଶାଠାରୁ ଅଧିକ ଅଭିବୃଦ୍ଧି ହୋଇଛି। ଯୋଗାଯୋଗ ଏବଂ ପ୍ରସାରଣ ବିଭାଗଗୁଡ଼ିକ ବର୍ଦ୍ଧିତ ଡିଜିଟାଲ୍ ଆକ୍ସେସ୍ ଦ୍ୱାରା ମଧ୍ୟ ଉପକୃତ ହେଉଛି, ଯାହା ବିସ୍ତାରିତ ସେବା ସମ୍ବଳିତ ଇକୋସିଷ୍ଟମକୁ ବିକଶିତ କରୁଛି। ଏହା ସହିତ ଡିଜିଟାଲ୍ ବ୍ୟବହାର ବୃଦ୍ଧି ପାଇବା ଯୋଗୁଁ ଯୋଗାଯୋଗ ଓ ପ୍ରସାରଣ ସେବା ମଧ୍ୟ ଶକ୍ତିଶାଳୀ ହୋଇଛି।

ମୋଟାମୋଟି ଭାବେ, ସେବା କ୍ଷେତ୍ରର ବିବିଧତା ଏବଂ ଅଭିବୃଦ୍ଧି ମାଧ୍ୟମ ଏକ ସମ୍ବଳ-ଚାଳିତ ଅର୍ଥନୀତିରୁ ଅଧିକ ଜ୍ଞାନ ଏବଂ ସେବା-ଆଧାରିତ ମଡେଲ ଆଡକୁ ଓଡିଶାର ପରିବର୍ତ୍ତନକୁ ସୂଚାଉ ଅଛି, ଯାହା ବ୍ୟାପକ ଅର୍ଥନୈତିକ ନମନୀୟତା ଏବଂ ଅନ୍ତର୍ଭୁକ୍ତ ବିକାଶର ଲକ୍ଷଣ ଅଟେ।

## ସେବା କ୍ଷେତ୍ରରେ ନିଯୁକ୍ତି ଦୃଶ୍ୟପଟ୍ଟ



ଓଡ଼ିଶାରେ ସେବା କ୍ଷେତ୍ରର ଅଭିବୃଦ୍ଧି ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ୨୦୨୩-୨୪ରେ ପ୍ରାୟ ୫୯.୫ ଲକ୍ଷ ଶ୍ରମଶକ୍ତି ସେବାରେ ନିୟୋଜିତ ହୋଇଛନ୍ତି, ଯାହାକି ୨୦୧୯-୨୦ରେ ୪୬.୩ ଲକ୍ଷ ଥିଲା ଓ ୬.୫ ପ୍ରତିଶତ ସିଏଜିଆର ରେକର୍ଡ କରିଛି। ଅନେକ ଶ୍ରମିକ ଅଦ୍ୟାବଧି ମୌଳିକ କିମ୍ବା ପାରମ୍ପାରିକ ସେବାରେ ନିୟୋଜିତ ଥିଲେ ମଧ୍ୟ, ନୂତନ ଦକ୍ଷତା ଆବଶ୍ୟକ କରୁଥିବା ଅଧିକ ଜଟିଳ ଓ ଦକ୍ଷତା-ତୀବ୍ର ସେବା କ୍ଷେତ୍ର ଆଡକୁ ଏକ ଦୃଶ୍ୟମାନ ପରିବର୍ତ୍ତନ ହେଉଛି। ଏହି ଧାରା ବିଶେଷ ଭାବରେ ମହିଳାବର୍ଗର ଶ୍ରମ କ୍ଷେତ୍ରରେ ସ୍ପଷ୍ଟ ହୋଇଛି, ଯାହା ସମାନ ଭାଗିଦାରୀ ଏବଂ ବିଭିନ୍ନ ଗୋଷ୍ଠୀ ପାଇଁ ସୁଯୋଗର ପ୍ରସାରରେ ଅଗ୍ରଗତିକୁ ପ୍ରତିଫଳିତ କରୁଛି। ଜଟିଳ ସେବା କ୍ଷେତ୍ରରେ ମହିଳା ନିଯୁକ୍ତି ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ୧୩.୪ ପ୍ରତିଶତ ସିଏଜିଆର ହାରରେ ବୃଦ୍ଧି ପାଇଛି, ଯେତେବେଳେ କି ଏହି ଅବଧିରେ ପୁରୁଷମାନଙ୍କ କ୍ଷେତ୍ରରେ ଏହି ଅଭିବୃଦ୍ଧି ମାତ୍ର ୫.୬ ପ୍ରତିଶତ ରହିଛି।

ନିଯୁକ୍ତି ସଂରଚନାରେ ଏହି ପରିବର୍ତ୍ତନ ମାନବ ସମ୍ବଳ ବ୍ୟବହାରରେ ଶିଥିଳ କିନ୍ତୁ ଅର୍ଥପୂର୍ଣ୍ଣ ଅଭିବୃଦ୍ଧିକୁ ସୂଚିତ କରୁଛି, ଯାହା ଉନ୍ନତ ଜୀବିକା ଏବଂ ଅର୍ଥନୈତିକ ସ୍ଥିରତାକୁ ସୂଚାଉଅଛି। ଆଧୁନିକ ସେବାଗୁଡ଼ିକରେ ନିଯୁକ୍ତିର ସମ୍ପ୍ରସାରଣ ମଧ୍ୟ ବ୍ୟାପକ ଢାଞ୍ଚାଗତ ପରିବର୍ତ୍ତନକୁ ସୂଚାଉଅଛି ତଥା ଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଚାଳିତ ଅର୍ଥନୈତିକ କାର୍ଯ୍ୟକଳାପରେ ଓଡିଶାର ସମାବେଶୀକରଣ ପାଇଁ ମୂଳଦୁଆ ପକାଉଅଛି।

## ସେବାକ୍ଷେତ୍ରରେ ଘରୋଇ ବ୍ୟବହାର

ଘରୋଇ ବ୍ୟବହାର ଶୈଳୀ ଏବଂ ଓଡ଼ିଶାରେ ପରିବର୍ତ୍ତିତ ପସନ୍ଦ ରାଜ୍ୟର ଆୟ ବୃଦ୍ଧିକୁ ସୂଚାଉଅଛି। ୨୦୨୩-୨୪ରେ, ରାଜ୍ୟର ପରିବାର ସମୂହ ଉଚ୍ଚ ମୂଲ୍ୟର ସେବା ପାଇଁ ପ୍ରାୟ ୬୦,୦୦୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯାହା ମୋଟ ଘରୋଇ ବ୍ୟବହାରର ପ୍ରାୟ ୩୦ ପ୍ରତିଶତ ଅଟେ। ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଉଚ୍ଚ ମୂଲ୍ୟର ଖୁଚୁରା ସାମଗ୍ରୀ ଉପରେ ସମୁଦାୟ ଖର୍ଚ୍ଚର ଗୁରୁତ୍ୱପୂର୍ଣ୍ଣ ଅଂଶ କେବଳ ମୌଳିକ ଆବଶ୍ୟକତାକୁ ସୂଚାଉ ନାହିଁ ବରଂ ସୁସ୍ଥତା ଏବଂ ଉନ୍ନତ ଜୀବନଶୈଳୀ ଉପରେ ମଧ୍ୟ ଧ୍ୟାନ ଦେଉଛି । ଘରୋଇ ବଜେଟରେ ଡିଜିଟାଲ୍ ସେବାର ବଢୁଥିବା ଗୁରୁତ୍ୱ ମଧ୍ୟ ଉଲ୍ଲେଖନୀୟ ଅଟେ। ଏହା ଅଧିକ ଇଣ୍ଟରନେଟ୍ ଅନୁପ୍ରବେଶ ଏବଂ ସ୍ମାର୍ଟଫୋନ୍ ବ୍ୟବହାର ଦ୍ୱାରା ଜଣା ପଡୁଛି। ଏପରି ଡିଜିଟାଲ୍ ପ୍ଲାଟଫର୍ମ ସେବା ଉପରେ ଇଚ୍ଛାଧୀନ ଖର୍ଚ୍ଚକୁ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି। ବ୍ୟବହାରର ଭୌଗୋଳିକ ଆବଣ୍ଟନ ଏବଂ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବଜାର ବିକାଶ ରାଜ୍ୟର ଆୟର ବିଭିନ୍ନ ସ୍ତରକୁ ପ୍ରତିଫଳିତ କରିଥାଏ, ଯାହା ଲକ୍ଷ୍ୟ ରଖାଯାଇଥିବା ସେବା ବିସ୍ତାର ପାଇଁ ସୁଯୋଗ ପ୍ରଦାନ କରୁଛି।

ସେବା ବ୍ୟବହାରରେ ଏହି ପରିବର୍ତ୍ତନ ବଜାରରେ ଆଧୁନିକତା ବୃଦ୍ଧି ହେଉଥିବାର ସଙ୍କେତ ଦେଇଥାଏ ଏବଂ ବିଭିନ୍ନ ବ୍ୟବସାୟର ଅଭିବୃଦ୍ଧି ପାଇଁ ନୂତନ ଦିଗଦର୍ଶନ ପ୍ରଦାନ କରେ। ଏହା ମଧ୍ୟ ପରିବର୍ତ୍ତନଶୀଳ ଜୀବନଶୈଳୀ ଏବଂ ଆକାଂକ୍ଷାକୁ ସୂଚାଇଥାଏ ଯାହା ଉନ୍ନତ ତଥା ବିବିଧ ସେବା ପ୍ରଦାନ ପାଇଁ ଚାହିଦା ସୃଷ୍ଟି କରେ।

## ଆର୍ଥିକ କ୍ଷେତ୍ର

ଓଡ଼ିଶାର ଆର୍ଥିକ କ୍ଷେତ୍ର ଉଭୟ ଅନ୍ତର୍ଭୂକ୍ତି ବୃଦ୍ଧି ଏବଂ ସେବାର ଗୁଣବତ୍ତାରେ ଉନ୍ନତି ଆଣିବାରେ ଅଗ୍ରଗତି ପ୍ରଦର୍ଶନ କରିଛି। ଜାତୀୟ ଡିଜିଟାଲ ସଂସ୍କାର ଲାଗୁ ହେବା ପୂର୍ବରୁ ବଞ୍ଚିତ ଜନସଂଖ୍ୟା ପାଇଁ ଆନୁଷ୍ଠାନିକ ଆର୍ଥିକ ପ୍ରତିଷ୍ଠାନ ଏବଂ ଆର୍ଥିକ ସେବା ପାଇବା ସହଜ ହୋଇଛି। ବିଶେଷ କରି ଗ୍ରାମାଞ୍ଚଳରେ, ଫିନଟେକ ଏବଂ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାଗୁଡ଼ିକର ଅଭିବୃଦ୍ଧି ଦ୍ୱାରା ବ୍ୟାଙ୍କିଙ୍ଗ ଭିତ୍ତିଭୂମିର ସମ୍ପ୍ରସାରଣ ବୃଦ୍ଧି କରିବାରେ ସାହାଯ୍ୟ କରିଛି। ୨୦୨୨-୨୩ରେ ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ପ୍ରାୟ ୯୫ ପ୍ରତିଶତ ଲୋକଙ୍କର ବ୍ୟାଙ୍କ କିମ୍ବା ଆର୍ଥିକ ପ୍ରତିଷ୍ଠାନରେ ଆକାଉଣ୍ଟ ଖୋଲାଯାଇ ଥିଲା, ଯାହା ବ୍ୟାପକ ଆର୍ଥିକ ଅନ୍ତର୍ଭୁକ୍ତିକରଣରେ ସହାୟକ ହୋଇଛି।

କୃଷି, ଏମଏସଏମଇ, ମହିଳା, ସଂଖ୍ୟାଲଘୁ ଏବଂ ଦୁର୍ବଳ ବର୍ଗଙ୍କୁ ସମର୍ଥନ କରିବାପାଇଁ ପ୍ରାଥମିକ କ୍ଷେତ୍ରରେ ଋଣ ପ୍ରଦାନ ବାବଦରେ ରାଜ୍ୟ କ୍ରମାଗତ ଭାବେ ଜାତୀୟ ମାନଦଣ୍ଡକୁ ଅତିକ୍ରମ କରିଛି। କ୍ରେଡିଟ-ଡିପୋଜିଟ୍ ଅନୁପାତ ମଧ୍ୟ ଉନ୍ନତ ରହିଛି, ଯାହା ପ୍ରଭାବଶାଳୀ ଋଣ ଉପଯୋଗକୁ ପ୍ରତିଫଳିତ କରୁଛି। ୨୦୨୪-୨୫ରେ ଓଡ଼ିଶାରେ ମୋଟ ବ୍ୟାଙ୍କ ଜମା ୧୨.୨ ପ୍ରତିଶତ ବୃଦ୍ଧି ପାଇ ୫.୯୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ଏବଂ ଅଗ୍ରୀମ ୧୦.୭ ପ୍ରତିଶତ ବୃଦ୍ଧି ପାଇ ୪.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏମଏସଏମଇ କ୍ଷେତ୍ରର ଋଣ ମଧ୍ୟ ୮.୨ ପ୍ରତିଶତ ବୃଦ୍ଧି ପାଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଅର୍ଥନୈତିକ ବିକାଶରେ ନେତୃତ୍ୱ ନେଉଛନ୍ତି କିନ୍ତୁ ବେସରକାରୀ ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡିକର ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି, ଯାହା ଏକ ପ୍ରତିଯୋଗିତାମୂଳକ ଏବଂ ବିବିଧତା ଥିବା ବଜାରକୁ ସୂଚାଉ ଅଛି ତଥା ଋଣ ଉପଲବ୍ଧିକୁ ପ୍ରୋତ୍ସାହିତ କରୁଛି।

ବର୍ତ୍ତମାନ ସମବାୟ ଅନୁଷ୍ଠାନ ଏବଂ ଡାକ ସେବା ଗ୍ରାମୀଣ ଅର୍ଥ ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ ହୋଇଯାଇଛି, କୃଷି ଉପରେ ନିର୍ଭରଶୀଳ ଏବଂ ସ୍ୱଳ୍ପ ଆୟକାରୀ ପରିବାରକୁ ଉପଲବ୍ଧ ସଞ୍ଚୟ ଏବଂ ଋଣ ଉତ୍ପାଦ ମାଧ୍ୟମରେ ଏହା ସହଯୋଗ କରିଥାଏ । ସମବାୟ ସମିତିଗୁଡ଼ିକ ସ୍ୱଳ୍ପକାଳୀନ ଫସଲ ଋଣର ପ୍ରାୟ ୫୭ ପ୍ରତିଶତ ପ୍ରଦାନ କରିଥାନ୍ତି ଓ ରାଜ୍ୟ ସରକାର ସୁଧ ରିହାତି ଯୋଜନା ମାଧ୍ୟମରେ ଫସଲ ଋଣ ସୁଲଭତାକୁ ସହଯୋଗ କରନ୍ତି। ଫଳତଃ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଳିତ ଦାୟିତ୍ୱବୋଧ ଗୋଷ୍ଠୀକୁ ଋଣ ପ୍ରଦାନ, କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, ଭାଗଚାଷୀ ଏବଂ ଭୂମିହୀନ ପରିବାର ପାଇଁ ଆର୍ଥିକ ପ୍ରଗତିକୁ ସୁଗମ କରିଥାଏ ।

ଡିଜିଟାଲ୍ ଉପକରଣର ଗ୍ରହଣୀୟତା ଯୋଗୁଁ ଦୃଢ ଉତ୍ପାଦକ କ୍ଷମତା ଏବଂ ବିଭିନ୍ନ ସେବା ପାଇବାରେ ସୁଯୋଗ ବୃଦ୍ଧି ହେଉଛି, ଯାହା ବୈଷୟିକ ପ୍ରଗତି ଏବଂ ଆର୍ଥିକ କ୍ଷେତ୍ରର ଅଭିବୃଦ୍ଧି ମଧ୍ୟରେ ଏକ ସମନ୍ୱୟର ସଙ୍କେତ ଦେଉଛି। ଏହା ଓଡିଶାର ଅର୍ଥନୈତିକ ଆଧୁନିକୀକରଣକୁ ଆହୁରି ଅଗ୍ରଗାମୀ କରାଇପାରିବ।

## ଟେକ୍-ସମର୍ଥିତ ସେବା

ଆଇସିଟି ଏବଂ ଆନୁଷଙ୍ଗିକ ସେବାରେ ଓଡ଼ିଶାର ଅଗ୍ରଗତି ସୂଚାଉ ଅଛି ଯେ ଜ୍ଞାନ ଆଧାରିତ ଅର୍ଥନୀତିରେ ରାଜ୍ୟର ଯଥେଷ୍ଟ ଅଗ୍ରଗତି ହୋଇସାରିଛି। ସଫ୍ଟୱେର, ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର କ୍ଷେତ୍ରରେ ରପ୍ତାନି ଏବଂ ନିଯୁକ୍ତି ବୃଦ୍ଧି, ଉନ୍ନତ ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ଓଡିଶାର କ୍ଷମତାକୁ ପ୍ରଦର୍ଶନ କରୁଛି। ସଫ୍ଟୱେର, ଇଲେକ୍ଟ୍ରୋନିକ୍ସ ଏବଂ ସେମିକଣ୍ଡକ୍ଟର ରପ୍ତାନି ୨୦୧୯-୨୦ର ୪,୫୦୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ରେ ପ୍ରାୟ ୧୨,୯୦୦ କୋଟି ଟଙ୍କାରେ ପହଞ୍ଚିଛି।

ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା, ଭିତ୍ତିଭୂମିରେ ଉନ୍ନତି ଆଣିବା ଏବଂ ଦକ୍ଷତା ବିକାଶକୁ ବିସ୍ତାରିତ କରି ଏହି ଅଭିବୃଦ୍ଧିକୁ ବଜାୟି ରଖିବା ଉପରେ ରାଜ୍ୟର ନୀତିଗତ ସମର୍ଥନ ରହିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଡାଟା ସେଣ୍ଟର (ଏସଟିପିଆଇ), ଇନକ୍ୟୁବେସନ ସୁବିଧା ଏବଂ ଡିଜିଟାଲ୍ ସାକ୍ଷରତା ପଦକ୍ଷେପଗୁଡ଼ିକର ମିଶ୍ରଣ ଏକ ବ୍ୟାପକ ଡିଜିଟାଲ୍ ଇକୋସିଷ୍ଟମର ମୂଳଦୁଆ ପ୍ରତିଷ୍ଠା କରୁଛି । ଟିୟର–୨ ଓ ଟିୟର–୩ ଶ୍ରେଣୀ ସହରମାନଙ୍କ ଦିଗରେ ବିକାଶ ଆଞ୍ଚଳିକ ସନ୍ତୁଳନକୁ ସୁଦୃଢ଼ କରିଥାଏ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ବିଶାଳ ସୁଯୋଗ ସୃଷ୍ଟି କରେ।

## ବିଶ୍ୱସ୍ତରୀୟ ସାମର୍ଥ୍ୟ କେନ୍ଦ୍ର

ବିଶ୍ୱସ୍ତରୀୟ ସାମର୍ଥ୍ୟ କେନ୍ଦ୍ର (ଗ୍ଲୋବାଲ୍ କାପାବିଲିଟି ସେଣ୍ଟର) ଗୁଡ଼ିକ ଦ୍ୱାରା ଆଇଟି, ବ୍ୟବସାୟ ପରିଚାଳନା ଓ ଅନୁସନ୍ଧାନ ତଥା ବିକାଶ ଭଳି ବିଶେଷ ସେବା ଯୋଗାଇ ଥାଆନ୍ତି। ଭିତ୍ତିଭୂମି ବିନିଯୋଗ, ପ୍ରତିଭା ବିକାଶ ଏବଂ ଅନୁକୂଳ ନୀତି ଦ୍ୱାରା ସମର୍ଥିତ ଓଡ଼ିଶା ନିଜକୁ ମଧ୍ୟ ଏକ ଜିସିସି ଗନ୍ତବ୍ୟସ୍ଥଳ ଭାବରେ ସ୍ଥାନିତ କରିବାକୁ ଚେଷ୍ଟା କରୁଛି। ସିଙ୍ଗାପୁରର ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ୍ ଟେକ୍ନୋଲୋଜି ନେଟୱାର୍କ (ଜିଏଫ୍ ଟିଏନ୍) ସହିତ ଭାରତନେତ୍ର ପଦକ୍ଷେପ ଭଳି ସହଭାଗୀତା ଓଡ଼ିଶାର ଫିନଟେକ୍ ଇକୋସିଷ୍ଟମକୁ ବୃଦ୍ଧି କରିବା ସହ ଉନ୍ନତ ପ୍ରତିଭା ବିକାଶ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରୁଛି।

ଜିସିସି ମାଧ୍ୟମରେ ୨୦୩୦ ସୁଦ୍ଧା ୧,୦୦୦ କୋଟିରୁ ଅଧିକ ପୁଞ୍ଜି ବିନିଯୋଗକୁ ଆକୃଷ୍ଟ କରିବା ଏବଂ ୫୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଓଡିଶା ଯୋଜନା କରିଛି। ସୁଲଭତା, ଏକ ବିସ୍ତାରିତ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍ ଏବଂ ସହାୟକ ନୀତି ସହିତ ମିଶି ସହରକୁ ଜିସିସି ପାଇଁ ଭୁବନେଶ୍ୱର ନିଜକୁ ଏକ ଆକର୍ଷଣୀୟ ଏବଂ ନମନୀୟ ହବ୍ ଭାବରେ ଗଢ଼ି ତୋଳିଛି, ଯାହା ପ୍ରଥମ ସ୍ତରୀୟ (ଟିୟର -୧) ସହର ଭଳି ଭାରତର ସେବା ରପ୍ତାନି ଆଧାରକୁ ବହୁମୁଖୀ କରୁଛି।

## ପର୍ଯ୍ୟଟନ କ୍ଷେତ୍ର

ଓଡ଼ିଶାରେ ପର୍ଯ୍ୟଟନ ହେଉଛି ଏକ ବହୁମୁଖୀ ଅର୍ଥନୈତିକ କାରକ, ଯାହା ରାଜ୍ୟର ଜିଡିପିରେ ପ୍ରାୟ ୧୩ ପ୍ରତିଶତ ଯୋଗଦାନ ଦେଇଥାଏ ଏବଂ ବିଭିନ୍ନ ଆନ୍ତଃସଂଯୁକ୍ତ କ୍ଷେତ୍ରରେ ନିଯୁକ୍ତି ମଧ୍ଯ ସୃଷ୍ଟି ହୋଇଥାଏ। ବିଭିନ୍ନ ଧାର୍ମିକ, ଐତିହ୍ୟ, ସାଂସ୍କୃତିକ ଏବଂ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଓଡିଶା ୨୦୨୪-୨୫ରେ ୧୧୩.୮ ଲକ୍ଷରୁ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୪ ପ୍ରତିଶତ ଅଧିକ। ବାହାର ରାଜ୍ୟ ଯଥା ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶ ଅଞ୍ଚଳରୁ ବହୁ ସଂଖ୍ୟାରେ ଆସୁଥିବା ଘରୋଇ ପର୍ଯ୍ୟଟକଙ୍କ ସଂଖ୍ୟା ଏହି ଆଗମନରେ ମୁଖ୍ୟ ଅଂଶ ଅଟେ। ଆନ୍ତର୍ଜାତୀୟ ପର୍ଯ୍ୟଟକମାନେ ପ୍ରାୟତଃ ଆମେରିକା, ଜର୍ମାନୀ ଏବଂ ବ୍ରିଟେନ ଭଳି ଦେଶରୁ ଆସୁଥିବା ଦେଖାଯାଉଛି। ଓଡ଼ିଶା ସବୁ ବୟସର ଏବଂ ରୁଚିର ପର୍ଯ୍ୟଟକଙ୍କ ପାଇଁ ବିବିଧ ପର୍ଯ୍ୟଟନ ବିକଳ୍ପ ପ୍ରଦାନ କରୁଛି। ପର୍ଯ୍ୟଟନ ଖର୍ଚ୍ଚର ମୁଖ୍ୟ ଅଂଶ କେବଳ ରହଣି ଏବଂ ସାଂସ୍କୃତିକ ଅଭିଜ୍ଞତା ପାଇଁ ବ୍ୟୟ ହୋଇଥାଏ । ଯୁବକମାନେ ମୁଖ୍ୟତଃ ଦୁଃସାହସିକ ଏବଂ ରାତ୍ରୀ କାଳୀନ (ନାଇଟ୍ ଲାଇଫ୍) ଆମୋଦ ପ୍ରମୋଦ ଉପରେ ଅଧିକ ଖର୍ଚ୍ଚ କରନ୍ତି, ଯେତେବେଳେକି ବୟସ୍କ ପର୍ଯ୍ୟଟକମାନେ ସ୍ୱାସ୍ଥ୍ୟ ସମ୍ପର୍କିତ ଏବଂ ଐତିହ ପର୍ଯ୍ୟଟନ ସ୍ଥଳକୁ ପ୍ରାୟତଃ ପସନ୍ଦ କରିଥାଆନ୍ତି। ବଜେଟ୍ ଅନୁକୂଳ ବିକଳ୍ପ ସହିତ ଉଚ୍ଚମାନର ବିଳାସପୂର୍ଣ୍ଣ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରି ଓଡ଼ିଶାର ପର୍ଯ୍ୟଟନ ନୀତି ନାନାବିଧ ଆବଶ୍ୟକତା ପୂରଣ କରୁଛି ।

ଗୋଟିଏ ଆନ୍ତର୍ଜାତୀୟ ଏବଂ ଦୁଇଟି ଘରୋଇ ବିମାନବନ୍ଦର, ବ୍ୟାପକ ସଡ଼କ ଓ ରେଳ ସଂଯୋଗ ତଥା ବିଳାସପୂର୍ଣ୍ଣ ଓ ମଧ୍ୟମ ବର୍ଗର ହୋଟେଲ କ୍ଷମତା ବୃଦ୍ଧି ସହିତ ବ୍ୟାପକ ଭିତ୍ତିଭୂମି ଦ୍ୱାରା ଏହି କ୍ଷେତ୍ରକୁ ଓଡିଶା ସମୃଦ୍ଧ କରିଛି। ପର୍ଯ୍ୟଟନ କ୍ଷେତ୍ରରେ ବିବିଧତା ଆଣିବା ପାଇଁ ଓଡିଶାର ବିଭିନ୍ନ ଉଦ୍ୟମ ମଧ୍ୟରେ ଇକୋ-ରିଟ୍ରିଟ୍, 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ, ଓଡ଼ିଆ ରୋଷେଇକୁ ପ୍ରୋତ୍ସାହିତ କରିବା, ନଦୀ କୂଳ ସ୍ଥାନମାନଙ୍କରେ ବିକାଶ ଏବଂ ଏମଆଇସିଇ (ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ, ପ୍ରଦର୍ଶନୀ) ଇତ୍ୟାଦି ଉଲ୍ଲେଖଯୋଗ୍ୟ। ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପ ଭଳି ନୂତନ ସହରୀ ପର୍ଯ୍ୟଟନ ପଦକ୍ଷେପ ସ୍ଥାୟୀ ସହରୀ ଏବଂ ସାଂସ୍କୃତିକ ବିକାଶ ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ହୋମ ଷ୍ଟେ ଏବଂ ସାଂସ୍କୃତିକ ଅଭିଜ୍ଞତା ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟକୁ ଏକତ୍ରିତ କରି, ପର୍ଯ୍ୟଟନ ଜନସଂଖ୍ୟାର ଏକ ବ୍ୟାପକ ଆଧାରକୁ ଉପକୃତ କରିବା, ଅନ୍ତର୍ଭୁକ୍ତ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ ଓଡିଶା ଭାରତର ଏକ ଅଗ୍ରଣୀ ସାଂସ୍କୃତିକ ଏବଂ ପରିବେଶ ପର୍ଯ୍ୟଟନ ସ୍ଥଳ ଭାବରେ ସ୍ଥାନିତ ହେବା ଆମ ରାଜ୍ୟର ଲକ୍ଷ୍ୟ।

## କୃତ୍ରିମ ବୁଦ୍ଧିମତା

କୃତ୍ରିମ ବୁଦ୍ଧିମତା ବା ଏଆଇ ବର୍ତ୍ତମାନ ବିଶ୍ୱସ୍ତରରେ ଅର୍ଥନୀତି ଏବଂ ସମାଜରେ ଦ୍ରୁତ ପରିବର୍ତ୍ତନ ଆଣୁଛି। ଓଡ଼ିଶାକୁ ଜାତୀୟ ସ୍ତରରେ ଏକ ଅଗ୍ରଣୀ ଏଆଇ ହବ୍ ଭାବରେ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ୨୦୨୫ରେ ଏକ ଏଆଇ ନୀତି ଆରମ୍ଭ କରିଥିଲା। ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ବର୍ତ୍ତମାନର କାର୍ଯ୍ୟାନ୍ୱୟନ ପଦ୍ଧତି ଆପଣାଇଛନ୍ତି। ଏଥିରେ ବ୍ୟବସ୍ଥା ଓ ସାମର୍ଥ୍ୟ ପ୍ରସ୍ତୁତି, ପ୍ରଭାବୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପଦକ୍ଷେପର କାର୍ଯ୍ୟକାରିତା ଏବଂ ଦୀର୍ଘମିଆଦି ପରିଣାମ ସୁନିଶ୍ଚିତ କରିବା ପାଇଁ ନିରନ୍ତର ନିରୀକ୍ଷଣ ଆବଶ୍ୟକ ।

ଓଡ଼ିଶାର ଏଆଇ କୌଶଳ ମୁଖ୍ୟତଃ '୪ସି'(4c) ମୂଳ ଢାଞ୍ଚା ଉପରେ ଆଧାରିତ, ଯେଉଁଥିରେ ସଂଯୋଗୀକରଣ (Connectivity), ହିସାବ ନିକାଶ (Compute),ପରିପ୍ରେକ୍ଷୀ (Context) ଏବଂ ଦକ୍ଷତା (Competency) ଅନ୍ତର୍ଭୁକ୍ତ। ସଂଯୋଗୀକରଣ ଅଧୀନରେ ଡିଜିଟାଲ ଭିତ୍ତିଭୂମିର ସୁଦୃଢ଼ିକରଣ ଓ ଇଣ୍ଟରନେଟ୍ ପ୍ରସାରକୁ ଗୁରୁତ୍ୱ ଦିଆଯାଇଛି।

୨୦୨୯ ସୁଦ୍ଧା ୯୦ ପ୍ରତିଶତ ଇଣ୍ଟରନେଟ୍ ପ୍ରବେଶ ସୁବିଧା ଏବଂ ୨୦୩୬ ସୁଦ୍ଧା ୧୩୦ ପ୍ରତିଶତ ପ୍ରବେଶ ସୁବିଧା ଲକ୍ଷ୍ୟ ହାସଲ କରିବା ପାଇଁ ସ୍ଥିର କରାଯାଇଛି। ଓଡିଶା ବର୍ତ୍ତମାନ ୫ ମେଗାୱାଟ ଏଆଇ କମ୍ପ୍ୟୁଟେସନାଲ ଶକ୍ତି ପରିଚାଳନା କରୁଛି, ଏବଂ ୨୦୩୬ ସୁଦ୍ଧା ଏହାକୁ ୪୫ ମେଗାୱାଟକୁ ବୃଦ୍ଧି କରିବାର ଯୋଜନା ରଖିଛି। ଏହି ପ୍ରୟାସ ପାଇଁ ଓଡ଼ିଆ ଏବଂ ଆଦିବାସୀ ଭାଷାରେ ଡାଟାସେଣ୍ଟର ବିକାଶ ଏବଂ ଏଆଇ ଇନୋଭେସନ ସେଣ୍ଟର ପ୍ରତିଷ୍ଠା ଜରୁରୀ ଅଟେ। ସାତଟି କୃତ୍ରିମ ବୁଦ୍ଧିମତା ନବୀନତା କେନ୍ଦ୍ର କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଶାସନ ଭଳି କ୍ଷେତ୍ରରେ ପ୍ରକଳ୍ପଗୁଡିକୁ ଅଗ୍ରଣୀ ଭାବେ ନେତୃତ୍ୱ କରିବ । ସରକାରୀ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସହିତ ବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାରେ ଏଆଇ ପାଠ୍ୟକ୍ରମର ପ୍ରଚଳନକୁ ପ୍ରୋତ୍ସାହିତ କରି ବୟସ ବର୍ଗ ଅନୁଯାୟୀ ଡିଜିଟାଲ ଦକ୍ଷତା ବିକାଶକୁ ପ୍ରାଥମିକତା ଦିଆଯାଇଛି। ଏଆଇ କାର୍ଯ୍ୟକଳାପର ପରିଚାଳନା ଏକ ଉଚ୍ଚସ୍ତରୀୟ ଟାସ୍କଫୋର୍ସ ଦ୍ୱାରା ପରିଚାଳିତ ହୁଏ, ଯାହା ଡାଟା ଗୋପନୀୟତା ଆଇନ ସହିତ ସମନ୍ୱିତ ନୈତିକ, ସ୍ୱଚ୍ଛ ଏବଂ ଦାୟିତ୍ୱବାନ ଏଆଇ ନିୟୋଜନକୁ ସୂଚାଉଅଛି।

ମୋଟାମୋଟି ଭାବେ, ଓଡ଼ିଶାର ସଂରଚନା ଏବଂ ଅନ୍ତର୍ଭୁକ୍ତ ଏଆଇ ନୀତିର ଉଦ୍ଦେଶ୍ୟ ହେଉଛି ରାଜ୍ୟକୁ ଏକ ଜାତୀୟ ଏଆଇ ହବ୍ ଭାବରେ ସ୍ଥାନିତ କରିବା, ନୂତନତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ସାଧାରଣ ଜୀବନଶୈଳୀରେ ଉନ୍ନତି ଆଣିବା।

# ଭିତ୍ତିଭୂମି ବିକାଶକୁ ସାମର୍ଥ୍ୟ ପ୍ରଦାନ

## ସମୀକ୍ଷା



ଭିତ୍ତିଭୂମି କ୍ଷେତ୍ରର ଉନ୍ନତି ଲାଗି ରାଜ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ୨୦୨୧-୨୨ରେ ୨୨.୭ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗକୁ ବୃଦ୍ଧି କରି ୨୦୨୫-୨୬ରେ ୬୫.୦୧ ହଜାର କୋଟି ଟଙ୍କା (ବଜେଟ ଆକଳନ) ରେ ପହଞ୍ଚିଛି। ଏହା ବାର୍ଷିକ ୩୦ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିଛି। ପୁଞ୍ଜି ବିନିଯୋଗର ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସଡିପି) ଅନୁପାତ ଏହି ଅବଧିରେ ୩.୩ ପ୍ରତିଶତରୁ ୬.୬ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ଭିତ୍ତିଭୂମି ବିକାଶ ଉପରେ ଅଧିକ ଗୁରୁତ୍ୱାରୋପର ସଙ୍କେତ ଦେଇଥାଏ।

## ସଡ଼କ ଭିତ୍ତିଭୂମି



ଯାତାୟାତ ଖର୍ଚ୍ଚ କମାଇବା ଏବଂ ଆଞ୍ଚଳିକ ସଂଯୋଗକୁ ମଜବୁତ କରିବା ପାଇଁ ଓଡ଼ିଶାରେ ସଡ଼କ ଭିତ୍ତିଭୂମିକୁ ପ୍ରାଧିକାର ଦିଆଯାଉଛି। ରାଜ୍ୟରେ ସଡ଼କ ଭିତ୍ତିଭୂମିର ଉନ୍ନତି ପାଇଁ ଓଡ଼ିଶା ରାଜ୍ୟ ରାଜପଥ ପ୍ରାଧିକରଣ (ଓଶା) ପ୍ରତିଷ୍ଠା କରିଛି ଏବଂ ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ ଆଣିଛି। ସଡ଼କ ଓ ସେତୁ ଉପରେ ବ୍ୟୟ ଦ୍ୱିଗୁଣିତ ହୋଇ ୨୦୨୧-୨୨ରେ ୮,୬୭୧ କୋଟି ଟଙ୍କାରୁ ୨୦୨୫-୨୬ରେ ୨୦,୨୨୮ କୋଟି ଟଙ୍କାରେ ପହଞ୍ଚିଛି, ଯାହା ବାର୍ଷିକ ୨୪ ପ୍ରତିଶତ ଚକ୍ରବର୍ଦ୍ଧୀ ହାରରେ ବୃଦ୍ଧି ପାଇଛି । ରାଜ୍ୟ ସରକାର ରାଜ୍ୟ ରାଜପଥଗୁଡ଼ିକୁ ଚାରି ଲେନ୍ ଏବଂ ମୁଖ୍ୟ ଜିଲ୍ଲା ସଡ଼କ ଓ ଅନ୍ୟ ଜିଲ୍ଲା ସଡ଼କଗୁଡ଼ିକୁ ଦୁଇ ଲେନ୍ ମାନଦଣ୍ଡରେ ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନେଇଛି।

ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଦ୍ରୁତଗାମୀ କରିଡର ମାଧ୍ୟମରେ ସଂଯୋଗ କରି ଅର୍ଥନୈତିକ କେନ୍ଦ୍ର ବିକାଶ ପାଇଁ ରାଜ୍ୟ ଏକ୍ସପ୍ରେସୱେ ନିର୍ମାଣ କରୁଛି। ରାଜ୍ୟ ୬୩୮ କିଲୋମିଟରର ଉତ୍ତର-ଦକ୍ଷିଣ ଏକ୍ସପ୍ରେସୱେ ନିର୍ମାଣ କରୁଛି ଯାହା ପଶ୍ଚିମ ଓଡ଼ିଶା ଏବଂ କେବିକେ ଜିଲ୍ଲାଗୁଡ଼ିକ ଦେଇ ଜଗଦଲପୁରକୁ ରାଉରକେଲା ସହିତ ସଂଯୋଗ କରିବ। ଏହା ବ୍ୟତୀତ, ମାଲକାନଗିରି ଜିଲ୍ଲାର ମୋଟୁରୁ ମୟୂରଭଞ୍ଜ ଜିଲ୍ଲାର ତିରିଙ୍ଗକୁ ସଂଯୋଗ କରିବ । ଅଟଳ ଏକ୍ସପ୍ରେସୱେ ଏବଂ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରୁ ବରଗଡ଼ ଜିଲ୍ଲାର ଅମ୍ବାଭୋନାକୁ ସଂଯୋଗ କରିବା ପାଇଁ ନମୋ ଏକ୍ସପ୍ରେସୱେ ଯୋଜନା ରହିଛି।

## ରେଳ ଯୋଗାଯୋଗ



ଓଡ଼ିଶାରେ ରେଳ ସଂଯୋଗିକରଣ ଗତ କିଛି ବର୍ଷରେ ଯଥେଷ୍ଟ ଉନ୍ନତି ହୋଇଛି। ରାଜ୍ୟରେ ରେଳ ଭିତ୍ତିଭୂମିକୁ ଯଥେଷ୍ଟ ଶକ୍ତିଶାଳୀ କରିବା ପାଇଁ ୯୦,୦୦୦ କୋଟିରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଓଡ଼ିଶାରେ ବର୍ତ୍ତମାନ ଛଅଟି ବନ୍ଦେ ଭାରତ ଟ୍ରେନ୍ ଚାଲୁ ଅଛି, ଯାହା ଉନ୍ନତ ସଂଯୋଗ ଏବଂ ଯାତ୍ରୀ ଚଳାଚଳରେ ସହାୟକ ହୋଇଛି।

ଓଡ଼ିଶା ୨୦୨୪-୨୫ରେ ରେଳ ନେଟୱାର୍କରେ ପ୍ରାୟ ୨୦୦ କିମି ଯୋଗ କରି ମୋଟ ରେଳ ଲମ୍ବ ୨୦୨୧-୨୪ର ୨,୮୫୯ କିମିରୁ ୨୦୨୪-୨୫ରେ ୩,୨୪୩ କିମିରେ ପହଞ୍ଚାଇଛି। ରେଳ ବିଦ୍ୟୁତିକରଣ ପ୍ରାୟ ୧୦୦ ପ୍ରତିଶତ ଟ୍ରାକ୍ କଭର କରିଛି, ଯାହା ଦ୍ରୁତ ଏବଂ ସ୍ୱଚ୍ଛ ରେଳ ସେବା ଯୋଗାଇବାରେ ସକ୍ଷମ ହୋଇଛି।

୨୦୨୧-୨୨ ଏବଂ ୨୦୨୪-୨୫ ମଧ୍ୟରେ ଉଭୟ ମାଲ ପରିବହନ ଓ ଯାତ୍ରୀ ସେବାରେ ଓଡ଼ିଶା ଅବିରତ ବୃଦ୍ଧି ହାସଲ କରିଛି ଯାହାକି ରେଳ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଛି । ଏହି ଅବଧି ମଧ୍ୟରେ ଯାତ୍ରୀ ସଂଖ୍ୟା ୩୪୪ ଲକ୍ଷରୁ ୯୩୫ ଲକ୍ଷରେ ପହଞ୍ଚିଛି ଏବଂ ଏହାର ବାର୍ଷିକ ଚକ୍ରବର୍ଦ୍ଧି ବୃଦ୍ଧି ହାର ୩୯.୫ । ଯାତ୍ରୀ ପରିବହନରେ ୨୬.୮ ପ୍ରତିଶତ ଏବଂ ମାଲ ପରିବହନରେ ୫ ପ୍ରତିଶତ ଚକ୍ରବର୍ଦ୍ଧି ହାରରେ ରାଜସ୍ୱ ବୃଦ୍ଧି ପାଇଛି ।

## ବିମାନ ସଂଯୋଗ



ଓଡ଼ିଶାରେ ନୂତନ ବିମାନ ବନ୍ଦର, ବିମାନ ସେବା ଏବଂ ବର୍ଦ୍ଧିତ ପୁଞ୍ଜି ବିନିଯୋଗ ସହିତ ବିମାନ ଚଳାଚଳ କ୍ଷେତ୍ର ଯଥେଷ୍ଟ ବିସ୍ତାର ହୋଇଛି। ୨୦୨୫ରେ ରାଜ୍ୟ ସମଗ୍ର ବିମାନ ଚଳାଚଳ ଇକୋସିଷ୍ଟମର ଉନ୍ନତି ପାଇଁ ପାଞ୍ଚ ବର୍ଷ (୨୦୨୫-୩୦) ପାଇଁ ୪୧୮୨ କୋଟି ଟଙ୍କାର ବ୍ୟବସ୍ଥା ସହିତ B-MAAN (ବିଲ୍ଡିଂ ଆଣ୍ଡ ମ୍ୟାନେଜମେଣ୍ଟ ଅଫ୍ ଏଭିଏସନ ଆସେଟ୍ସ ଆଣ୍ଡ ନେଟୱାର୍କ) ଆରମ୍ଭ କରିଛି। କାର୍ଯ୍ୟକ୍ଷମ ବିମାନ ବନ୍ଦର ସଂଖ୍ୟା ପାଞ୍ଚଟିକୁ ବୃଦ୍ଧି ପାଇଛି - ଗୋଟିଏ ଆନ୍ତର୍ଜାତୀୟ ଏବଂ ଚାରିଟି ଘରୋଇ।

ପ୍ରତ୍ୟକ୍ଷ ବିମାନ ସେବା ଦ୍ୱାରା ୨୦୨୪-୨୫ରେ ୩୦ଟି ଭାରତୀୟ ସହରକୁ ସଂଯୋଗ ବୃଦ୍ଧି ପାଇଛି। ରାଜ୍ୟରୁ ଘରୋଇ ବିମାନ ସଂଖ୍ୟା ୨୦୨୧-୨୨ର ୧୯.୪ ହଜାରରୁ ୨୦୨୪-୨୫ରେ ୩୫.୬ ହଜାରକୁ ବୃଦ୍ଧି ପାଇଛି। ୨୦୨୪-୨୫ରେ ୧,୨୦୦ରୁ ଅଧିକ ବିମାନ ଯୋଗ ହୋଇଛି। ୨୦୨୧-୨୨ରୁ ୨୦୨୪-୨୫ ମଧ୍ୟରେ ଯାତ୍ରୀ ପରିବହନର ଟ୍ରାଫିକ ୩୧ ପ୍ରତିଶତ ହାରରେ ବାର୍ଷିକ ବୃଦ୍ଧି ହୋଇଛି। ପୂର୍ବରୁ କୌଣସି ଆନ୍ତର୍ଜାତୀୟ ସଂଯୋଗ ନ ଥିବାବେଳେ ବର୍ତ୍ତମାନ ଚାରୋଟି ଆନ୍ତର୍ଜାତୀୟ ଗନ୍ତବ୍ୟସ୍ଥଳକୁ ପ୍ରତ୍ୟକ୍ଷ ବିମାନସେବା ସମ୍ଭବ ହୋଇଛି।

୨୦୨୪-୨୫ରେ ବିଗତ ବର୍ଷ ଅପେକ୍ଷା ୧୦ ପ୍ରତିଶତ ଅଧିକ ବିଦେଶୀ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇଛି । ଯଦିଓ ଭୁବନେଶ୍ୱର ବିମାନବନ୍ଦରରେ ଅଧିକ ଯାତ୍ରୀ ଯାତାୟତ କରିଛନ୍ତି, ଅନ୍ୟ ବିମାନ ବନ୍ଦରରେ ମଧ୍ୟ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇଛି ।

## ବନ୍ଦର



ବାଣିଜ୍ୟ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ଉନ୍ନତ କରିବା ଓ ସାମୁଦ୍ରିକ ଭିତ୍ତିଭୂମିକୁ ଶକ୍ତିଶାଳୀ କରିବା ଲାଗି ଓଡ଼ିଶା ଅନେକ ପଦକ୍ଷେପ ଗ୍ରହଣ କରିଛି। ରାଜ୍ୟରେ ବର୍ତ୍ତମାନ ତିନୋଟି କାର୍ଯ୍ୟକ୍ଷମ ବନ୍ଦର ଅଛି - ଗୋଟିଏ ପ୍ରମୁଖ ବନ୍ଦର (ପାରାଦୀପ) ଏବଂ ଦୁଇଟି ଅଣ-ପ୍ରମୁଖ ବନ୍ଦର (ଧାମରା ଏବଂ ଗୋପାଳପୁର)। ପାରାଦୀପ ବନ୍ଦର ଭାରତର ସର୍ବୋଚ୍ଚ କାର୍ଯ୍ୟକ୍ଷମ ସାମୁଦ୍ରିକ ସମ୍ପତ୍ତି ମଧ୍ୟରୁ ଅନ୍ୟତମ ଯାହା ଦେଶର ମୋଟ କାର୍ଗୋ ପରିଚାଳନାର ପ୍ରାୟ ୧୮ ପ୍ରତିଶତ ଅଟେ । ପାରାଦୀପରେ କାର୍ଗୋ ପରିବହନ କ୍ଷମତା ୨୦୨୩-୨୪ର ୧୪୫.୩୮ ମିଲିୟନ ମେଟ୍ରିକ ଟନରୁ ୩.୫ ପ୍ରତିଶତ ହାରରେ ବୃଦ୍ଧି ପାଇ ୨୦୨୪-୨୫ରେ ୧୫୦.୪୧ ମିଲିୟନ ମେଟ୍ରିକ ଟନରେ ପହଞ୍ଚିଛି।

ଦୁଇ ଅଣ-ପ୍ରମୁଖ ବନ୍ଦର ଧାମରା ଏବଂ ଗୋପାଳପୁରର ମିଳିତ ପରିଚାଳନା କ୍ଷମତା ପ୍ରାୟ ୮୦ ମିଲିୟନ ମେଟ୍ରିକ ଟନ ଯାହା ବେସରକାରୀ କ୍ଷେତ୍ର ଅଂଶଗ୍ରହଣ ଦ୍ୱାରା ସେମାନଙ୍କର କାର୍ଯ୍ୟକ୍ଷମତା ବିସ୍ତାର କରିଛନ୍ତି। ରାଜ୍ୟ ୨୦୪୭ ସୁଦ୍ଧା ମୋଟ ପରିଚାଳନା କ୍ଷମତାକୁ ବାର୍ଷିକ ୫୦୦ ମିଲିୟନ ମେଟ୍ରିକ ଟନକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି। ୨୦୨୪-୨୫ରେ ଧାମରା ବନ୍ଦର ପଣ୍ୟ କାରବାରରେ ୭ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି । ଇତି ମଧ୍ୟରେ ଗୋପାଳପୁର ବନ୍ଦର ମଧ୍ୟ ଉପକୂଳ କାରବାରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ରାଜ୍ୟର ଅଣ ପ୍ରମୁଖ ବନ୍ଦରଗୁଡିକ ଅଣ ଟିକସ ରାଜସ୍ୱ ବୃଦ୍ଧିରେ ସହାୟକ ହୋଇଛନ୍ତି । ୨୦୨୪-୨୫ରେ ଗୋପାଳପୁର ଓ ଧାମରା ବନ୍ଦର ଯଥାକ୍ରମେ ୨୨ କୋଟି ଟଙ୍କା ୧୪୬ କୋଟି ଟଙ୍କା ରାଜ୍ୟ ରାଜସ୍ୱକୁ ପ୍ରଦାନ କରିଛନ୍ତି ।

## ଶକ୍ତି କ୍ଷେତ୍ର



ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ର ଗତ ଦଶନ୍ଧିରେ ଉତ୍ପାଦନ, ସଞ୍ଚାର ଏବଂ ବିତରଣରେ ସଂସ୍କାର ଆଣି ଉତ୍ପାଦନରେ ବୃଦ୍ଧି କରିଛି। ୨୦୨୪-୨୫ରେ ଓଡ଼ିଶା ଅନ୍ୟ ରାଜ୍ୟମାନଙ୍କୁ ୬୦୦ ମେଗାୱାଟରୁ ଅଧିକ ବିଦ୍ୟୁତ୍ ରପ୍ତାନି କରିଛି। ଏଟି ଆଣ୍ଡ ସି କ୍ଷତି ୨୦୨୦-୨୧ର ୨୯.୫ ପ୍ରତିଶତରୁ ୨୦୨୪-୨୫ରେ ୧୬.୫ ପ୍ରତିଶତକୁ ହ୍ରାସ ପାଇଛି। ରାଜ୍ୟର ସ୍ଥାପିତ ବିଦ୍ୟୁତ୍ କ୍ଷମତା ୮,୦୧୮.୩ ମେଗାୱାଟରୁ ୨.୭% ବାର୍ଷିକ ଚକ୍ରବୃଦ୍ଧି ବୃଦ୍ଧି ହାରରେ ବୃଦ୍ଧି ପାଇ ୮,୯୦୬ ମେଗାୱାଟ ହୋଇଛି।

ଏହି ବୃଦ୍ଧି ସମଗ୍ର ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିରେ ନିରନ୍ତର ବିନିଯୋଗକୁ ପ୍ରତିଫଳିତ କରୁଛି। ତାପ ଶକ୍ତି ଉତ୍ସ ୨୦୨୪-୨୫ରେ ସ୍ଥାପିତ କ୍ଷମତାର ୫୬% ଅଂଶ ଦଖଲ କରିଛି। ଜଳବିଦ୍ୟୁତ୍ ସହ ଅକ୍ଷୟ ଶକ୍ତି ଉତ୍ସ ସ୍ଥାପିତ କ୍ଷମତାର ୪୪% ଯୋଗଦାନ କରିଛି। ସୌର, ପବନ ଏବଂ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସମନ୍ୱିତ ନୂତନ ଅକ୍ଷୟ ଶକ୍ତି ଉତ୍ସ ସ୍ଥାପିତ କ୍ଷମତାର ୧୭ ପ୍ରତିଶତ ଅଟେ। ରାଜ୍ୟ ୨୦୪୭ ସୁଦ୍ଧା ମୋଟ ସ୍ଥାପିତ କ୍ଷମତାରେ ନୂତନ ଅକ୍ଷୟ ଶକ୍ତିର ଅଂଶକୁ ୭୦ ପ୍ରତିଶତକୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି।

ରାଜ୍ୟରେ ବିଦ୍ୟୁତ୍ ଖର୍ଚ୍ଚ କ୍ରମାଗତ ଭାବେ ବୃଦ୍ଧି ପାଉଛି। ବିଦ୍ୟୁତ୍ ଖର୍ଚ୍ଚ ୨୦୨୪-୨୫ରେ ୨.୭ ପ୍ରତିଶତ ବୃଦ୍ଧି ପାଇ ୨୯୫୯୪ ମେଗା ୟୁନିଟରେ ପହଞ୍ଚିଛି। ସର୍ବାଧିକ ଉପଭୋକ୍ତା ଭାବରେ ଶିଳ୍ପ କ୍ଷେତ୍ର ମୋଟ ବ୍ୟବହାରର ୩୮.୬ ପ୍ରତିଶତ, ଘରୋଇ ବ୍ୟବହାର ୩୧.୨ ପ୍ରତିଶତ, ବାଣିଜ୍ୟ ଓ ଅନ୍ୟ ସେବା ୨୬.୯ ପ୍ରତିଶତ ଅଂଶ  ଏବଂ କୃଷି କ୍ଷେତ୍ର ସର୍ବନିମ୍ନ ୩.୨ ପ୍ରତିଶତର ଅଂଶୀଦାର।

ଓଡ଼ିଶାରେ ମୁଣ୍ଡପିଛା ବିଦ୍ୟୁତ୍ ଖର୍ଚ୍ଚ ଘଣ୍ଟା ପ୍ରତି ବାର୍ଷିକ ୨,୧୯୧ କିଲୋୱାଟ ଯାହା ୨୦୨୩-୨୪ରେ ସର୍ବଭାରତୀୟ ସ୍ତର ୧୪୦୦ ଠାରୁ ଅଧିକ। ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ରାଜ୍ୟରେ ମୁଣ୍ଡପିଛା ବିଦ୍ୟୁତ୍ ଖର୍ଚ୍ଚ ୯ ପ୍ରତିଶତ ବାର୍ଷିକ ଚକ୍ରବର୍ତ୍ତୀ ହାରରେ ବୃଦ୍ଧି ପାଇଛି ଯାହା ଏହି ଅବଧିରେ ସର୍ବଭାରତୀୟ ୪ ପ୍ରତିଶତ ତୁଳନାରେ ଅଧିକ। ବିଦ୍ୟୁତ୍ ଖର୍ଚ୍ଚର ଏହି ବୃଦ୍ଧି ଶିଳ୍ପ କ୍ଷେତ୍ର ଦ୍ୱାରା ପରିଚାଳିତ।

## ଡିଜିଟାଲ ଭିତ୍ତିଭୂମି ବିକାଶ



ଓଡ଼ିଶା ଡିଜିଟାଲ ଭିତ୍ତିଭୂମକୁ ନିରନ୍ତର ଭାବରେ ଶକ୍ତିଶାଳୀ କରିବାରେ ଲାଗିଛି ଯାହା ତାହାର ଡିଜିଟାଲ ଅର୍ଥନୀତିର ଦ୍ରୁତ ଅଭିବୃଦ୍ଧି ପାଇଁ ସହାୟ ହୋଇଛି। ଟେକ୍ନୋଲୋଜି ପାର୍କ, ଫାଇବର ଅପଟିକ ସଂଯୋଗ ଏବଂ ଡିଜିଟାଲ ସ୍ୱାସ୍ଥ୍ୟ ବ୍ୟବସ୍ଥା ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ଦ୍ୱାରା ସମର୍ଥିତ ରଣନୈତିକ ବିନିଯୋଗ ସେବା ବିତରଣ କ୍ଷମତାକୁ ବିସ୍ତାର କରୁଛି। ରାଜ୍ୟ ଏଆଇ-ସକ୍ଷମ ନିରୀକ୍ଷଣ ବ୍ୟବସ୍ଥା ମାଧ୍ୟମରେ ଜନ ନିରାପତ୍ତା ଭିତ୍ତିଭୂମିକୁ ଆଧୁନିକୀକରଣ କରୁଛି। ବିଶ୍ୱ ଅର୍ଥ ଓ ପ୍ରଯୁକ୍ତି ନେଟୱାର୍କ ସହ ଓଡ଼ିଶାର ଅଂଶୀଦାରୀ ଭୁବନେଶ୍ୱରକୁ ପୂର୍ବ ଭାରତର ଫିନଟେକ ହବ୍ ଭାବରେ ବିକଶିତ କରୁଛି।

ଟେଲିକମ୍ ଉପଭୋକ୍ତା ୨୦୨୨-୨୩ର ୩.୪ କୋଟିରୁ ୨୦୨୪-୨୫ରେ ୩.୬ କୋଟିକୁ ବୃଦ୍ଧି ପାଇ ସମଗ୍ର ରାଜ୍ୟରେ ଡିଜିଟାଲ ବ୍ୟବହାରରେ ବୃଦ୍ଧି ଦେଖାଇଛି। ଓଡ଼ିଶା ଏହି ଅବଧିରେ ଦେଶରେ ଉପଭୋକ୍ତା ପଞ୍ଜୀକରଣରେ ସର୍ବଦ୍ରୁତ ବୃଦ୍ଧି ହାର ଦେଖାଇଛି। ଓଡ଼ିଶାରେ ଟେଲି ଘନତା (ବେତାର) ମାର୍ଚ୍ଚ ୨୦୨୨ର ୭୩.୬୪ ପ୍ରତିଶତରୁ ମାର୍ଚ୍ଚ ୨୦୨୫ରେ ୭୮.୭୮ ପ୍ରତିଶତକୁ ବୃଦ୍ଧି ପାଇଛି, ଯେଉଁଠାରେ ଗ୍ରାମାଞ୍ଚଳ, ସହରାଞ୍ଚଳ ତୁଳନାରେ ଅଧିକ ବୃଦ୍ଧି ଦେଖାଇଛି। ଇଣ୍ଟରନେଟ ଘନତା ଅଧିକ ଭାବେ ଉନ୍ନତି ହୋଇ ୪୭.୩୧ ପ୍ରତିଶତରୁ ୫୮.୦୦ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଗ୍ରାମୀଣ ଇଣ୍ଟରନେଟ ଉପଭୋକ୍ତାଙ୍କ ୨୫ ପ୍ରତିଶତ ବୃଦ୍ଧି ଦ୍ୱାରା ହୋଇଛି। ସହରୀ ଇଣ୍ଟରନେଟ ଘନତା ପ୍ରତି ୧୦୦ ଜନସଂଖ୍ୟା ପିଛା ୧୦୦ ଅତିକ୍ରମ କରିଛି, ଯାହା ପ୍ରାୟ ଶୀର୍ଷରେ ପହଞ୍ଚିଛି।

## ଓଡ଼ିଶା ବିପର୍ଯ୍ୟୟ ପରିଚାଳନା



ଓଡ଼ିଶା ଯୋଜନା, ଟେକ୍ନୋଲୋଜି ଏବଂ ସମୁଦାୟିକ ଯୋଗଦାନ ମାଧ୍ୟମରେ କ୍ରମାଗତ ଭାବେ ଏକ ଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ନିର୍ମାଣ କରିଛି। ରାଜ୍ୟ ODRAF ବାଟାଲିୟନ, ଉନ୍ନତ ଆଶ୍ରୟସ୍ଥଳ ଏବଂ ଉନ୍ନତ ପ୍ରାରମ୍ଭିକ ଚେତାବନୀ ପ୍ରଣାଳୀ ଦ୍ୱାରା ଶୂନ୍ୟ ମୃତ୍ୟୁ ମିଶନ ଅନୁସରଣ କରୁଛି। ଡପ୍ଲର ରେଡାର, ସତର୍କତା ଟାୱାର ଏବଂ 'ସତର୍କ' ପରି ଡିଜିଟାଲ ପ୍ଲାଟଫର୍ମ ସହିତ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଶକ୍ତିଶାଳୀ କରୁଛି। ପ୍ରଶିକ୍ଷିତ ସ୍ୱେଚ୍ଛାସେବୀ, ବିଦ୍ୟାଳୟ କାର୍ଯ୍ୟକ୍ରମ, ମକ୍ ଡ୍ରିଲ୍ ଏବଂ ସମର୍ଥ ନାଗରିକ ପ୍ଲାଟଫର୍ମ ମାଧ୍ୟମରେ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଓଡ଼ିଶା ଲିଙ୍ଗ ସମାବେଶୀ ପ୍ରଶିକ୍ଷଣ, ଶିଳ୍ପ ନିରାପତ୍ତା କାର୍ଯ୍ୟକ୍ରମ ଏବଂ ଯୁବ ଆପଦ ମିତ୍ର ଯୋଜନା ମାଧ୍ୟମରେ ଦକ୍ଷତା ନିର୍ମାଣ କରୁଛି। ସାପ କାମୁଡ଼ା, ବଜ୍ରପାତ ଏବଂ ସାର୍ପ ଆପ୍ ପରି ଡିଜିଟାଲ ଉପକରଣ ମାଧ୍ୟମରେ ସ୍ଥାନୀୟ ବିପଦର ସମାଧାନ କରୁଛି। ଏହି ପ୍ରୟାସଗୁଡ଼ିକ ଏକ ତିନି ସ୍ତରୀୟ ବ୍ୟବସ୍ଥା ଗଠନ କରେ ଯାହା ହଜାରେ ଗାଁକୁ ଦ୍ରୁତ ଏବଂ ନିରାପଦ ଭାବେ ଅଭିହିତ କରିବାକୁ ସକ୍ଷମ କରେ। ଓଡ଼ିଶାର ଏହି ଆଭିମୁଖ୍ୟ ଦର୍ଶାଏ ଯେ କିପରି ଟେକ୍ନୋଲୋଜି, ପ୍ରଶିକ୍ଷଣ ଏବଂ ଜନ ସହଯୋଗ ଏକ ଅସୁରକ୍ଷିତ ଅଞ୍ଚଳକୁ ସ୍ଥିତିସ୍ଥାପକ ମଡେଲରେ ରୂପାନ୍ତରିତ କରିପାରିବ।

অধ্যায়

# ମାନବ ସମ୍ବଳ: ଜନସଂଖ୍ୟା, ଶିକ୍ଷା ଓ ଦକ୍ଷତା ବିକାଶ

## ଜନସଂଖ୍ୟା ସମ୍ବନ୍ଧିତ ଲାଭାଂଶ ଓ ପରିବର୍ତ୍ତନ

ଓଡ଼ିଶା ବର୍ତ୍ତମାନ ଏକ ଜନସଂଖ୍ୟା ଅନୁକୂଳ ଅବଧି ମଧ୍ୟରେ ରହିଛି । ଏହାର ଜନସଂଖ୍ୟାର ପ୍ରାୟ ୬୯.୪ ପ୍ରତିଶତ (୧୫-୬୪ ବର୍ଷ) ବୟସ ବର୍ଗର କର୍ମଜୀବି ଅଟନ୍ତି। ଏହି ଜନସଂଖ୍ୟା ଏକ ଗୁରୁତ୍ୱପୂର୍ଣ୍ଣ ଜନଉପଯୋଗୀ ଲାଭାଂଶ ସୁଯୋଗ ତିଆରି କରୁଛି ଯାହା ୨୦୩୬ ପର୍ଯ୍ୟନ୍ତ ଜାରି ରହିବ । ଜନସଂଖ୍ୟା ସମ୍ବନ୍ଧିତ ଲାଭାଂଶର ଫାଇଦା ପାଇବା ପାଇଁ ମାନବ ସମ୍ବଳ ବିକାଶରେ ପୁଞ୍ଜି ବିନିଯୋଗକୁ ତ୍ୱରାନ୍ୱିତ କରିବା ଆବଶ୍ୟକ । ଗୁଣାତ୍ମକ ଶିକ୍ଷା, ଶିଳ୍ପ-ସଂଯୁକ୍ତ ଦକ୍ଷତା ଓ ମହିଳାଙ୍କ ଅର୍ଥନୈତିକ ଅଂଶଗ୍ରହଣକୁ ମଜବୁତ କରିବା ଏବଂ ଉତ୍ପାଦନକାରୀ ନିଯୁକ୍ତି ସୃଷ୍ଟି କରିବା ଏହାର ଲକ୍ଷ୍ୟ।

୨୦୧୧ ମସିହାରେ ଓଡ଼ିଶାର ଜନସଂଖ୍ୟାର ପ୍ରାୟ ୨୮.୮ ପ୍ରତିଶତ ଶିଶୁ (୦-୧୪ ବର୍ଷ ବୟସ) ଥିବା ବେଳେ ୨୦୩୬ ସୁଦ୍ଧା ଏହି ସଂଖ୍ୟା ମୋଟ ଜନସଂଖ୍ୟାର ୧୮.୯ ପ୍ରତିଶତକୁ ହ୍ରାସ ପାଇବାର ସମ୍ଭାବନା ରହିଛି। ସମାନ ସମୟ ମଧ୍ୟରେ, କାର୍ଯ୍ୟକ୍ଷମ ବୟସ ଗୋଷ୍ଠୀ (୧୫-୬୪ ବର୍ଷ) ମୋଟ ଜନସଂଖ୍ୟାର ୬୫.୧ ପ୍ରତିଶତରୁ ୬୯.୪ ପ୍ରତିଶତକୁ ବୃଦ୍ଧି ପାଇବ। ୨୦୧୧ରୁ ୨୦୩୬ ମଧ୍ୟରେ ଓଡ଼ିଶାର କାର୍ଯ୍ୟରତ ଜନସଂଖ୍ୟା (୧୫-୬୪ ବର୍ଷ ବୟସ) ପ୍ରାୟ ୨.୭ କୋଟିରୁ ୩.୪ କୋଟିକୁ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହି କ୍ରମବର୍ଦ୍ଧିଷ୍ଣୁ କାର୍ଯ୍ୟ-ବୟସ ଭାଗିଦାରୀ ଓଡ଼ିଶାର ଜନସଂଖ୍ୟା ଲାଭାଂଶକୁ ଚିହ୍ନିତ କରଛି,ଯାହା ଶ୍ରମଶକ୍ତିରେ ଅଧିକ ଲୋକ ରହିଲେ ରାଜ୍ୟ ଲାଭବାନ ହୋଇପାରିବ ।

ଓଡ଼ିଶାରେ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ ପାଉଛି, ଯାହା ଜନସଂଖ୍ୟା ପରିପକ୍ୱତା ଆଡ଼କୁ ଗତି କରିବାର ସଙ୍କେତ ଦେଉଛି। ୨୦୧୧ରେ ୪.୨୦ କୋଟି (୨୦୨୬ରେ ୪.୭ କୋଟି) ଥିବା ଏହି ରାଜ୍ୟର ଜନସଂଖ୍ୟା ୨୦୩୬ ସୁଦ୍ଧା ୪.୯୦ କୋଟିରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଅଭିବୃଦ୍ଧି ହାର ୨୦୧୧-୨୦୨୧ରେ ୮.୮ ପ୍ରତିଶତରୁ ୨୦୩୧-୨୦୩୬ରେ ମାତ୍ର ୧.୪ ପ୍ରତିଶତକୁ ହ୍ରାସ ପାଇବ। ପୁରୁଷ-ମହିଳା ଜନସଂଖ୍ୟା ବ୍ୟବଧାନ ହ୍ରାସ ପାଉଛି ଏବଂ ୨୦୩୬ ସୁଦ୍ଧା ସମ୍ପୂର୍ଣ୍ଣ ଲିଙ୍ଗଗତ ସମ୍ମିଶ୍ରଣ ଆଶା କରାଯାଉଛି, ଯାହା ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଲିଙ୍ଗଗତ ସମାନତା ପଦକ୍ଷେପରେ ଅଗ୍ରଗତିକୁ ପ୍ରତିଫଳିତ କରୁଛି ।

'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଏବଂ 'ମୋ ଗେହ୍ଲା ଝିଅ' ଭଳି ପଦକ୍ଷେପ କାର୍ଯ୍ୟକାରୀ ହେବା କାରଣରୁ ରାଜ୍ୟରେ ଲିଙ୍ଗ ଅନୁପାତରେ ଉନ୍ନତି ଘଟିଛି । ୨୦୨୧-୨୩ ମଧ୍ୟରେ ରାଜ୍ୟରେ ପ୍ରତି ୧୦୦୦ ଜଣ ପୁଅରେ ୯୨୩ ଜଣ ଝିଅ ଜନ୍ମହୋଇ ଲିଙ୍ଗ ଅନୁପାତରେ ରେକର୍ଡ କରିଛନ୍ତି, ଯାହା ଜାତୀୟ ହାରାହାରି ୯୧୭ ଠାରୁ ଅଧିକ।

## ଗୁଣାତ୍ମକ ଶିକ୍ଷା

ପ୍ରାରମ୍ଭିକ ଶୈଶବ ଶିକ୍ଷା ଏବଂ ଗୁଣାତ୍ମକ ବିଦ୍ୟାଳୟ ଓ ଉଚ୍ଚଶିକ୍ଷା ଠାରୁ ଆରମ୍ଭ କରି ଉନ୍ନତ ଦକ୍ଷତା ଏବଂ ଉଦ୍ୟମ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଦିଗ ଉପରେ ବ୍ୟାପକ ଧ୍ୟାନ ଦେଇ ଓଡିଶା ମାନବ ସମ୍ବଳ ବିକାଶ ପାଇଁ ଏକ ସମନ୍ୱିତ ଆଭିମୁଖ୍ୟ ଗ୍ରହଣ କରିଛି । ରାଜ୍ୟ ତରଫରୁ ଏହି ନିରବଚ୍ଛିନ୍ନ ପ୍ରଚେଷ୍ଟା ସୂଚାଇ ଦିଏ ଯେ ବ୍ୟକ୍ତିବିଶେଷ ଏକ ଦ୍ରୁତ ବିକାଶଶୀଳ ଅର୍ଥନୀତିରେ ଉନ୍ନତି ପାଇଁ ଆବଶ୍ୟକ ମୌଳିକ ଜ୍ଞାନ, ବୈଷୟିକ ଦକ୍ଷତା ଇତ୍ୟାଦି ଉପଲବ୍ଧ ହେଉଛନ୍ତି ।

## ପ୍ରାରମ୍ଭିକ ଶୈଶବ ବିକାଶ

ତମାମ ଜୀବନକାଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦୈନନ୍ଦିନ ସ୍ୱାଚ୍ଛନ୍ଦ୍ୟ ପାଇଁ ଶିଶୁ ଜୀବନର ପ୍ରଥମ ହଜାର ଦିନର ଭୂମିକାକୁ ଓଡିଶା ରାଜ୍ୟ ତରଫରୁ ସ୍ୱୀକୃତି ଦେଇ ପ୍ରାରମ୍ଭିକ ଶୈଶବ ବିକାଶ (ଇସିଡି) ଉପରେ ଅଧିକ ଧ୍ୟାନଦେଇଛି । "ନୂଆ ଅରୁଣିମା" ପାଠ୍ୟକ୍ରମ ଏବଂ "ଆମ କୁନି ପିଲା" ଭଳି ପଦକ୍ଷେପ ଦୃଢ଼ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି, ଯାହା ଖେଳ-

ଆଧାରିତ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଗୁଣାତ୍ମକ ପ୍ରାଥମିକ ଶିକ୍ଷା ପ୍ରଦାନ କରିବା ଏବଂ ଆନୁଷ୍ଠାନିକ ଶିକ୍ଷାକୁ ସୁଗମ କରିବା ପାଇଁ ଓଡିଶା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୪୫,୦୦୦ ଶିଶୁ ବାଟିକା ପ୍ରତିଷ୍ଠା କରିଛି । ଏହି କେନ୍ଦ୍ରଗୁଡ଼ିକ ୧୭ଟି ଆଦିବାସୀ ଭାଷାରେ ମାତୃଭାଷା ଶିକ୍ଷା ପ୍ରଦାନ କରି ସାଂସ୍କୃତିକ ଭାବରେ ଉପଯୁକ୍ତ ଶୈକ୍ଷିକ ପରିବେଶ ସୃଷ୍ଟି କରିଛି ।

## ବିଦ୍ୟାଳୟ ଶିକ୍ଷା

ସମସ୍ତ ପିଲାଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ସୁଯୋଗ ଯୋଗାଇବା ପାଇଁ ଓଡିଶା ଏହାର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ରାଜ୍ୟ ବିଦ୍ୟାଳୟ ଶିକ୍ଷା ବଜେଟ ୨୦୨୩-୨୪ରେ ଥିବା ୨୨,୫୨୭ କୋଟି ଟଙ୍କାରୁ ବୃଦ୍ଧିପାଇ ୨୦୨୫-୨୬ରେ ୩୧,୧୮୫ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ତିନି ବର୍ଷ ମଧ୍ୟରେ ୩୮.୪ ପ୍ରତିଶତ ଅଭିବୃଦ୍ଧିକୁ ଦର୍ଶାଉଅଛି। ଏହି ବିନିଯୋଗ ସମସ୍ତ ୬୧,୫୬୫ ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ପରିବେଶ ସୃଷ୍ଟି କରିଥିଲା, ଯେଉଁଠାରେ ବର୍ତ୍ତମାନ ବିଦ୍ୟୁତ୍, ଜଳ, ପରିମଳ ଏବଂ ପାଠାଗାର ସମେତ ଅତ୍ୟାବଶ୍ୟକୀୟ ସୁବିଧା ରହିଛି। ୨୦୨୩-୨୪ ତୁଳନାରେ ଓଡ଼ିଶା ସରକାରୀ ବିଦ୍ୟାଳୟର ୨୦୨୪-୨୫ରେ କମ୍ପ୍ୟୁଟର ସୁବିଧା ୨୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୮୪ ପ୍ରତିଶତ ବିଦ୍ୟାଳୟରେ ଇଣ୍ଟରନେଟ୍ ସଂଯୋଗ ହୋଇପାରିଛି।

ଶିକ୍ଷା ସମ୍ବନ୍ଧୀୟ ମଡ୍ୟୁଲାର୍ ସର୍ଭେ (ସିଏମ୍ଏସ୍) ୨୦୨୫ ଅନୁଯାୟୀ, ସରକାରୀ ବିଦ୍ୟାଳୟଗୁଡ଼ିକ ରାଜ୍ୟରେ ୮୦.୮ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି, ଯେତେବେଳେ କି ଜାତୀୟ ସ୍ତରରେ ଏହା ମାତ୍ର ୫୫.୯ ପ୍ରତିଶତ ଅଟେ। ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ସମ୍ବନ୍ଧୀୟ ଦକ୍ଷତା ସୁନିଶ୍ଚିତ କରିବା ପାଇଁ ରାଜ୍ୟ 'ଓଡ଼ିଶା ନିପୁଣ ମିଶନ' ଆରମ୍ଭ କରିଛି। ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଭଳି ପଦକ୍ଷେପ ଦ୍ୱାରା ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ମଡେଲ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଶିକ୍ଷା ବ୍ୟବଧାନକୁ ଦୂର କରିବା ଏବଂ ଦୁର୍ଗମ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷାର ପ୍ରସାରକୁ ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯାଇଛି।

ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଛାତ୍ର-ଶିକ୍ଷକ ଅନୁପାତରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ଏବଂ ସର୍ବଭାରତୀୟ ସ୍ତର ତୁଳନାରେ ଏହା ଅଧିକ ଅଟେ। ଓଡ଼ିଶାରେ ବିଭିନ୍ନ ଶିକ୍ଷାଗତ ସ୍ତରରେ ଛାତ୍ରଛାତ୍ରୀଙ୍କ ନାମଲେଖାରେ ସକରାତ୍ମକ ଧାରା ଦେଖାଯାଇଛି। ୨୦୨୪-୨୫, ୟୁଡାଇଜଡ୍+ ରିପୋର୍ଟ ଅନୁଯାୟୀ ମଧ୍ୟମ ଏବଂ ମାଧ୍ୟମିକ ସ୍ତରରେ ମୋଟ ନାମଲେଖା ଅନୁପାତ (ଜିଇଆର)ରେ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି, ଯାହା ଉନ୍ନତ ଉପଲବ୍ଧି ଏବଂ ଧାରଣ ସକ୍ଷମତାକୁ ପ୍ରତିନିଧିତ୍ୱ କରୁଛି। ମାଧ୍ୟମିକ ସ୍ତରରେ ଡ୍ରପଆଉଟ୍ ୨୦୨୨-୨୩ରେ ୧୦.୩ ପ୍ରତିଶତରୁ ହ୍ରାସ ପାଇ ୨୦୨୪-୨୫ରେ ୯.୮ ପ୍ରତିଶତ ହୋଇଛି।

## ଉଚ୍ଚଶିକ୍ଷା ଓ ଗବେଷଣା

ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟୁଛି। ଉପଲବ୍ଧି ସମ୍ପ୍ରସାରଣ କରିବା, ଗୁଣବତ୍ତାରେ ଉନ୍ନତି ଆଣିବା ଏବଂ ଗବେଷଣା ଓ ନବସୃଜନକୁ ପ୍ରୋତ୍ସାହନ ଦେବା ଉପରେ ଅଧିକ ଧ୍ୟାନ ଦିଆଯାଉଛି । ସରକାରୀ ଏବଂ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ବିଶେଷ ଶିକ୍ଷକ ଶିକ୍ଷା କେନ୍ଦ୍ର ସମେତ ସରକାରୀ କ୍ଷେତ୍ରରେ ୧,୧୦୦ ଉଚ୍ଚଶିକ୍ଷା ଅନୁଷ୍ଠାନ ରହିଛି। ଏକାଡେମିକ୍ ସ୍ୱାୟତ୍ତତା ବୃଦ୍ଧି, ନିଷ୍ପତ୍ତି ଗ୍ରହଣକୁ ଶୃଙ୍ଖଳିତ କରିବା ଏବଂ ଏକାଡେମିକ୍ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ଶାସନ ଅନେକ ସଂସ୍କାର ଆଣିଛି।

୨୦୨୧-୨୨ରେ ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ (ଜିଇଆର) ୨୨.୧ ପ୍ରତିଶତରେ ପହଞ୍ଚିଥିଲା, ଯାହା ଜାତୀୟ ହାରଠାରୁ ସାମାନ୍ୟ କମ୍। ଓଡ଼ିଶା ଏହାର ଦୀର୍ଘମିଆଦୀ ବିକାଶ ଲକ୍ଷ୍ୟ ସହିତ ସମାନ ଭାବରେ ୨୦୨୯ ସୁଦ୍ଧା ଜିଇଆରକୁ ୩୫ ପ୍ରତିଶତକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଛାତ୍ରଛାତ୍ରୀଙ୍କୁ ଉନ୍ନତ ପ୍ରଶିକ୍ଷଣ, ଇଣ୍ଟର୍ଣ୍ଣସିପ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ସୁଯୋଗ ପ୍ରଦାନ କରି ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ସଂଯୋଗକୁ ସୁଦୃଢ଼ କରିବା ଲାଗି ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ସେଣ୍ଟର ଅଫ ଏକ୍ସଲେନ୍ସ (ସିଓଇଏସ) ପ୍ରତିଷ୍ଠା କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ନିଯୁକ୍ତି ପାଇବା ଏବଂ ନୂତନ ଉଦ୍ୟୋଗ ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ରାଜ୍ୟ ୨୬ଟି ଗବେଷଣା କେନ୍ଦ୍ର,

୩୫ଟି ଷ୍ଟାର୍ଟଅପ୍ ହବ୍ ପ୍ରତିଷ୍ଠା କରିଛି। 'ମୁଖ୍ୟମନ୍ତ୍ରୀ ଗବେଷଣା ଏବଂ ନବସୃଜନ କାର୍ଯ୍ୟକ୍ରମ'(ଏମଆରଆଇପି) ଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଗବେଷଣା ଏବଂ ଉଦ୍ଭାବନ ପଦକ୍ଷେପ ପାଇଁ ପାଣ୍ଠି ବିନିଯୋଗ ହେଉଛି, ଅଧ୍ୟାପକ ଏବଂ ପିଏଚଡି ସ୍କଲାରମାନଙ୍କୁ ଉତ୍ସାହିତ କରିବା ତଥା ଆନ୍ତଃବିଭାଗୀୟ ପ୍ରକଳ୍ପ ଗୁଡିକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଅଟେ।

## ଦକ୍ଷତା ବିକାଶ ଏବଂ ଶିକ୍ଷା ପ୍ରିମିୟମ



ଦ୍ରୁତ ପରିବର୍ତ୍ତନଶୀଳ ଅର୍ଥନୀତିରେ ରୋଜଗାର ଏବଂ ଉଦ୍ୟୋଗ ପାଇଁ ଆବଶ୍ୟକ ଦକ୍ଷତା ସହିତ ଯୁବକମାନଙ୍କୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ, ଦକ୍ଷତା ବିକାଶ ପାଇଁ ଆମରାଜ୍ୟ ଏକ ବ୍ୟାପକ ଏବଂ ବହୁସ୍ତରୀୟ ଆଭିମୁଖ୍ୟ ଗ୍ରହଣ କରିଛି। ରାଜ୍ୟର ଦକ୍ଷତା ଇକୋସିଷ୍ଟମ, ସ୍ୱଳ୍ପକାଳୀନ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ଦୀର୍ଘକାଳୀନ ଧନ୍ଦାମୂଳକ ପ୍ରଶିକ୍ଷଣ, ଉଚ୍ଚ ବୈଷୟିକ ଶିକ୍ଷା ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ର ପର୍ଯ୍ୟନ୍ତ ଏହା ବ୍ୟାପିଛି । ୭୨ଟି ସରକାରୀ ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇ.ଟି.ଆଇ.), ୩୫ଟି ସରକାରୀ ପଲିଟେକ୍ନିକ୍ ଏବଂ ୮୨ଟି ଦକ୍ଷତା ବିକାଶ କେନ୍ଦ୍ରକୁ ନେଇ ରାଜ୍ୟ ଏକ ଦୃଢ଼ ସଂସ୍ଥାଗତ ଆଧାରକୁ ସୃଷ୍ଟି କରୁଛି ।




ଓଡ଼ିଶାସ୍ଥିତ ୱାର୍ଲ୍ଡ ସ୍କିଲ୍ ସେଣ୍ଟର (ଡବ୍ଲ୍ୟୁଏସସି) ହେଉଛି ଏକ ପ୍ରମୁଖ ଅନୁଷ୍ଠାନ ଯାହା ଯୁବକମାନଙ୍କୁ ଉନ୍ନତ ଦକ୍ଷତା ତାଲିମ ଏବଂ ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରିଥାଏ । ଏହା ସେମାନଙ୍କର ନିଯୁକ୍ତି ଏବଂ ଉଦ୍ୟୋଗୀ କ୍ଷମତାକୁ ବୃଦ୍ଧି କରିଥାଏ । ଏହି କେନ୍ଦ୍ରରେ ୯୦% ରୁ ଅଧିକ ପ୍ଲେସମେଣ୍ଟ ହାର ରହିଛି, ଯାହା ଏହାର ଦୃଢ ଶିଳ୍ପ ସଂଯୋଗ ଏବଂ ପ୍ରଭାବଶାଳୀ ତାଲିମ କାର୍ଯ୍ୟକ୍ରମକୁ ପ୍ରତିଫଳିତ କରେ । ଡବ୍ଲୁଏସସିର ସଫଳତା ସହିତ ରାଜ୍ୟ ବ୍ରହ୍ମପୁର ଏବଂ ସମ୍ବଲପୁରରେ ଦୁଇଟି ଅତିରିକ୍ତ ଡବ୍ଲୁଏସସି କ୍ୟାମ୍ପସ ପ୍ରତିଷ୍ଠାକୁ ଅନୁମୋଦନ କରିଛି । ରାଜ୍ୟରେ ଉନ୍ନତ କୌଶଳ ବିକାଶ ପାଇଁ ମଧ୍ୟ ଓଡିଶା ପ୍ରଚେଷ୍ଟା କରୁଛି।

ଡିଜିଟାଲ ଦକ୍ଷତା ରାଜ୍ୟର ମାନବ ପୁଞ୍ଜି ନୀତିର ଏକ ପ୍ରମୁଖ ସ୍ତମ୍ଭ ଭାବରେ ଉଭା ହୋଇଛି, ଯାହା ଅର୍ଥନୈତିକ କାର୍ଯ୍ୟକଳାପରେ ପ୍ରଯୁକ୍ତିର ବଢୁଥିବା ଭୂମିକାକୁ ପ୍ରତିଫଳିତ କରୁଛି । ସମସ୍ତ ଡିଗ୍ରୀ କଲେଜରେ କୋର୍ସେରା ସହଭାଗିତାରେ ରାଜ୍ୟ ଅନଲାଇନ ପାଠ୍ୟକ୍ରମ ଯୋଗାଇ ଦେଉଛି, ଯାହା ଛାତ୍ରଛାତ୍ରୀଙ୍କୁ ଶିଳ୍ପ ସମ୍ବନ୍ଧୀୟ ଦକ୍ଷତା ହାସଲ କରିବାରେ ସାହାଯ୍ୟ କରୁଛି।

ରାଜ୍ୟରେ ଦକ୍ଷତା ବିକାଶ, ଶିକ୍ଷା ଓ କ୍ୟାରିଅର୍ ସୁଯୋଗକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀ ସଫ୍ଟ ସ୍କିଲ୍ ଓ ପ୍ରୋମୋଟିଂ ଇନୋଭେସନ୍, ରିସର୍ଚ୍ଚ ଆଣ୍ଡ ଏକ୍ସଲେନ୍ସ (ସିଏମ୍-ଆସ୍ପିଆ) ଯୋଜନା କାର୍ଯ୍ୟକାରୀ କରିଛି। ଏହି ଯୋଜନା ନିଯୁକ୍ତି ପ୍ରଶିକ୍ଷଣ, ଦ୍ୱୈତ ପ୍ରମାଣପତ୍ର, ଗବେଷଣା ଫେଲୋସିପ୍ ଏବଂ ବାର୍ଷିକ ଦକ୍ଷତା ପୁରସ୍କାର ମାଧ୍ୟମରେ ଦକ୍ଷତା ଏବଂ ଶିକ୍ଷାକୁ ମଜବୁତ କରିଥାଏ। ଏହା ଯୁବକମାନଙ୍କୁ ସଶକ୍ତ କରିବା ପାଇଁ ଚାକିରି ଡ୍ରାଇଭ୍, ୱେବିନାର, ପରିଦର୍ଶନ ଏବଂ ଲାଇବ୍ରେରୀ ସହିତ ମଡେଲ୍ କ୍ୟାରିୟର ସେଣ୍ଟରକୁ ମଧ୍ୟ ପୁର୍ନଜୀବିତ କରିଥାଏ।

ପିରିୟଡିକ୍ ଲେବର ଫୋର୍ସ ସର୍ଭେ ୨୦୨୪ ତଥ୍ୟ ଅନୁଯାୟୀ, ଓଡିଶାରେ ଶିକ୍ଷା ଏବଂ ପ୍ରଶିକ୍ଷଣ, ନିୟମିତ ବେତନଭୋଗୀ କର୍ମଚାରୀଙ୍କ ଆୟକୁ ଯଥେଷ୍ଟ ବୃଦ୍ଧି କରିଥାଏ। ବିନା ତାଲିମପ୍ରାପ୍ତ ଓ ନିମ୍ନ ଶିକ୍ଷାକୁ ଆଧାର ଭାବରେ ବ୍ୟବହାର କରି, ଏହା ଦେଖାଯାଇଛି ଯେ ହାରାହାରି ଆୟ ନିମ୍ନ ଶିକ୍ଷାରୁ ଉଚ୍ଚଶିକ୍ଷା ସ୍ତରକୁ ଧୀରେ ଧୀରେ ବୃଦ୍ଧି ପାଇଥାଏ ଏବଂ ତାଲିମ କ୍ରମାଗତ ଭାବରେ ଶିକ୍ଷା ସ୍ତରରେ ଏକ ପ୍ରିମିୟମ୍ ଯୋଗ କରେ। ଉଦାହରଣ ସ୍ୱରୂପ, ତାଲିମ ସହିତ ନିମ୍ନ ଶିକ୍ଷା ମୂଳ ସ୍ତରର ଶିକ୍ଷାର ୧.୪ ଗୁଣ ପ୍ରଦାନ କରୁଥିବାବେଳେ ମଧ୍ୟମିକ ଶିକ୍ଷାରେ ପ୍ରିମିୟମ ମୂଳ ସ୍ତରର ୨ ଗୁଣ ପର୍ଯ୍ୟନ୍ତ ପହଞ୍ଚିଥାଏ। ସାଧାରଣ ଉଚ୍ଚଶିକ୍ଷାରେ, ପ୍ରିମିୟମ ୩.୭ ଗୁଣକୁ ବୃଦ୍ଧି ପାଇଥାଏ ଏବଂ ବୈଷୟିକ ଉଚ୍ଚଶିକ୍ଷା ମୂଳ ସ୍ତରର ଆୟର ୫.୧ ଗୁଣ ବୃଦ୍ଧି ପାଇଥାଏ। ଏହା ଦର୍ଶାଏ ଯେ, ଯେତେବେଳେ ଶିକ୍ଷା କେବଳ ଆୟ ବୃଦ୍ଧି କରେ, ଏହାକୁ ତାଲିମ ସହିତ ବିଶେଷ ଭାବରେ ବୈଷୟିକ ଶିକ୍ଷା ସହିତ ମିଶ୍ରଣ କରିବା ଦ୍ୱାରା ସର୍ବାଧିକ ଲାଭ ପ୍ରଦାନ କରେ। ଏହା ଦକ୍ଷତା ବିକାଶ, ଶିକ୍ଷା ଏବଂ ଅର୍ଥନୈତିକ ସଶକ୍ତିକରଣ ମଧ୍ୟରେ ଦୃଢ ସମ୍ପର୍କକୁ ଦର୍ଶାଉଅଛି।

## କ୍ରୀଡା ବିକାଶ



କ୍ରୀଡ଼ା ଭିତ୍ତିଭୂମି ଏବଂ ଆଥଲେଟ୍ ବିକାଶରେ ବ୍ୟାପକ ପୁଞ୍ଜି ବିନିଯୋଗ ମାଧ୍ୟମରେ ଓଡ଼ିଶା "ଭାରତର କ୍ରୀଡ଼ା ରାଜଧାନୀ" ଭାବରେ ଉଭା ହୋଇଛି। ଅଲ୍ ଇଣ୍ଡିଆ ପୋଲିସ୍ ହକି ଚାମ୍ପିଅନସିପ୍ ଏବଂ ସିନିୟର ନ୍ୟାସନାଲ ଆକ୍ୱାଟିକ୍ ଚାମ୍ପିଅନସିପ୍ ଭଳି ପ୍ରମୁଖ ଜାତୀୟ ଟୁର୍ଣ୍ଣାମେଣ୍ଟ ସହିତ ୨୦୨୫ରେ ରାଜ୍ୟ ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଏବଂ ଆଇ.ଟି.ଟି.ଏଫ୍. - ଏ.ଟି.ଟି.ୟୁ. ଏସିଆନ୍ ଚାମ୍ପିଅନସିପ୍ ଭଳି ପ୍ରମୁଖ ଆନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିଛି। ଅନିମେଶ କୁଜୁର ଏବଂ ପ୍ରୀତିସ୍ମିତା ଭୋଇଙ୍କ ପରି ଆଥଲେଟ୍ ଜାତୀୟ ତଥା ବିଶ୍ୱ ରେକର୍ଡ ସ୍ଥାପନ କରିଥିବାବେଳେ ଓଡ଼ିଶା ଏହାର ପ୍ରଥମ ଜାତୀୟ ପୁରୁଷ ହକି ଚାମ୍ପିଅନସିପ୍ ଜିତିବା ସହ ନିକଟରେ ଅନୁଷ୍ଠିତ ଜାତୀୟ କ୍ରୀଡ଼ାରେ ୪୬ଟି ପଦକ ହାସଲ କରିଛି, ଯାହା ଏହାର କ୍ରମବର୍ଦ୍ଧିଷ୍ଣୁ କ୍ରୀଡ଼ା ଉତ୍କର୍ଷତାକୁ ସୂଚାଉଅଛି ।

କ୍ରିକେଟ୍, ଫୁଟବଲ, ଭଲିବଲ୍, ଆଥଲେଟିକ୍ସ ଏବଂ ଇନଡୋର କ୍ରୀଡା ସ୍ଥାନ ସମେତ ସମସ୍ତ ବ୍ଲକରେ ବ୍ୟାପକ କ୍ରୀଡ଼ା ସୁବିଧା ସୁଯୋଗ ନିର୍ମାଣ ପାଇଁ ସରକାର ୨୦୨୫-୨୬ରେ କ୍ରୀଡା ଏବଂ ଯୁବ ସେବା ପାଇଁ ୧,୩୧୯ କୋଟି ଟଙ୍କା ଆବଣ୍ଟନ କରିଛନ୍ତି । ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ ପାଇଁ ୬୦୦ କୋଟି ଟଙ୍କା ସହିତ ଛଅଟି ଜିଲ୍ଲାକୁ ଆଞ୍ଚଳିକ କ୍ରୀଡ଼ା ହବ୍ ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ରାଉରକେଲାରେ ଆଥଲେଟିକ୍ସ ଏବଂ ତୀରନ୍ଦାଜ ମାନଙ୍କ ପାଇଁ "ଉତ୍ତମ ପ୍ରଦର୍ଶନ କେନ୍ଦ୍ର" ପ୍ରତିଷ୍ଠା କରାଯାଇଛି। ଓଡ଼ିଶା କ୍ରୀଡ଼ା ନୀତି (୨୦୨୪) ଏବଂ ମୁଖ୍ୟମନ୍ତ୍ରୀଙ୍କ ଟ୍ରଫି ୨.୦ ଭଳି କାର୍ଯ୍ୟକ୍ରମ ଏକ ଲକ୍ଷରୁ ଅଧିକ କ୍ରୀଡ଼ାବିତ୍‌ଙ୍କୁ ନିୟୋଜିତ କରିଛି, ତୃଣମୂଳ ସ୍ତରର ପ୍ରତିଭାଙ୍କୁ ପ୍ରୋତ୍ସାହିତ କରୁଛି ଏବଂ ଆର୍ଥିକ ପୁରସ୍କାର ମାଧ୍ୟମରେ ଉଲ୍ଲେଖନୀୟ ପ୍ରଦର୍ଶନକାରୀଙ୍କୁ ସ୍ୱୀକୃତି ପ୍ରଦାନ କରୁଛି। ଏହି ସାମଗ୍ରିକ ଆଭିମୁଖ୍ୟ କ୍ରୀଡ଼ା ବିକାଶକୁ ସାମାଜିକ-ଅର୍ଥନୈତିକ ପ୍ରଗତି ଏବଂ ସାଂସ୍କୃତିକ ସଂରକ୍ଷଣ ସହିତ ଯୋଡୁଛି ।

ଅଧ୍ୟାୟ ୯

# ସାମାଜିକ ବିକାଶ

## ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକର ଅଗ୍ରଗତି (SDGs)

ଓଡ଼ିଶା ସରକାର ନିଜର ଶାସନ ଓ ପ୍ରଶାସନିକ ବ୍ୟବସ୍ଥାରେ ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକ (SDGs) କୁ ସ୍ଥାନୀୟକରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଜାତୀୟ ପ୍ରାଥମିକତା ସହ ରାଜ୍ୟର ବିଶେଷ ଆବଶ୍ୟକତାକୁ ସମନ୍ୱୟ କରି ରାଜ୍ୟ ୩୧୧ଟି ସୂଚକ ସମ୍ମିଳିତ ଓଡ଼ିଶା SDG ସୂଚକ ଫ୍ରେମୱାର୍କ (OSIF 2.0) ଗଠନ କରିଛି। ଏହି ଫ୍ରେମୱାର୍କ ସାମାଜିକ, ଆର୍ଥିକ ଓ ପରିବେଶୀୟ ଲକ୍ଷ୍ୟଗୁଡ଼ିକରେ ଅଗ୍ରଗତି ମାପିବା ପାଇଁ ଏକ ବିସ୍ତୃତ ଉପକରଣ। ରାଜ୍ୟ ସମସ୍ତ ବିଭାଗ ଓ ଜିଲ୍ଲାସ୍ତରରେ ନିରନ୍ତର ବିକାଶ ଲକ୍ଷ୍ୟର ସେଲ୍ ସ୍ଥାପନ କରି SDG କାର୍ଯ୍ୟ କରିବାକୁ ସଂସ୍ଥାପିତ କରିଛି । ଯୋଜନା ଓ ସଂଯୋଜନ ବିଭାଗକୁ ନିରନ୍ତର ବିକାଶ ଲକ୍ଷ୍ୟର ନିରୀକ୍ଷଣ ଓ କାର୍ଯ୍ୟକାରିତା ପାଇଁ ନୋଡାଲ୍ ଏଜେନ୍ସି ଭାବେ ନିର୍ଦ୍ଦିଷ୍ଟ କରାଯାଇଛି। ପ୍ରଶାସନିକ ଫ୍ରେମୱାର୍କ ଢାଞ୍ଚାରେ SDG ସଚେତନତା ଓ ମାଲିକାନା ବୃଦ୍ଧି ପାଇଁ କର୍ମଶାଳା, ପ୍ରଶିକ୍ଷଣ ଏବଂ IEC (ସୂଚନା–ଶିକ୍ଷା–ଯୋଗାଯୋଗ) ଅଭିଯାନ ସହିତ ବ୍ୟାପକ ଦକ୍ଷତା ବିକାଶ ପ୍ରୟାସ ଗ୍ରହଣ କରାଯାଇଛି।

୨୦୨୦–୨୧ ରୁ ୨୦୨୩–୨୪ ମଧ୍ୟରେ ଓଡ଼ିଶା ଅନେକ ନିରନ୍ତର ବିକାଶ ଲକ୍ଷ୍ୟଗୁଡ଼ିକ (SDGs) ରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ଏବଂ NITI ଆୟୋଗର ସାମଗ୍ରିକ SDG ସୂଚକାଙ୍କରେ ଓଡ଼ିଶାର ସମୁଦାୟ ସ୍କୋର ୬୧ରୁ ୬୬କୁ ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ ବିଶେଷକରି SDG–1 (ଦାରିଦ୍ର୍ୟ ମୁକ୍ତି), SDG–8 (ମର୍ଯ୍ୟାଦାପୂର୍ଣ୍ଣ କାମ ଓ ଆର୍ଥିକ ବୃଦ୍ଧି) ଏବଂ SDG–12 (ଦାୟିତ୍ୱପୂର୍ଣ୍ଣ ଉପଭୋଗ ଓ ଉତ୍ପାଦନ)ରେ ଓଡିଶା ଉଲ୍ଲେଖନୀୟ ଅଗ୍ରଗତି ରେକର୍ଡ କରିଛି। ତଥାପି, SDG–4 (ଗୁଣାତ୍ମକ ଶିକ୍ଷା) ଓ SDG–5 (ଲିଙ୍ଗଗତ ସମାନତା)ରେ ହ୍ରାସ ସହିତ ସନ୍ତୁଳିତ ବିକାଶ ସାଧନରେ ରାଜ୍ୟ କିଛି ସମସ୍ୟାର ସମ୍ମୁଖୀନ ହୋଇଛି।

## ସ୍ଥାୟୀ ସମ୍ପତ୍ତିର ମାଲିକାନା ବୃଦ୍ଧି

ଓଡିଶାରେ ସ୍ଥାୟୀ ସମ୍ପତ୍ତି ଉପକରଣଗୁଡିକର ଘରୋଇ ମାଲିକାନାରେ ଯଥେଷ୍ଟ ବୃଦ୍ଧି ଘଟିଛି, ଯାହା ଉନ୍ନତ ଜୀବନ ଧାରଣମାନ ଏବଂ ଆର୍ଥିକ ଆତ୍ମବିଶ୍ୱାସକୁ ପ୍ରତିଫଳିତ କରେ। ୨୦୧୧-୧୨ ରୁ ୨୦୨୩-୨୪ ମଧ୍ୟରେ, ମୋଟର ସାଇକେଲର ମାଲିକାନା ଗ୍ରାମାଞ୍ଚଳରେ ପ୍ରାୟ ୧୨ ପ୍ରତିଶତରୁ ୪୪ ପ୍ରତିଶତରୁ ଅଧିକ ଏବଂ ସହରାଞ୍ଚଳରେ ୩୮ ପ୍ରତିଶତରୁ ପ୍ରାୟ ୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ମୋଟରକାର ମାଲିକାନା ମଧ୍ୟ ବୃଦ୍ଧି ପାଉଛି, ଯଦିଓ ମୋଟ ମାଲିକାନା ସ୍ତର ଏଯାବତ୍ କମ୍ ଅଟେ। ଡିଜିଟାଲ ସଂଯୋଗଶୀଳତା ମଧ୍ୟ ଦ୍ରୁତ ଗତିରେ ବିସ୍ତାରିତ ହୋଇଛି। ସେହିପରି, ସହରାଞ୍ଚଳ ପରିବାରରେ ରେଫ୍ରିଜେରେଟର (୪୬.୩ ପ୍ରତିଶତ) ଏବଂ ଏୟାର କଣ୍ଡିସନର (୩୬.୭ ପ୍ରତିଶତ) ଉଲ୍ଲେଖନୀୟ ଭାବେ ବୃଦ୍ଧି ହୋଇଛି, ଯେତେବେଳେ ଗ୍ରାମାଞ୍ଚଳର ମାଲିକାନା ମଧ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି। ଗ୍ରାମାଞ୍ଚଳରେ ମୋବାଇଲ ଫୋନ ମାଲିକାନା ପ୍ରାୟ ୫୭ ପ୍ରତିଶତରୁ ବଢ଼ି ପ୍ରାୟ ୮୬ ପ୍ରତିଶତକୁ ପହଞ୍ଚିଛି ଏବଂ ସହରାଞ୍ଚଳରେ ଏହା ପ୍ରାୟ ୮୬ ପ୍ରତିଶତରୁ ବଢ଼ି ପ୍ରାୟ ୯୫ ପ୍ରତିଶତକୁ ପହଞ୍ଚିଛି। ଏହି ଧାରାଗୁଡ଼ିକ ବ୍ୟବହାର ଢାଞ୍ଚାରେ ଏକ ଗୁଣାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି, ଯାହା ସୁବିଧା, ଉତ୍ପାଦକତା, ଏବଂ ସୂଚନା ଓ ସେବାର ପ୍ରବେଶକୁ ବୃଦ୍ଧି କରୁଥାଏ।

## ସମସ୍ତଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା

ସେବାର ଗୁଣବତ୍ତାକୁ ପ୍ରାଥମିକତା ଦେଇ ଓଡିଶା ଏହାର ସମସ୍ତ ନିବାସୀଙ୍କ ନିମନ୍ତେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ବିନିଯୋଗ କରିଛି। ଜନସ୍ୱାସ୍ଥ୍ୟ ବ୍ୟୟରେ ନିରନ୍ତର ବୃଦ୍ଧି ଘଟିଛି, ଯାହା ୨୦୧୯-୨୦ରେ ୬.୨ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪-୨୫ (ସଂଶୋଧିତ ଆକଳନ)ରେ ୧୯.୭ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି। ରାଜ୍ୟରେ ୮,୫୦୦ରୁ ଅଧିକ ଜନସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠା ସହିତ ସ୍ୱାସ୍ଥ୍ୟସେବା ସୁବିଧାକୁ ବିସ୍ତାର କରାଯାଇଛି ଏବଂ ଜିଲ୍ଲା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ଉନ୍ନତିକରଣ ପାଇଁ "ଆମ ହସ୍ପିଟାଲ"

ଯୋଜନା ଭଳି ପ୍ରମୁଖ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଯୋଜନା ଏବଂ ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନଦଣ୍ଡ (ନ୍ୟାସନାଲ କ୍ୱାଲିଟି ଆସ୍ୟୁରାନ୍ସ ଷ୍ଟାଣ୍ଡାର୍ଡ) (ଏନକ୍ୟୁଏଏସ) ସାର୍ଟିଫିକେଟ୍ ଭଳି ପଦକ୍ଷେପ ମାଧ୍ୟମରେ ଗୁଣବତ୍ତା ମାନଦଣ୍ଡକୁ ମଜବୁତ କରାଯାଇଛି, ଯାହା ୨୦୨୪-୨୫ ରେ୧,୫୯୮ ରୁ ଅଧିକ ସ୍ୱାସ୍ଥ୍ୟ ସଂସ୍ଥାକୁ ଅନ୍ତର୍ଭୁକ୍ତ କରିଛି।

ନମୁନା ନିବନ୍ଧନ ପ୍ରଣାଳୀ (ଏସ୍.ଆର.ଏସ୍) ଅନୁଯାୟୀ, ୨୦୧୯-୨୩ରେ ଓଡ଼ିଶାର ଜନସାଧାରଣଙ୍କର ହାରାହାରି ଆୟୁ ୭୦.୫ ବର୍ଷ ରେକର୍ଡ କରାଯାଇଛି, ଯାହା ଜାତୀୟ ହାରାହାରି ଆୟୁ ୭୦.୩ ବର୍ଷରୁ ଅଧିକ ଅଟେ। ୨୦୦୯-୧୩ ଅବସରରେ ଏହା ୬୪.୮ ବର୍ଷ ଥିବାବେଳେ ୨୦୧୯-୨୩ ଅବଧିରେ ୭୦.୫ ବର୍ଷକୁ ବୃଦ୍ଧି ପାଇ ୫.୭ ବର୍ଗର ବୃଦ୍ଧି ଦର୍ଶାଇଛି।



ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରମୁଖ ସୂଚକାଙ୍କରେ ମଧ୍ୟ ରାଜ୍ୟ ଯଥେଷ୍ଟ ହ୍ରାସ ହାସଲ କରିଛି। ୨୦୧୯ ରୁ ୨୦୨୩ ମଧ୍ୟରେ ଶିଶୁ ମୃତ୍ୟୁ ହାର (ଆଇଏମ୍ ଆର୍) ପ୍ରତି ୧୦୦୦ ଜୀବିତ ଜନ୍ମରେ ୩୮ରୁ ୩୦ କୁ ହ୍ରାସ ପାଇଛି ଏବଂ ୫ ବର୍ଷରୁ କମ୍ ଶିଶୁ ମୃତ୍ୟୁ ହାର ୪୩ରୁ ୩୫କୁ ହ୍ରାସ ପାଇଛି। ମାତୃ ସ୍ୱାସ୍ଥ୍ୟ ଭିତ୍ତିଭୂମି ଏବଂ ଆନୁଷ୍ଠାନିକ ପ୍ରସବରେ ଅଗ୍ରଗତି ହୋଇଥିବା ବେଳେ ମାତୃ ମୃତ୍ୟୁ ହାର (ଏମଏମଆର) ହ୍ରାସ କରିବାରେ ଅଗ୍ରଗତି କ୍ରମାଗତ ରହିଛି, ଯାହା ଗୁଣାତ୍ମକ ଏବଂ ନିରନ୍ତର ସେବା ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଆଲୋକପାତ କରୁଛି। "ମମତା"-ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଏବଂ ଜନନୀ ସୁରକ୍ଷା ଯୋଜନା (ଜେଏସୱାଇ) ଭଳି ବ୍ୟାପକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ନବଜାତ ଶିଶୁ ଯତ୍ନ ଏବଂ ପୋଷଣ ପଦକ୍ଷେପକୁ ସୁଦୃଢ଼ କରିବା ସହିତ ଏହି ସ୍ୱାସ୍ଥ୍ୟ ଫଳାଫଳକୁ ଆଗକୁ ବଢ଼ାଇବା ଏବଂ ଏକ ସୁଦୃଢ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଅଛି।

ସମନ୍ୱିତ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ), ରାଜ୍ୟ ପ୍ରାୟୋଜିତ ନିଶ୍ଚିତ ସ୍ୱାସ୍ଥ୍ୟ ଯୋଜନା, ଅସହାୟ ଓ ସମ୍ବେଦନଶୀଳ ଜନ ସମୁଦାୟଙ୍କୁ ନଗଦବିହୀନ ଡାକ୍ତରଖାନା ଚିକିତ୍ସା ପ୍ରଦାନ କରି ଆର୍ଥିକ ସୁରକ୍ଷା ବୃଦ୍ଧି କରିଅଛି। ଏହି କାର୍ଯ୍ୟକ୍ରମ ନିରାମୟ ଏବଂ ନିଦାନ ପଦକ୍ଷେପ ଦ୍ୱାରା ପରିପୂର୍ଣ୍ଣ, ଯାହା ମାଗଣା ଅତ୍ୟାବଶ୍ୟକ ଔଷଧ ଏବଂ ରୋଗ ନିର୍ଣ୍ଣୟ ସେବା ଯୋଗାଇଥାଏ, ଯାହା ସମଗ୍ର ରାଜ୍ୟରେ ବ୍ୟାପକ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ସୁବିଧା ସୁନିଶ୍ଚିତ କରିଅଛି।

ବ୍ୟାପକ ଆମ୍ବୁଲାନ୍ସ ବାହିନୀ, ଏୟାର ଆମ୍ବୁଲାନ୍ସ ଏବଂ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ସମେତ ଓଡ଼ିଶା ତାହାର ଆପାତକାଳୀନ ଓ ପହଞ୍ଚ ସେବା ମାଧ୍ୟମରେ ଦୁର୍ଗମ ଏବଂ ସେବାରୁ ବଞ୍ଚିତ ଥିବା ଅଞ୍ଚଳର ଲୋକମାନଙ୍କ ପାଇଁ ଠିକ୍ ସମୟରେ ଚିକିତ୍ସା ସେବା ଯୋଗାଇଥାଏ। ଏହି ପଦକ୍ଷେପଗୁଡ଼ିକ ବିଶେଷକରି ଦୂରଦୂରାନ୍ତ ଓ ସେବାବଞ୍ଚିତ ଅଞ୍ଚଳର ଲୋକମାନଙ୍କୁ ସହାୟତା କରି ରାଜ୍ୟର ସ୍ୱାସ୍ଥ୍ୟ ପ୍ରଣାଳୀକୁ ଅଧିକ ସୁଦୃଢ ଓ ସହଜଲଭ୍ୟ କରୁଛି ।

## ଜୀବନ ଗୁଣବତ୍ତା ଏବଂ ମହିଳା ସଶକ୍ତିକରଣ



୨୦୧୯ ରୁ ୨୦୨୪ ମଧ୍ୟରେ, ସମୟ ବ୍ୟବହାର ସର୍ବେକ୍ଷଣ (ଟାଇମ୍ ୟୁଜ୍ ସର୍ଭେ) ଦର୍ଶାଉଛି ଯେ ନିଯୁକ୍ତି ଏବଂ ଶିକ୍ଷାମୂଳକ କାର୍ଯ୍ୟକଳାପରେ ମହିଳାମାନେ ଅଧିକ ସମୟ ବିନିଯୋଗ କରୁଛନ୍ତି ଏବଂ ଅବୈତନିକ ଘରୋଇ କାର୍ଯ୍ୟରେ ସମୟ ବିନିଯୋଗ ହ୍ରାସ ପାଇଛି । ଏଥି ସହିତ ବିନୋଦନ, ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକଳାପରେ ମହିଳା ମାନଙ୍କର ସମୟ ବିନିଯୋଗ ବୃଦ୍ଧି ପାଇଛି। ଏହି ସମୟରେ ପର୍ଯ୍ୟାପ୍ତ ନିଦ୍ରା ସହିତ ସ୍ୱୟଂ-ଯତ୍ନ ମହିଳାମାନଙ୍କର ସହନଶୀଳତା ଓ ଜୀବନମାନରେ ଉନ୍ନତି ଆଣୁଛି ।



୨୦୨୨ରୁ ୨୦୨୪ ମଧ୍ୟରେ ଓଡ଼ିଶାରେ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର (ଏଫ୍.ଏଲ୍.ଏଫ୍.ପି.ଆର୍) ୩୭.୬ ପ୍ରତିଶତରୁ ୪୮.୭ ପ୍ରତିଶତକୁ (୧୧ ପ୍ରତିଶତ ପଏଣ୍ଟ) ବୃଦ୍ଧି ପାଇଛି। ଏହି ଅବଧି ମଧ୍ୟରେ, ଶ୍ରମ ଶକ୍ତିର ଅଂଶଗ୍ରହଣରେ ଲିଙ୍ଗଗତ ବ୍ୟବଧାନ ହ୍ରାସ ପାଇଛି, ଯାହା ପ୍ରଭାବଶାଳୀ ନୀତିଗତ ହସ୍ତକ୍ଷେପ ଏବଂ ମହିଳାମାନଙ୍କ ଅର୍ଥନୈତିକ ସଶକ୍ତିକରଣକୁ ସମର୍ଥନ କରୁଥିବା ସାମାଜିକ ମାନଦଣ୍ଡକୁ ପ୍ରତିଫଳିତ କରୁଛି । ତଥାପି, ମହିଳା ନିଯୁକ୍ତିର ଢାଞ୍ଚା ଉନ୍ନତି ପାଇଁ ସୁଯୋଗକୁ ସୂଚାଇଥାଏ । ମହିଳା ଶ୍ରମଶକ୍ତିର ଏକ ବୃହତ ଅଂଶ (୬୯ ପ୍ରତିଶତ) କୃଷି କ୍ଷେତ୍ରରେ ନିୟୋଜିତ ଥିବାବେଳେ ମାତ୍ର ୧୭ ପ୍ରତିଶତ ଶିଳ୍ପ ଏବଂ ୧୪ ପ୍ରତିଶତ ସେବା କ୍ଷେତ୍ରରେ କାର୍ଯ୍ୟ କରନ୍ତି। କୃଷି ଉପରେ ଏହି ଅତ୍ୟଧିକ ନିର୍ଭରଶୀଳତା ବିବିଧ ଏବଂ ସ୍ଥାୟୀ ଜୀବିକା ସୁନିଶ୍ଚିତ କରିବା ପାଇଁ ଶିଳ୍ପ ଏବଂ ସେବା କ୍ଷେତ୍ରରେ ମହିଳାମାନଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବାର ଆବଶ୍ୟକତାକୁ ସୂଚିତ କରେ।

ରାଜ୍ୟ ସରକାରଙ୍କର ସୁଭଦ୍ରା ଯୋଜନା ଏବଂ ଲକ୍ଷପତି ଦିଦି ଭଳି ପଦକ୍ଷେପ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା, ମହିଳାମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତିକରଣ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ କରିଛି। ସୁଦକ୍ଷା ଏବଂ ପ୍ଲେସମେଣ୍ଟ ଲିଙ୍କଡ୍ ଟ୍ରେନିଂ ପ୍ରୋଗ୍ରାମ ଭଳି ଦକ୍ଷତା କାର୍ଯ୍ୟକ୍ରମ ବୈଷୟିକ ଶିକ୍ଷା ଏବଂ ରୋଜଗାରରେ ମହିଳାମାନଙ୍କର ଭାଗିଦାରୀ ବୃଦ୍ଧି କରିଛି। ମହିଳାମାନଙ୍କୁ କାର୍ଯ୍ୟାଳୟ ଓ ଘରୋଇ କାର୍ଯ୍ୟରେ ସନ୍ତୁଳନ ରକ୍ଷା କରିବା ପାଇଁ ଓଡ଼ିଶା ସରକାର ଗୋଷ୍ଠି କ୍ରେଚ ଓ ସୁରକ୍ଷିତ ଆବାସର ସୁବିଧା ପ୍ରଦାନ କରିଛନ୍ତି । ମହିଳାମାନଙ୍କୁ ରାତିରେ କାମ କରିବାକୁ ଅନୁମତି ଦେବାପରି ସଂସ୍କାର ଗୁଡ଼ିକ ମହିଳା ସଶକ୍ତିକରଣ ଏବଂ ସେମାନଙ୍କ ସମଗ୍ର ଜୀବନ ମାନକୁ ଉନ୍ନତ କରିବା ଭଳି ଓଡ଼ିଶାର ପ୍ରତିବଦ୍ଧତାକୁ ସୂଚାଇ ଥାଏ ।

## ମୌଳିକ ସେବା ଉପଲବ୍ଧତା

ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଅତ୍ୟାବଶ୍ୟକ ମୌଳିକ ସେବାର ଉପଲବ୍ଧତାରେ ଉନ୍ନତି ଆଣି ଉନ୍ନତ ଜୀବନଶୈଳୀ ଏବଂ ସାମାଜିକ ସମାନତା ପାଇଁ ଯୋଗଦାନରେ ଓଡ଼ିଶା ଯଥେଷ୍ଟ ଅଗ୍ରଗତି କରିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଉଭୟ ଗ୍ରାମୀଣ ଏବଂ ସହରାଞ୍ଚଳ) ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରକୁ ପକ୍କା ଘର ଯୋଗାଇବା ପାଇଁ ରାଜ୍ୟ ପ୍ରତିଶ୍ରୁତିବଦ୍ଧ । ବିଗତ ପାଞ୍ଚ ବର୍ଷ ମଧ୍ୟରେ, ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନା ଅଧୀନରେ ୧୨ ଲକ୍ଷରୁ ଅଧିକ ଗୃହ ନିର୍ମାଣ କରାଯାଇଛି, ଯାହା ସାର୍ବଜନୀନ ଗୃହ ନିର୍ମାଣ ଦିଗରେ ସ୍ଥିର ଅଗ୍ରଗତିକୁ ଦର୍ଶାଉଛି ।

ଜଳ, ପରିମଳ ଏବଂ ସ୍ୱଚ୍ଛତା (ୱାଶ୍) କ୍ଷେତ୍ରରେ ଜଳ ଜୀବନ ମିଶନ, ବସୁଧା ଯୋଜନା, ଅମୃତ ଏବଂ ସୁଜଳ ଭଳି ପଦକ୍ଷେପ ଗୁଡ଼ିକ ଓଡ଼ିଶା ୨୦୨୬ ସୁଦ୍ଧା ସମସ୍ତ ପରିବାରକୁ ପାଇପ୍ ଜଳ ସଂଯୋଗ ଯୋଗାଇବାକୁ ଲକ୍ଷ୍ୟ ରଖିଛି। ୨୦୨୬ ପ୍ରାରମ୍ଭ ସୁଦ୍ଧା, ଗ୍ରାମାଞ୍ଚଳର ପ୍ରାୟ ୭୭ ପ୍ରତିଶତ ପରିବାରରେ ଟ୍ୟାପ୍ ଜଳ ସଂଯୋଗ ରହିଅଛି, ଯାହା ୨୦୧୯ ରେ ମାତ୍ର ୩ ପ୍ରତିଶତରୁ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ଓଡ଼ିଶା ଗ୍ରାମାଞ୍ଚଳର ଖୋଲା ଶୌଚମୁକ୍ତ (ଓଡିଏଫ୍) ମାନ୍ୟତା ହାସଲ କରିବା ସହିତ ପରିମଳ ବ୍ୟବସ୍ଥାରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଘଟିଛି। ଏହି ମୂଳଦୁଆ ଉପରେ ଆଧାର କରି ଶୌଚାଳୟ ବ୍ୟବହାରକୁ ବଜାୟ ରଖିବା ଏବଂ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା (ଏସ୍ଏଲ୍ ଡବ୍ଲ୍ୟୁଏମ୍) ବୃଦ୍ଧି ଉପରେ ଧ୍ୟାନ ଦେଇ ଓଡିଏଫ୍ ପ୍ଲସ୍ ଏବଂ ଓଡିଏଫ୍ ପ୍ଲସ୍ ମଡେଲ୍ ଗ୍ରାମ ମାନ୍ୟତା ଆଡକୁ ଓଡିଶା ଅଗ୍ରସର ହୋଇଛି।

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ସ୍ୱଚ୍ଛ ରନ୍ଧନ ଇନ୍ଧନର ଉପଲବ୍ଧତା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୧ ଜୁଲାଇ ୨୦୨୫ ସୁଦ୍ଧା, ଓଡ଼ିଶାରେ ୧୦୦.୭ ଲକ୍ଷ ସକ୍ରିୟ ଘରୋଇ ଏଲପିଜି ସଂଯୋଗ ରହିଛି, ଏଥିମଧ୍ୟରୁ ପିଏମୟୁୱାଇ ଯୋଜନାରେ ପ୍ରାୟ ୫୫.୫ ଲକ୍ଷ ସଂଯୋଗ ଦିଆଯାଇଛି।

## ସାମାଜିକ ସମାନତା ଏବଂ ଅନ୍ତର୍ଭୂକ୍ତି ପ୍ରୋତ୍ସାହନ

ରାଜ୍ୟର ଦୁର୍ବଳ ଓ ଅବହେଳିତ ସମ୍ପ୍ରଦାୟର ଉନ୍ନତି ଉଦ୍ଦେଶ୍ୟରେ ସାମାଜିକ ସମାନତା ଓ ଅନ୍ତର୍ଭୂକ୍ତିକୁ ପ୍ରୋତ୍ସାହନ ଦେବା ଉପରେ ଓଡ଼ିଶା ଅଧିକ ଗୁରୁତ୍ୱାରୋପ କରିଛି। ମିଳିତ ଭାବେ ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୪୦ ପ୍ରତିଶତ ହେଉଛନ୍ତି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ସମୁଦାୟ, ଯେଉଁଥିରେ ଓଡ଼ିଶାରେ ମଧ୍ୟ ଦେଶର ସର୍ବାଧିକ ସଂଖ୍ୟକ ବିଶେଷ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି) ବାସ କରନ୍ତି। ଏହି ସମ୍ପ୍ରଦାୟ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ବାସଗୃହ ଏବଂ ସାମାଜିକ ସୁରକ୍ଷାକୁ ପରିପୂର୍ଣ୍ଣ କରିବା ପାଇଁ ରାଜ୍ୟ ଲକ୍ଷ୍ୟ ମୂଳକ ପଦକ୍ଷେପ କାର୍ଯ୍ୟକାରୀ କରୁଛି।

ଶିକ୍ଷାଗତ କାର୍ଯ୍ୟକ୍ରମଗୁଡ଼ିକ ଆବାସିକ ବିଦ୍ୟାଳୟ, ଛାତ୍ରବୃତ୍ତି ଏବଂ ବିଶେଷ ପ୍ରୋତ୍ସାହନର ଏକ ବ୍ୟାପକ ନେଟୱାର୍କ ଦ୍ୱାରା ସମର୍ଥିତ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନାମଲେଖା, ଧାରଣ ଏବଂ ଉଚ୍ଚଶିକ୍ଷା ଅଂଶଗ୍ରହଣରେ ଉନ୍ନତି ଆଣିବା ଉପରେ ଧ୍ୟାନ ଦେଇଥାଆନ୍ତି। ୨୦୨୩-୨୪ ଏବଂ ୨୦୨୪-୨୫ରେ ଅନୁସୂଚିତ ଜାତି (ଏସସି) ଏବଂ ଅନୁସୂଚିତ ଜନଜାତି (ଏସଟି) ପାଇଁ ମୋଟ ନାମାଙ୍କନ ଅନୁପାତ (ଜିଇଆର) ପ୍ରସ୍ତୁତି ଏବଂ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟାୟରେ ସର୍ବଭାରତୀୟ ଅଂଶଗ୍ରହଣକୁ ଦର୍ଶାଉଛି, ଯେଉଁଥିରେ ମୋଟ ନାମାଙ୍କନ ଅନୁପାତ ୧୦୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ । ତଥାପି, ମାଧ୍ୟମିକ ସ୍ତରରେ ନାମ ପଞ୍ଜିକରଣରେ ତୀବ୍ର ହ୍ରାସ ପାଇଛି, ଯାହା ଚାଲିଥିବା ଛାତ୍ରଧାରଣ ସମସ୍ୟାକୁ ଆଲୋକିତ କରେ। ୨୦୨୪-୨୫ରେ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ଉଚ୍ଚଶିକ୍ଷା କଲେଜରେ ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ,

ଯେଉଁମାନଙ୍କ ମଧ୍ୟରୁ ପ୍ରାୟ ୭୦,୦୦୦ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଥିଲେ, ଯାହା ସମୁଦାୟ ନାମଲେଖାର ୩୪.୩ ପ୍ରତିଶତ ଅଟେ।



ଆର୍ଥିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ଅନେକ ପଦକ୍ଷେପ ନେଇଛି। ଏଥିରେ ଦକ୍ଷତା ବିକାଶ, ନିଯୁକ୍ତି ଭିତ୍ତିକ ତାଲିମ ଏବଂ ଜୀବିକା ବୃଦ୍ଧି ମିଶନ ଅନ୍ତର୍ଭୁକ୍ତ ଯେପରିକି ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଯାହା ଆଦିବାସୀ ପରିବାର ମଧ୍ୟରେ ବିବିଧ ଜୀବିକାକୁ ଉତ୍ସାହିତ କରିଥାଏ । ପିଏଲ୍ଏଫ୍ଏସ୍ ୨୦୨୪ ଅନୁଯାୟୀ, ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଜନସଂଖ୍ୟା ରାଜ୍ୟର ମୋଟ ଶ୍ରମଶକ୍ତିର ପ୍ରାୟ ୪୬ ପ୍ରତିଶତ ଅଟେ। ୨୦୨୨ ରୁ ୨୦୨୪ ମଧ୍ୟରେ, ଶିଳ୍ପ କ୍ଷେତ୍ରରେ ସେମାନଙ୍କର ନିଯୁକ୍ତି ୨୮.୩ ପ୍ରତିଶତରୁ ୩୧.୭ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଶିଳ୍ପ ନିଯୁକ୍ତି ଆଡକୁ ସକରାତ୍ମକ ପରିବର୍ତ୍ତନର ସଙ୍କେତ ଦେଇଛି। କୃଷି କ୍ଷେତ୍ରର ଅଂଶ ୨୦୨୨ରେ ୫୫.୨ ପ୍ରତିଶତରୁ ୨୦୨୪ ରେ ୫୩.୧ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସେବା କ୍ଷେତ୍ର ୧୬.୪ ପ୍ରତିଶତରୁ ୧୫.୧ ପ୍ରତିଶତକୁ ହ୍ରାସ ପାଇଛି।



ଏହି ସମୟ ମଧ୍ୟରେ, ନିୟମିତ ବେତନଭୋଗୀ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କର୍ମଚାରୀଙ୍କ ଅଂଶ ୮ ପ୍ରତିଶତରୁ ୧୦ ପ୍ରତିଶତକୁ ବୃଦ୍ଧି ପାଇବା ସହିତ ନିଯୁକ୍ତି ଗୁଣବତ୍ତାରେ ମଧ୍ୟ ଉନ୍ନତି ଘଟିଛି। ଏଥି ସହିତ, ଆତ୍ମନିଯୁକ୍ତ ବ୍ୟକ୍ତିଙ୍କ ଅଂଶ ୬୦.୩ ପ୍ରତିଶତରୁ ୫୮.୭ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଅସ୍ଥାୟୀ ଶ୍ରମିକ ୨୦୨୨ରେ ପ୍ରାୟ ୩୧.୭ ରୁ କମି ୨୦୨୪ରେ ୩୧.୩ ପ୍ରତିଶତରେ ସ୍ଥିର ରହିଛି।



ରୂପରେଖ: ଥାର୍ଡ ଆଇ କମ୍ୟୁନିକେସନସ୍ (Third Eye Communications), ଭୁବନେଶ୍ୱର
ମୁଦ୍ରଣ: ଓଡ଼ିଶା ସରକାରୀ ମୁଦ୍ରଣାଳୟ, ମଧୁପାଟଣା, କଟକ